

ରବାଡ଼ାଙ୍କ ଉପରୁ ନିଲମ୍ବନ ହଟିଲା
ପୃଷ୍ଠା ୭


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 44 | ଭାଗ ୩୪ | ସଂଖ୍ୟା ୪୪

Bhubaneswar |Wednesday 7 May 2025 | Page 8 Rs. 4.00

● ଭୁବନେଶ୍ୱର ବୁଧବାର ୭ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଆଜି ୪ଟାରେ ବାଜିବ ସାଇରନ୍





## ୧୨ ସିଭିଲ୍ ଡିଫେନ୍ସ ଜିଲ୍ଲାରେ କାର୍ଯ୍ୟକାରୀ ହେବ

## ବେସାମରିକ ମକଡ୍ରିଲ୍ ମାଧ୍ୟମରେ ସୁରକ୍ଷା ଉଦ୍ୟମ

## ଅଧଘଣ୍ଟା ପର୍ଯ୍ୟନ୍ତ କେହି ଘରୁ ବାହାରିବେନି

## ବାହାରେ ଥିବା ଲୋକେ ନିକଟସ୍ଥ ଘରକୁ ଚାଲିଯିବେ

## ସପ୍ତାହେ ଧରି ଚାଲିବ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ଯୁଦ୍ଧ ପାଇଁ ଦେଶର ସାଧାରଣ ନାଗରିକ ଯେପରି ପ୍ରସ୍ତୁତି କରିପାରିବେ, ସେଥିସକାଶେ ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସିଭିଲ୍ ଡିଫେନ୍ସ ମକ୍‌ଡ୍ରିଲ୍ କରିବା ସକାଶେ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅନୁସାରେ, ଆସନ୍ତାକାଲି ଅପରାହ୍ଣ ୪ଟାରେ ଏୟାର ରେଡ ସାଇରନ ବାଜିବ। ସମଗ୍ର ଦେଶରେ ମୋଟ ୨୪୪ଟି ଜିଲ୍ଲାରେ ଏହି ମକ୍‌ଡ୍ରିଲ୍ ହେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ ଓଡ଼ିଶାର ୧୨ଟି ଜିଲ୍ଲା ରହିଛି। ଏହିସବୁ ଜିଲ୍ଲାରେ ଆସନ୍ତାକାଲିଠୁ ପର୍ଯ୍ୟାୟ କ୍ରମେ ସପ୍ତାହେ ଧରି ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଚାଲିବ। ଏହା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ସହ ସାଧାରଣ ଲୋକେ ଯୁଦ୍ଧ ପରି ପ୍ରତିକୂଳ ପରିସ୍ଥିତିରେ ପରିବାର ଲୋକଙ୍କ ଜୀବନ ମଧ୍ୟ ବଞ୍ଚାଇପାରିବେ। ଯୁଦ୍ଧ ହେଲେ ଏଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବ ପ୍ରଶାସନ। ସିଭିଲ୍ ଡିଫେନ୍ସ ମକ ଡ୍ରିଲ ଦ୍ୱାରା ସାଧାରଣ ଲୋକମାନଙ୍କୁ ଆଗୁଆ ସଚେତନ କରାଯିବ। ଏହି କ୍ରମରେ ଆସନ୍ତାକାଲି ଅପରାହ୍ନ ୪ଟାରେ ୧୨ଟି ସ୍ଥାନରେ ହେବ ଏହି ମକ ଡ୍ରିଲ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସକାଶେ ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କ ସହିତ ଆଲୋଚନା କରିଛନ୍ତି ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ। ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ତାଳଚେରରେ ➩ପୃଷ୍ଠା-୬

## ପୁଣି ଚେତାବନୀ ଦେଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

# ଆମେ ବଞ୍ଚିବୁନି ତ କାହାକୁ ବଞ୍ଚିବାକୁ ଦେବୁନି



**ଇସଲାମାବାଦ:** ଭାରତ ସହ ଚାଲିଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ଆଜି ପୁଣିଥରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନର ସୁରକ୍ଷାକୁ ବିପଦରେ ପକାଇବାକୁ କୌଣସି ଆକ୍ରମଣ କିମ୍ବା ପ୍ରୟାସ ପରିପ୍ରେକ୍ଷୀରେ ଦେଶ ଏହାର ତୀବ୍ର ଓ ଦୃଢ଼ ଜବାବ ଦେବ। ଯଦି ଆମେ ବଞ୍ଚିବୁନି ତ କାହାକୁ ବି ବଞ୍ଚିବାକୁ ଦେବୁନାହିଁ ବୋଲି ସେ କହିଛନ୍ତି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଯେକୌଣସି ସମୟରେ ଆକ୍ରମଣ କରିପାରେ ବୋଲି ପାକିସ୍ତାନୀ ମନ୍ତ୍ରୀମାନେ ଦାବି କରିଆସୁଛନ୍ତି। ଏପରି ସ୍ଥିତିରେ ଯଦି ଆମ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୁଏ, ତା'ହେଲେ ଆମେ ବି ସମ୍ପୂର୍ଣ୍ଣ କ୍ଷମତାର ସହ ଲଢ଼ିବୁ ବୋଲି ଶ୍ରୀ ଆସିଫ୍ ସାମା ଟିଭିରେ ଏକ କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ମତ ବ୍ୟକ୍ତ କରି ଭାରତକୁ ଏକରକମ ଚେତାବନୀ ଦେଇଛନ୍ତି। ସେହିପରି ଭାରତ ପାକିସ୍ତାନ ବିରୋଧରେ ଆତଙ୍କବାଦକୁ ପ୍ରୋତ୍ସାହିତ ଦେଉଥିବା ଅଭିଯୋଗ କରିଆସୁଥିଲେ ହେଁ ଆସିଫ୍ ଭାରତ ଉପରେ ପାଲଟା ➩ପୃଷ୍ଠା-୬

## ଏଥର ସଅଳ ଆସୁଛି ମୌସୁମୀ

# ୧୩ ସୁଦ୍ଧା ଛୁଇଁବ ଦକ୍ଷିଣ ଆଣ୍ଡାମାନ

ନୂଆଦିଲ୍ଲୀ,୬।୫: ଖୁସି ଖବର। ଏଥର ସଅଳ ଆସୁଛି ମୌସୁମୀ। ତାତିରୁ ତ୍ରାହି ପାଇବେ ଲୋକେ। ହେବନି ହିଟ ୱେଭ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୭ ଦିନ ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶରେ ଅତି କମରେ ୭ ଦିନ ମଧ୍ୟରେ ମେ ୧୩ ସୁଦ୍ଧା ପ୍ରବେଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆଇଏମଡି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି।

ସାଧାରଣତଃ ୪ ମାସ ଧରି ରହୁଥିବା ମୌସୁମୀ ବାୟୁ ବଙ୍ଗୋପସାଗରର ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଭାଗକୁ ଅଗ୍ରସର ହୋଇ ଏଠାରେ ପହଞ୍ଚିଥାଏ। ପରବର୍ତ୍ତୀ ପନ୍ଦର ଦିନ ମଧ୍ୟରେ ଶ୍ରୀଲଙ୍କା ଏବଂ ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳ କେରଳରେ ପହଞ୍ଚେ। ବଙ୍ଗୋପସାଗରରେ ଶୀଘ୍ର ଆଗମନ କରିବାର ଆବଶ୍ୟକତା ନାହିଁ କାରଣ ମୌସୁମୀକୁ ବୃହତ ବଙ୍ଗୋପସାଗର ଏବଂ ଆରବ ସାଗରର 'ବିପଜ୍ଜନକ' ଜଳ ସହିତ ଖେଳିବାକୁ ପଡିଥାଏ ।

ମୌସୁମୀ ଆସିବା ପାଇଁ ଦକ୍ଷିଣ (ଉପସାଗରର ପ୍ରାରମ୍ଭିକ ଅଂଶ) ପ୍ରସ୍ତୁତ ହେଉଥିବା ବେଳେ ମେ' ଦ୍ୱିତୀୟ ସପ୍ତାହରେ ଉତ୍ତର-ପଶ୍ଚିମ ଭାରତରେ ପଶ୍ଚିମ ଭାବେ ସକ୍ରିୟ ରହିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଉତ୍ତର ଦିଗକୁ ଫେରିପାରେ। ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ଦକ୍ଷିଣ ମିଆଁମାର ଆଡ଼କୁ ଗତି କରିପାରେ ବୋଲି କେତେକ ମଡେଲ୍ ସୂଚାଇଥିବା ବେଳେ ଦେଶର ଜାତୀୟ ପୂର୍ବାନୁମାନକାରୀ ଏହି ➩ପୃଷ୍ଠା-୬



## ଡୁଟୁନି ଜଗନ୍ନାଥ ଧାମ ବିବାଦ

# ମୋହନ-ମମତା ମୁହାଁମୁହିଁ






## 'ଧାମ' ଶବ୍ଦର ବ୍ୟବହାର ନକରିବାକୁ ଅପିଲ

## ମମତା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି

## 'ଜଗନ୍ନାଥ ଧାମ' ଜିଦରେ ମମତା ଅଟଳ

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସୁଦର୍ଶନ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଦୀଘା ଜଗନ୍ନାଥ ମନ୍ଦିରରେ 'ଧାମ' ଶବ୍ଦର ବ୍ୟବହାରକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମୁହାଁମୁହିଁ ହୋଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆପତ୍ତି ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି ଦୀଘା ଜଗନ୍ନାଥ ମନ୍ଦିରରେ 'ଜଗନ୍ନାଥ ଧାମ' ଲେଖିବା ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଛନ୍ତି। ଦୁଇ ରାଜ୍ୟ ମଧ୍ୟରେ ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି ମୋହନ ।

ଦେଶର ଚାରି ଧାମ ମଧ୍ୟରୁ ପୁରୀ ଶ୍ରୀଜଗନ୍ନାଥ ଧାମ ହେଉଛି ଅନ୍ୟତମ। ଏହି ଧାମର ଏକ ସ୍ୱାତନ୍ତ୍ର୍ୟତା ଓ ପବିତ୍ରତା ରହିଛି। ଏହି ଧାମକୁ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସିଥାନ୍ତି। କିନ୍ତୁ ଦୀଘା ଜଗନ୍ନାଥ ମନ୍ଦିରରେ 'ଧାମ' ଲେଖାଯିବା ଦ୍ୱାରା ଭକ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ମଧ୍ୟ ଆଘାତ ଦେଉଛି। ଦୀଘା ମନ୍ଦିରକୁ 'ଧାମ' କୁହାଯିବା ଓ ପ୍ରଚାରରେ ବ୍ୟବହାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଐତିହାସିକ ଓ ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ପୁରୀ ଶ୍ରୀଜଗନ୍ନାଥ ଧାମର ମହାନତା ରହିଛି। କିନ୍ତୁ ପଶ୍ଚିମବଙ୍ଗ ସରକାର ଦୀଘା ଜଗନ୍ନାଥ ମନ୍ଦିରକୁ ନିଜର ବିଭିନ୍ନ କାର୍ଯ୍ୟକ୍ରମରେ କିମ୍ବା ପ୍ରଚାରପତ୍ରରେ 'ଜଗନ୍ନାଥ ଧାମ' ବୋଲି ଉଲ୍ଲେଖ କରିବା ଦ୍ୱାରା ପୁରୀର ଐତିହାସିକ ➩ପୃଷ୍ଠା-୬

## ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବ ଓପିଏସ୍‌ସି

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଏସଡିଆଇପିଆରଓ (ଓଆଇଏସ-୨) ନିଯୁକ୍ତି ପରୀକ୍ଷାରେ ତ୍ରୁଟି ହୋଇଥିବା ବେଳେ ସମସ୍ତ ପରୀକ୍ଷାର୍ଥୀଙ୍କୁ ୬ ମାର୍କ ଦେବାକୁ ଓପିଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାମ୍ବାଦିକତା ଓ ଗଣଯୋଗାଯୋଗ ପେପରରେ ୬ ମାର୍କ କମ୍ ଥିଲା।

### ନିଯୁକ୍ତି ପରୀକ୍ଷାରେ ହୋଇଥିଲା ତ୍ରୁଟି

୧୦୦ ମାର୍କ ବଦଳରେ ୯୪ ମାର୍କର ପ୍ରଶ୍ନ ଆସିଥିଲା। ଗତ ମାର୍ଚ୍ଚ ୨୯ ଓ ୩୦ ତାରିଖରେ ଏହି ପରୀକ୍ଷା ହୋଇଥିଲା। ୩୯ଟି ପଦବୀ ପାଇଁ ପାଖାପାଖି ହଜାରେ ଆଶାୟୀ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ପରୀକ୍ଷାର ଦ୍ୱିତୀୟ ଦିନରେ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ପେପରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ। ଏହାଛଡ଼ା ଉକ୍ତଦିନ ତାରିଖ ଅପରାହ୍ନରେ ପେପର-୪ର ଲିଖିତ ପରୀକ୍ଷା କରାଯାଥିଲ।

## ପୁରୀ ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ

# ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କୁ ମିଳିବ ସୁବିଧା

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଓଡିଶାରେ ପର୍ଯ୍ୟଟନର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁରୀଠାରେ ଏକ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି । ଶ୍ରୀଜଗନ୍ନାଥ ବିମାନ ବନ୍ଦର ନାମରେ ନାମିତ ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫୬୩୧ କୋଟି ଟଙ୍କା ମୂଲ୍ୟରେ ୧୧୬୪ ଏକର ଜମିରେ ବିକଶିତ ହେବ। ଏହି ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବାକୁ ଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିବ।



## ୩ ପର୍ଯ୍ୟାୟରେ ହେବ ନିର୍ମାଣ କାର୍ଯ୍ୟ

## ଖର୍ଚ୍ଚ ହେବ ୬ ହଜାର କୋଟି ଟଙ୍କା

## ମୋଦିଙ୍କୁ ଧନ୍ୟବାଦ ଦେଲେ ମୋହନ

ଏହି ବିମାନ ବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ଏବଂ ପବିତ୍ର ପୁରୀ ସହର ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କ ➩ପୃଷ୍ଠା-୬

## ବାଣ ମୃତକଙ୍କ ପାଇଁ ୪ ଲକ୍ଷ କ୍ଷତିପୂରଣ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଭଦ୍ରକ ଚାନ୍ଦବାଲି ଅଞ୍ଚଳର ହଳଦିଡିହ ଗାଁରେ ବାଣ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ମୃତ୍ୟୁ ଅତି ଦୁଃଖଦାୟକ ବୋଲି ମତ ବ୍ୟକ୍ତ କରିବା ସହ ଶ୍ରୀ ମାଝୀ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରଭାବିତ ପରିବାର ସକାଶେ ଅନୁକମ୍ପାମୂଳକ ସହାୟତା ରାଶି ଆକାଶରେ ୪ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ସକାଶେ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅର୍ଥ ➩ପୃଷ୍ଠା-୬

# ବୁଢ଼ାଙ୍କ ନିଯୁକ୍ତିରେ ଲାଗିବ ବ୍ରେକ୍

## ଅଣ୍ଟା ଭିଡ଼ିଲା ଓପିଜିସି ଅଫିସର୍ସ ସଂଘ

## ଶକ୍ତି ବିଭାଗ ନିକଟରେ ଫେରାଦ

## କର୍ମଚାରୀ ସଂଘ ବି ଥଇଥାନ ବିରୁଦ୍ଧରେ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ଲାଭଜନକ ସରକାରୀ ସଂସ୍ଥା ଓଡିଶା ତାପଜ ବିଦ୍ୟୁତ୍ ନିଗମ (ଓପିଜିସି)ରେ ଅବସରପ୍ରାପ୍ତ ବୁଢ଼ାମାନଙ୍କୁ ନିଯୁକ୍ତି ନ ଦେବା ପାଇଁ ଏବେ ଉଭୟ ଓପିଜିସି ଅଫିସର୍ସ ସଂଘ ଓ କର୍ମଚାରୀ ସଂଘ ଅଣ୍ଟା ଭିଡିଛନ୍ତି। ଏଭଳି ନିଯୁକ୍ତି ସରକାରୀ ନିଷ୍ପତ୍ତିର ପରିପନ୍ଥୀ ବୋଲି ଦର୍ଶାଇ ଉଭୟ ସଂଘ ଶକ୍ତି ବିଭାଗର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି । କର୍ମଚାରୀ ସଂଘର ମୁଖ୍ୟ ପରାମର୍ଶଦାତା ହେଉଛନ୍ତି ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର। ସଂଘ ପକ୍ଷରୁ ଶକ୍ତି ବିଭାଗକୁ ଯେଉଁ ପତ୍ର ଲେଖାଯାଇଛି ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ବହୁ ଅବସରପ୍ରାପ୍ତ କର୍ମଚାରୀ ଓପିଜିସିରେ ଥଇଥାନ ହେବାରେ ଲାଗିଛନ୍ତି। ଗତ ମାସରେ ଏହି ଦପ୍ତରରୁ ଅବସର ଗ୍ରହଣ କରିଥିବା ଆଇନ୍ ଅଧିକାରୀ ଏବେ ପୁଣିଥରେ ଏଠାରେ ଠିକା ନିଯୁକ୍ତି ପାଇଁ ଉଦ୍ୟମ ଚଳାଇଛନ୍ତି। ତାଙ୍କ ଉପରେ ଓ ତଳେ ଆଇନ୍ ଅଧିକାରୀମାନେ ଥିବା ବେଳେ ଓ ଏହା ଗୋଟିଏ ଅଣବୈଷୟିକ ପଦବୀ ହୋଇଥିବା ବେଳେ ପରିଚାଳନା ମଣ୍ଡଳୀ କାହିଁକି ଅବସରପ୍ରାପ୍ତ ବୁଢ଼ାଙ୍କୁ ରଖିବାକୁ ବ୍ୟଗ୍ର ବୋଲି ଉକ୍ତ ପତ୍ରରେ ପ୍ରଶ୍ନ ଉଠାଯାଇଛି। ସେହିଭଳି ଅଫିସର୍ସ ସଂଘର ମୁଖ୍ୟ ପରାମର୍ଶଦାତା ହେଉଛନ୍ତି 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ। ସେହି ସଂଘ ମଧ୍ୟ ଓପିଜିସି ପରିଚାଳନା ନିର୍ଦ୍ଦେଶକଙ୍କୁ ସମାନ ଅଭିଯୋଗ ଆଣି ପତ୍ର ଲେଖିଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଥଇଥାନ କରାଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଥିଲେ ହେଁ ଓପିଜିସିରେ କାହିଁକି ଏଭଳି କର୍ମଚାରୀଙ୍କୁ ଆଉଟସୋର୍ସିଂ ଜରିଆରେ ଭର୍ତ୍ତି କରାଯାଉଛି, ସେନେଇ ପ୍ରଶ୍ନ କରାଯାଇଛି। ଏପରିକି ଏଭଳି ନିଯୁକ୍ତି ବିରୁଦ୍ଧରେ ସଂଘ ପକ୍ଷରୁ ଆଇନ୍‌ଗତ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଏଥିସହ ଓପିଜିସିରେ ଯଦି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରିଚାଳନାମଣ୍ଡଳୀ ନିଯୁକ୍ତି ଦିଏ, ତା'ହେଲେ ବ୍ୟବସ୍ଥା ଅନୁଯାୟୀ ପରିଚାଳନାମଣ୍ଡଳୀ ବିରୁଦ୍ଧରେ ପଦକ୍ଷେପ ନେବାକୁ ସଂଘ ପଛଘୁଞ୍ଚା ଦେବନାହିଁ ବୋଲି ➩ପୃଷ୍ଠା-୬



# ଆତ୍ମସମର୍ପଣ କଲେ ୧୪ ସିପିଆଇ (ମାଓ) ସଦସ୍ୟ




ମାଲକାନଗିରି: କେନ୍ଦ୍ର ସରକାରଙ୍କ ନକ୍ସଲ ଦମନ ନୀତି ଦିନକୁ ଦିନ କଠିନ ହେଉଥିବା ବେଳେ ଏହା ଲାଲ୍ ସଙ୍ଗଠନର ମେରୁଦଣ୍ଡକୁ ଏକରକମ ଭାଙ୍ଗିଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଚଳିତ ବର୍ଷ କ୍ରମାଗତ ଭାବେ ମାଓବାଦୀ ଆତ୍ମସମର୍ପଣ କରିବା ସହ ସୁରକ୍ଷାକର୍ମୀମାନେ ଅଧିକାଂଶ ସମୟରେ ସେମାନଙ୍କ ଆଡ୍ଡା ଉପରେ ଚଢ଼ାଉ କରି ସେମାନଙ୍କୁ ନିପାତ କରିବାରେ ସକ୍ଷମ ହୋଇଛନ୍ତି। ଏହି କ୍ରମରେ ଆଜି ୧୪ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ଭଦ୍ରାଦି କୋଥାଗୁଡେମ ଏସପି ବି. ରୋହିତ ରାଜୁଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ସିପିଆଇ (ମାଓ) ସଂଗଠନ ସହ ଜଡ଼ିତ। ସେମାନଙ୍କ ମଧ୍ୟରେ ୨ ଜଣ ଏରିଆ କମିଟି ସଦସ୍ୟ ଥିବା ବେଳେ ୩ ଜଣ ରିଭଲ୍ୟୁସନାରୀ ପିପୁଲ୍ସ କମିଟି ସଦସ୍ୟ, ୪ ଜଣ ପାର୍ଟି ଓ ଭିଲେଜ୍ କମିଟି ମେମ୍ବର ➩ପୃଷ୍ଠା-୬

# ବିଡିଓଙ୍କ ସ୍ୱେଚ୍ଛାଚାରିତାକୁ ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ

**ଜଗତସିଂହପୁର,୬।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଉନଥିବା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ। ସାଇଲୋ ଗ୍ରାମ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ ସରୋଜ କୁମାର ସେଠିଙ୍କ ସହିତ ସମିତି ସଭ୍ୟା ଶ୍ରୀମତୀ ମନୀଷାରାଣୀ ମଲ୍ଲ ଓ ନାଏବ ସରପଞ୍ଚ ଝରଣା ଦାସ ଏବଂ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାମାନେ ଆଜି ଜିଲ୍ଲାପାଳ ମହୋଦୟ ଜଗତସିଂହପୁରଙ୍କୁ କୁଜଙ୍ଗ ବିଡିଓଙ୍କ ବୈମାତୃକ ମନୋଭାବ ଓ ସ୍ୱେଚ୍ଛାଚାରିତା ମନୋମୁଖୀ କାର୍ଯ୍ୟ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାଏଙ୍କୁ ଭେଟି ଆଲୋଚନାରେ କହିଥିଲେ।



ଚଳିତ ବିଧାନ ସଭା ନିର୍ବାଚନରେ ରାଜ୍ୟ ସରକାର ପରିବର୍ତ୍ତନ ହେଲାପରେ କୁଜଙ୍ଗ ବିଡିଓ ମହୋଦୟ ସାଇଲୋ ଗ୍ରାମ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ ଜନକଲ୍ୟାଣ କାର୍ଯ୍ୟ ଓ ସାଧାରଣ ଜନସାଧାରଣଙ୍କ ମୌଳିକ ସୁବିଧା ଗୁଡିକରୁ ବଞ୍ଚିତ କରିବା ଓ ପଞ୍ଚାୟତର ବିଭିନ୍ନ ସମସ୍ୟା ଗୁଡିକୁ ବିଡ଼ିଓଙ୍କୁ ଜଣାଇବା ସମୟରେ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ଅସମ୍ମାନ ସୂଚକ ବ୍ୟବହାର ସହ ଅଣଦେଖା କରିବାକୁ ନେଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏପରିକି ନିର୍ଦ୍ଦିଷ୍ଟ କେତେକ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବିଡ଼ିଓ ପରିଚାଳିତ ହୋଇ ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରି ବ୍ଲକ କାର୍ଯ୍ୟାଳୟରେ ଅସମ୍ମାନିତ ପ୍ରଦର୍ଶନକୁ ନେଇ ଜନପ୍ରତିନିଧି ମାନଙ୍କ ଚିନ୍ତାର କାରଣ ହୋଇଅଛି।

ଅଭିଯୋଗ ଗୁଡିକ ଯଦି ସାତଦିନ ମଧ୍ୟରେ ଜିଲ୍ଲାପାଳ ଗୁରୁତ୍ୱ ସହିତ ବିଚାର ନକରନ୍ତି ତେବେ ସାଇଲୋ ପଞ୍ଚାୟତର ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବା ସହିତ ସରପଞ୍ଚ ଶ୍ରୀଯୁକ୍ତ ସେଠି ଆତ୍ମାହୁତି ଦେବେ ବୋଲି ଧମକ ପ୍ରଦାନ କରିଛନ୍ତି। ଯାହା ସାଧାରଣରେ କୁଜଙ୍ଗ ପଞ୍ଚାୟତ ସମିତିର କାର୍ଯ୍ୟଦକ୍ଷତା ସମ୍ପର୍କରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି। ପ୍ରକାଶ ଥାଉକି ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାରେ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ଗୁଡିକୁ ଏକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇ ରାଜନୀତିର ଉର୍ଦ୍ଧ୍ୱରେ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ନିରପେକ୍ଷ ଭାବେ ସମସ୍ତ ସୁଯୋଗ ପ୍ରଦାନ କରାଯାଇଥାଏ।

# ପ୍ରଶାସନକୁ ମାଟି ମାଫିଆଙ୍କ ଖୋଲା ଚାଲେଞ୍ଜ

## ଚାନ୍ଦୋଳ ଫାଣ୍ଡି ପୁଲିସର ଅହେତୁକ ଅନୁକମ୍ପାକୁ ନେଇ ଚର୍ଚ୍ଚା

**ଡେରାବିଶ,୬।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ସଦର ଥାନା ଅଞ୍ଚଳରେ ମାଟି ମାଫିଆ ମାନେ ଖଣି ଓ ତହସିଲ ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଦୈନଦିନ ରାତି ତ ରାତି ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ ମାଟି ଟ୍ରାକ୍ଟର ଓ ହାଇୱା ଦ୍ୱାରା ଲୁଟ୍ କରି ଗାଁ ଗହଳିର ରାସ୍ତାରେ ସେମାନଙ୍କର ବେପାର ଅନାୟସରେ କରୁଥିବା ଦେଖିବାକୁ ମିଳୁଛି। ମାଟି ମାଫିଆମାନେ ବିଶେଷକରି ଛୁଟିଦିନ ଗୁଡ଼ିକ ଛାଡ଼ି ପ୍ରଶାସନିକ କାର୍ଯ୍ୟାଳୟ ଖୋଲାଥିବା ଦିନ ସମୟରେ ମଧ ତାଙ୍କର ଲୁଟ୍ କାର୍ଯ୍ୟକୁ ଚରିତାର୍ଥ କରିବାକୁ ସକ୍ଷମ ହେଉଥିବା ଦେଖିବା ପାଇଁ ମିଳୁଛି।ରାତି ୧୧ଟାରୁ ଆରମ୍ଭ କରି ପ୍ରାତଃ ୬ ଘଟିକା ପର୍ଯ୍ୟନ୍ତ ଘମାଘୋଟ ଭାବେ ମାଟି ଚାଲାଣ କରି ଶହ ଶହ ଟ୍ରିପ ମାଟିକୁ ସରକାରୀ ନାଳ, ଗୋଚର ନାଳବନ୍ଧ ମଣିଷ ପୋଡ଼ା ଦଣ୍ଡାକୁ ତାଡି ପୂର୍ବରୁ ପ୍ରସ୍ତୁତ ଜେସିବି ମେସିନ୍ ଓ ଟ୍ରାକ୍ଟର ହାଇୱା ଧରି ଚଟାପଟ ମାଟି ଲୋଡ୍ କରି ନିଜ ଗନ୍ତବ୍ୟ ସ୍ଥଳକୁ ପଳାଇଯାଉଛନ୍ତି । ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ, ଆନ୍ତପୁର,ପଲେଇ,ବାଙ୍କୀମୁଣ୍ଡାଇ ମୁକୁନ୍ଦପୁର,ପଥରପଡା ଏପରିକି ଥାନା ପାର୍ଶ୍ୱ, ଚାନ୍ଦୋଳ ମେଳନ ପଡ଼ିଆ, ଅଞ୍ଚଳରେ ବେଧଡ଼କ ଭାବେ ଜେସିବିରେ ଟ୍ରାକ୍ଟର ଟ୍ରାକ୍ଟର



ମାଟି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି।

ଅନ୍ୟ ପକ୍ଷରେ ଖଣି ନିୟମକୁ ଖୋଲା ଖୋଲି ଉଲଂଘନ କରି ୫୦ମିଟର ମଧ୍ୟରୁ ଅଧିକ ଗର୍ତ୍ତ କରି ଜେସିବି ଦ୍ୱାରା ଖୋଳା ହୋଇ ଚାଲାଣ ହେଉଛି ଶହ ଶହ ଟ୍ରିପ ମାଟି। ବାରମ୍ବାର ଅଭିଯୋଗ କରାଯିବା ପରେ ମଧ ନା ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ମାଟି ମାଫିଆ ମାନେ ସକ୍ରିୟ ହେବାରେ ଲାଗିଛନ୍ତୀ। ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସହ ପୋଲିସ ପ୍ରଶାସନର ସହଭାଗିତାରେ ଏଭଳି ମାଟି ଚୋରା ଚାଲାଣ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଚାନ୍ଦୋଳ ପୁଲିସ ପ୍ରଶାସନଙ୍କ ମିଳିତ ପ୍ରୋତ୍ସାହନରେ ପ୍ରତି ମାଟି ମାଫିଆ ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ସହିତ ମାଟି ମାଫିଆ ମାନଙ୍କୁ ସଦର ଥାନା ପୋଲିସ୍ ଅହେତୁକ ଅନୁକମ୍ପା ପ୍ରଦାନ କରୁଥିବା କଥା ସାଧାରଣରେ ଆଲୋଚ୍ୟାର ବିଷୟ ପାଲଟିଛି।

ତେବେ ଏବେ ଯଦି ଏହି ଚୋରା ମାଟି ମାଫିଆଙ୍କୁ ଚେକ୍ ଦିଆନଯାଏ ତେବେ ଆଗାମୀ ଦିନରେ ସଦର ଥାନା ଅଞ୍ଚଳର ଗୋଚର,ଶ୍ମଶାନ ଓ ଚାଷଜମି ଆଉ ଦେଖିବାକୁ ମିଳିବନାହିଁ। ତୁରନ୍ତ ଖଣି ବିଭାଗ ପକ୍ଷରୁ ଏହି ମାଟି ମାଫିଆଙ୍କ ଉପରେ କଡ଼ା ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖୁବ୍‌ଶୀଘ୍ର ମରାମତି ହେବ କୂଅପୋଲ ସାଇଫନ୍

## ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଜେପି ନେତା ଅରିନ୍ଦମ୍

**ସାଲେପୁର,୬।୫ (ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ସାଇଫନ୍ ଭାଙ୍ଗିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଆଖପାଖ ଅଞ୍ଚଳର ଚାଷ ଜମିକୁ ଜଳସେଚନ ହୋଇପାରୁନଥିବାରୁ ବହୁ ଚାଷ ଜମି ପଡ଼ିଆ ପଡ଼ି ରହୁଥିବାବେଳେ କେତେକ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରି ଚାଷ କାର୍ଯ୍ୟ ସମ୍ପାଦନ କରିବାପାଇଁ ବାଧ ହୋଇଥାନ୍ତି। ଏହି ସମସ୍ୟା ବର୍ଷ ବର୍ଷର ସମସ୍ୟା ହୋଇଥିଲେ ମଧ ଏ ଦିଗରେ କେହି ଦୃଷ୍ଟି ଦେଉନଥିଲେ। ଏ ସମ୍ପର୍କରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଅବଗତ ହେଲାପରେ ଘଟଣା ସ୍ଥଳରେ ପହଞ୍ଚି ଏହି ସାଇଫନ୍‌ଟି ଏହି ଅଞ୍ଚଳର ଚାଷୀମାନଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଥିବା ଅନୁଭବ କରିବାପାଇଁ ଏହାର ମରାମତି କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇଥିବା ଜଣାଯାଇଛି। ଖୁବ୍ ଶୀଘ୍ର ଏହି ସାଇଫନ୍ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ରାୟ ପ୍ରକାଶ କରିଛନ୍ତି।



ପ୍ରକାଶ ଯେ କେନ୍ଦ୍ରାପଡ଼ା କେନାଲରୁ ଶିଶୁଆଠାରେ ବାହାରିଥିବା ୫ନଂ କେନାଲ ଶିଶୁଆ, ନଈଗୁଆଁ, ଛାଣିପୁର, ସିଡ଼ୋ ପଟୁଆହାଟ ଆଦି ଅଞ୍ଚଳ ଦେଇ ଭୀମଦାସପୁର ଅଞ୍ଚଳକୁ ଯାଇଅଛି। ଏହି ଅଞ୍ଚଳର ଚାଷଜମିକୁ ଜଳସେଚନ କରିବାପାଇଁ ଏହି ଅଞ୍ଚଳର ଚାଷୀମାନେ ଏହି କେନାଲ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ସିଡ଼ୋଠାରେ କୂଅପୋଲ ନିକଟରେ ସାଇଫନ୍‌ଟି ଫାଟିଯିବାରୁ ଏହି ସାଇଫନ୍ ଦେଇ ଯାଉଥିବା କେନାଲ ପାଣି କୂଅପୋଲ ନିକଟରେ କୁଣ୍ଡି ନଦୀ ପାଣିରେ ମିଶିଯାଉଛି। ଫଳରେ ଏହି ପାଣି କେନାଲର ତଳମୁଣ୍ଡରେ ଥିବା ସିଡ଼ୋ ଭୀମଦାସପୁର ଅଞ୍ଚଳର ଚାଷ ଜମିକୁ ଜଳସେଚନ ହୋଇପାରୁନାହିଁ। ଏହା ଚାଷୀମାନଙ୍କର ଦୀର୍ଘବର୍ଷର ସମସ୍ୟା ହୋଇଥିଲେ ମଧ ଏ ଦିଗରେ କେହି ଦୃଷ୍ଟି ଦେଉନଥିଲେ।

ଆଜି ଏ ସମ୍ପର୍କରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଜାଣିବାପରେ ଘଟଣା ସ୍ଥଳରେ ପହଞ୍ଚି ସାଇଫନ୍‌ର ସ୍ଥିତିକୁ ଅନୁଧ୍ୟାନ କରିବାପରେ ଭାଙ୍ଗିଯାଇଥିବା ସାଇଫନ୍‌କୁ ତୁରନ୍ତ ମରାମତି କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସାଇଫନ୍‌ଟି ତୁରନ୍ତ ମରାମତି ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ବିଜେପି ନେତା ଅରିନ୍ଦମରାୟଙ୍କୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ରାୟ ପ୍ରକାଶ କରିଛନ୍ତି। ଭାଙ୍ଗିଯାଇଥିବା ସାଇଫନ୍‌ଟି ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମରାମତି କରାଗଲେ କେନାଲର ତଳମୁଣ୍ଡ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଜଣାଯାଇଛି।

### ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ନୋଟିସ

# ବ୍ୟବସାୟୀ ମହଲରେ ଛନକା

**ନିଶ୍ଚିନ୍ତକୋଇଲି,୬।୫ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ଅଟେ। ନିଶ୍ଚିନ୍ତକୋଇଲି ବଜାରର ଉଭୟ ପାର୍ଶ୍ୱରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ ବ୍ୟବସାୟୀ ଥିବାବେଳେ ଉକ୍ତ ବଜାର ରାସ୍ତା ଦେଇ ପ୍ରତିଦିନ ଶହ ଶହ ଦୁଇ ଚକିଆ ଓ ଚାରି ଚକିଆ ଜାନ ତଥା ବସ, ଟ୍ରକ, କାର ଯାତାୟାତ କରନ୍ତି। ଏପରିକି ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଓ ହଜାର ହଜାର ଜନସାଧାରଣ ଆସନ୍ତି। କିନ୍ତୁ ଏଠାରେ ବ୍ୟବସାୟୀ ମାନେ ନିଜର ସୁବିଧା ପାଇଁ ନିଜର ଦୋକାନ ସାମ୍ନା ବଜାର ରାସ୍ତାର ଦୁଇ ପାର୍ଶ୍ୱ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଏପରିକି ପାଦଚଲା ରାସ୍ତାରେ ଆଜବେଷ୍ଟସ ତଥା ଛାତ ଘର ନିର୍ମାଣ କରି ବ୍ୟବସାୟୀ କରୁଛନ୍ତି। ଯାହାଦ୍ୱାରା ପାଦଚଲା ରାସ୍ତା ନଥିବାରୁ ଗ୍ରାହକ ମାନେ ନିଜର ଯାନ ରାସ୍ତା ଉପରେ ରଖି ନିଜର ଆବଶ୍ୟକୀୟ ଦ୍ରବ୍ୟ କିଣନ୍ତି। ଫଳରେ ପ୍ରତିଦିନ ନିଶ୍ଚିନ୍ତକୋଇଲି ବଜାର ରାସ୍ତା ଭିଡ଼ ହେଉଥିବା ଦେଖିବାକୁ ମିଳେ। ଛୋଟ ବଡ଼ ଦୁର୍ଘଟଣା ହେଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ତହସିଲଦାର ବଜାରର ଦୁଇ ପାର୍ଶ୍ୱ ଜବରଦଖଲ କରିଥିବା ବ୍ୟବସାୟୀ ଉଚ୍ଛେଦ ପାଇଁ ବ୍ୟବସାୟୀ ସଙ୍ଘକୁ ନୋଟିସ କରିଛନ୍ତି। ଉଚ୍ଛେଦ ପାଇଁ ବ୍ୟବସାୟୀ ସଙ୍ଘ ଯଦି କିଛି ପଦକ୍ଷେପ ନ ନିଏ ତେବେ ଆଇନଗତ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ଜବରଦଖଲକାରୀ ବ୍ୟବସାୟୀଙ୍କ ମନରେ ଛନକା ପଶିଛି।




# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ସାଲେପୁର,୬।୫ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଦାଦାର ଏକାଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସିଥିବା ପୁତୁରା ଗାଧୋଇବାକୁ ଯାଇ ନଦୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ନେମାଳ ଅଞ୍ଚଳର କୈଳାସ ଚନ୍ଦ୍ର ସାହୁ(୪୪) ଆଜି ଦିନ ପ୍ରାୟ ୧୨ଟା ସମୟରେ ରୋଧପୁର ଗ୍ରାମର ତାଙ୍କ ସମ୍ପର୍କୀୟ ଦାଦା ଘରକୁ ଏକାଦଶାହ କର୍ମ ପାଇଁ ଆସିଥିବାବେଳେ ବଟେଶ୍ୱର ଗ୍ରାମ ଚିତ୍ରୋତ୍ପଳା ନଦୀକୁ ଅନ୍ୟମାନଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଓ ସ୍ଥାନୀୟ ଲୋକେ ସଂଗେ ସଂଗେ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିବାବେଳେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀ ପାଣିରେ ଖୋଜାଖୋଜି କରିବାପରେ କୈଳାସକୁ ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ବିଧାୟକ ଧ୍ରୁବ ସାହୁ ହେଲେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ



**ରାଜନଗର,୬।୫ (ସଂଚାର ବ୍ୟୁରୋ):** ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜୁଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ସାଧାରଣ ସମ୍ପାଦକ ଦାଇତ୍ୱ ପ୍ରଦାନ କରିଛନ୍ତି। ଯାହାକୁ ନେଇ ସମଗ୍ର ରାଜନଗର ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀଙ୍କ ମଧ୍ୟରେ ଖୁସିରେ ଲହରୀ ଖେଳିଯାଇଛି। ଏଥିପାଇଁ ରାଜନଗର ବ୍ଲକ ବିଜୁଜନତା ଦଳର ସଭାପତି ନିରଞ୍ଜନ ରାଉତ, ପଂଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡ଼ିଆ, ଆତ୍ମାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ବିଜୟ ନାୟକ, ବରିଷ୍ଟ ନେତା କୈଳାସ ଚନ୍ଦ୍ର ପରିଡା, ଦିଲ୍ଲୀପ କୁମାର ପାତ୍ର, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ମହାନ୍ତି, ସୁଶ୍ରୀ ସଙ୍ଗୀତ ମିଶ୍ର, ଶୈଳେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ଯୁବନେତା ପ୍ରମୋଦ କୁମାର ପ୍ରଧାନ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସଞ୍ଜୟ କୁମାର ସ୍ୱାଇଁ, ସୁମିତ୍ରା ସେଠୀ, ଯୁବନେତା ବାଇଧର ସେଠୀ, ରମଣୀ ରଂଜନ ମହାପାତ୍ର, ନାରାୟଣ ଦାସ, ସରୋଜ କୁମାର ରାଉତ, ସେବା ସମବାୟ ସମିତି ସଭାପତି ଶ୍ରୀକାନ୍ତ ପ୍ରଧାନ, ଦଧିବାମନ ଭୁଂୟା, ବଳରାମ ମଣ୍ଡଳ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହିତ ବିଧାୟକ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗୁଡ଼ିଆଜୋର ସେତୁ ନିର୍ମାଣ ପାଇଁ ଦାବି



**ପଟ୍ଟାମୁଣ୍ଡାଇ,୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଧୋଯ଼ା ଅଞ୍ଚଳର ଅଣ୍ଡରା ଓ ଅମୃତମଣୋହି ସମେତ ଆଖ ପାଖ ଅଂଚଳର ହଜାର ହଜାର ଚାଷୀମାନେ ଗୁଡ଼ିଆ ଜୋର ସେତୁ ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ଦାବୀ କରିଆସୁଥିଲେ । ଗୁଡ଼ିଆଜୋର ସେତୁ ନିର୍ମାଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥାନୀୟ ଚାଷୀମାନେ ବାରମ୍ବାର ଦାବୀ କରିଆସୁଛନ୍ତି। ଗୁଡ଼ିଆ ଜୋର ସେତୁ ନିର୍ମାଣ ହେଲେ ଧୋୟାଞ୍ଚଳର ଶହ ଶହ ଏକର ଜମିରେ ଚାଷ କାର୍ଯ୍ୟ ହେବା ସହିତ ଅଣ୍ଡରା, ଅମୃତମଣୋହି ପଂଚାୟତର ହଜାର ହଜାର ଚାଷୀ ଉପକୃତ ହେବା ସହିତ ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହେବ । କେନ୍ଦ୍ରାପଡ଼ା ବିଧାୟକ ଭାବେ ଗଣେଶ୍ୱର ବେହେରା ନିର୍ବାଚିତ ହେବା ପରେ ଧୋୟାଞ୍ଚଳ ଚାଷୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଗୁଡ଼ିଆଜୋର ସେତୁ ନିର୍ମାଣ ପାଇଁ ରାଜ୍ୟ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିବା ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଗ୍ରାମ୍ୟଉନ୍ନୟନମନ୍ତ୍ରୀଙ୍କୁ ଭେଟି ଦାବୀ କରିଥିଲେ । ସମ୍ପ୍ରତି ରାଜ୍ୟ ସରକାର ସେତୁ ନିର୍ମାଣ କରିବା ପାଇଁ ସରକାର ସ୍ୱୀକୃତି ପ୍ରଦାନ କରିବା ସହିତ ଅର୍ଥ ମଂଜୁର କରିଛନ୍ତି। ଗୁଡ଼ିଆ ଜୋର ସେତୁ ନିର୍ମାଣ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଏ ବାବଦରେ ୨୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ସେତୁ ନିର୍ମାଣ ଆରମ୍ଭ କରାଯାଇନାହିଁ ।

# ଆଇନସେବା ପ୍ରାଧିକରଣ ତରଫରୁ ନାବାଳିକା କଲିକତାରୁ ଉଦ୍ଧାର

**କେନ୍ଦ୍ରାପଡା,୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ କଲିକତାରୁ ନାବାଳିକା ଉଦ୍ଧାର ହେବାରେ ସାହାଯ୍ୟ କରିବା ଘଟଣା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଛି, ସେତିକି ମଧ ପ୍ରଶଂସା ସାଉଁଟିଛି। ଘଟଣାକ୍ରମ ଏହାଥିଲା ଯେ, ସୋମା ମୁଣ୍ଡାଙ୍କ ମୃତ୍ୟୁ ହେଲାପରେ ତାଙ୍କ ଧର୍ମପତ୍ନୀ ସୋନିବାରୀ ମୁଣ୍ଡା କେନ୍ଦୁଝର ଜିଲ୍ଲା ବାମ୍ବେରୀ ଥାନା ଓ ନିଜ ଗ୍ରାମ କାଶିଆ ଛାଡି ସୁଦୂର ପଶ୍ଚିମବଙ୍ଗରେ ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଉକ୍ତ କାର୍ଯ୍ୟ କରିବା ସମୟରେ ନିଜର ଏକ ନାବାଳିକା ଝିଅକୁ ସାଙ୍ଗରେ ନେଇ ଯାଇଥିଲେ । ସେଠାରେ ଝିଅ ନିଖୋଜ ରହିଥିଲା । ଚବିଶ ପ୍ରଗଣାର ଶିଶୁ ମଙ୍ଗଳ ଅଧିକାରୀ ଦିଗମ୍ବର ଅଙ୍ଗୀକାର ଭବନ ଉକ୍ତ ନାବାଳିକାକୁ ଶିଶୁ ସୁରକ୍ଷା ସେଉରେ ଥଇଥାନ କରିବା ସହ ଚବିଶ ପ୍ରଗଣାର ଆଇନସେବା ପ୍ରାଧିକରଣ ସଚିବ କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିଙ୍କୁ ଅବଗତ କରାଇଥିଲେ। ଯାହା ଫଳରେ ତୁରନ୍ତ ଏହାର ପଦକ୍ଷେପ ସ୍ୱରୂପ ଉକ୍ତ ନାବାଳିକା ଉଦ୍ଧାର ହୋଇ ପହଁଚିବା ନିଶ୍ଚିତ ହୋଇଯାଇଛି ।

# ଭିତରକନିକାରେ ପ୍ରଶିକ୍ଷଣ ନେଲେ ୨୮ ରେଞ୍ଜର



**ରାଜନଗର,୬।୫ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମୀ, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି ୨୮ ରେଂଜର। ମହାରାଷ୍ଟ୍ର ଚନ୍ଦ୍ରପୁର ଫରେଷ୍ଟ ଏକାଡେମୀର ୨୮ ଜଣ ରେଂଜର ଭିତରକନିକା ଜାତୀୟ ଉଦ୍ୟାନରେ ପହଁଚି ଭିତରକନିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଂଚ ଜଙ୍ଗଲ ଭିତରେ ଦୁଃସାହାସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡ଼ି, ହରିଣ, ବାରହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଏବଂ ଅଲିଭରିଡଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳିଭଂଜଡିଆ ଦ୍ୱିପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଏସିଏଫ ମାନସ କୁମାର ଦାସ, ଗଗନ ବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ନିରାକାର ବେହେରା ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ରେଂଜର ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ଜିଲ୍ଲାସ୍ତରୀୟ ଚିତ୍ରୋତ୍ପଳା ମହୋତ୍ସବ ତୃତୀୟ ସନ୍ଧ୍ୟା

# ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ



**ଗରଦପୁର,୬।୫ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଚିତ୍ରୋତ୍ପଳା ନଦୀ ହରିଦାସପୁର ଗ୍ରାମର ଥିବା ପ୍ରଭୁ ଶନିଶ୍ଚରଙ୍କ ମନ୍ଦିର ନିକଟରେ ଆୟୋଜିତ ୨୧ ତମ ବାର୍ଷିକ ଜିଲ୍ଲାସ୍ତରୀୟ ଚିତ୍ରୋତ୍ପଳା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର ମାନଙ୍କ ଗହଣରେ ଝୁମିଥିଲେ ହଜାର ହଜାର ଦର୍ଶକ । ଓଡ଼ିଆର ପ୍ରସିଦ୍ଧ କଣ୍ଠଶିଳ୍ପୀ ସରୋଜ ଭରତୱାଜ୍ ଏବଂ ପ୍ରସିଦ୍ଧ ଗାଇକା ମାନେ ସଙ୍ଗୀତ ପରିବେଷଣ କରିଥିଲେ ଏବଂ କଳାକାରଙ୍କ ନୃତ୍ୟ ର ତାଳେ ତାଳେ ନାଚିଥିଲେ ଦର୍ଶକ । ପାରାଦୀପ ବିଜେଡ଼ି ନେତା ଅରିନ୍ଦମ ସର୍କଲ, ଯୁବ ସମାଜ ସେବୀ ସଞ୍ଜୟ ବେହେରା, ବିଜେପି ଜିଲ୍ଲା ସମ୍ପାଦକ ମିହିର କୁମାର ସାମଲ,ଯୁବ ସମାଜସେବୀ ରଂଜିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ କୁ ରାକେଶ ମହାପାତ୍ର ସଭାପତିତ୍ୱ କରିଥିଲେ । ମହୋତ୍ସବ ପଡିଆରେ ପସରା ମେଲିଥିବା ଶତାଧିକ ଷ୍ଟଲ ରେ ଠୁଙ୍କାପୁରୀ, ଚାଟ, ମଥୁରା କେକ,ଫାଷ୍ଟଫୁଡ, ମଟରସୁପ, ଚଟପଟି ଖାଦ୍ୟ ସାଙ୍ଗକୁ ଇମିଟେସନ ଓ ଘରକରଣା ସାମଗ୍ରୀ କିଣାକିଣି ରେ ମହିଳା ମାନଙ୍କର ଭିଡ଼ ଲାଗିରହିଥିଲା । ଏହି ମହୋତ୍ସବ କେନ୍ଦ୍ରାପଡା ଜିଲ୍ଲାରେ ଏକ ବୃହତ ମହୋତ୍ସବ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ପଡ଼ୋଶୀ ଜଗତସିଂହପୁର ଜିଲ୍ଲାର ହଜାର ହଜାର ସଂଖ୍ୟକ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି ।

# ହୋଟେଲ ଓ ମହୋତ୍ସବରେ ପରଷାଯାଉଛି ବାସି ଖାଦ୍ୟ

**ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟ**
**ନିୟମିତ ହେଉନି ଯାଞ୍ଚ**
**ଫୋନ୍ କଲେ ଉତ୍ତର ମିଳୁନି**

**କେନ୍ଦ୍ରାପଡ଼ା,୬।୫ (ସଂଚାର ବ୍ୟୁରୋ):** ଦିନକୁ ଦିନ କେନ୍ଦ୍ରାପଡା ସହରର କଳେବର ବଢୁଛି । ସେହି ତୁଳନାରେ ଜନସଂଖ୍ୟା ବୃଦ୍ଧି ହେଉଛି। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଗଢ଼ି ଉଠୁଛି। ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି । ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରସା ଯାଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ, ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଏବଂ ମହୋତ୍ସବରେ ପଡୁଥିବା ଖାଦ୍ୟ ଷ୍ଟଲ୍ ଲୋକଙ୍କ ସହ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଚକିତ କରିଛି। ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଖାଦ୍ୟ ଖାଉଛନ୍ତି।



ସହର ଓ ସହର ଉପକଣ୍ଠରେ ୫୦ରୁ ଉର୍ଦ୍ଧ୍ୱ ନାମୀଦାମୀ ହୋଟେଲ ଓ ରେଷ୍ଟୁରାଣ୍ଟ ଅଛି । ସେଠାରେ ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର। ସବୁଠାରୁ ବଡ଼ କଥା ହେଉଛି; ସୁନାମ ଅର୍ଜନ କରିଥିବା ଏହି ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରସୁଛନ୍ତି । ହୋଟେଲ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ଯେଉଁ କେତୋଟି ସହରକୁ ଗୁରୁତ୍ୱ ଦିଆଯାଉଛି, ସେଥିମଧ୍ୟରୁ କେନ୍ଦ୍ରାପଡା ଅନ୍ୟତମ। କଟକ, ଭୁବେନଶ୍ୱର ଭଳି ଏଠାରେ ଏହି ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ ଥିବାରୁ କିଛି ବର୍ଷ ହେବ ସହର ଓ ସହର ଉପକଣ୍ଠରେ ବଡ଼ ବଡ଼ ହୋଟେଲ, ରେଷ୍ଟୁରାଣ୍ଟ ଖୋଲିଛି। ମାତ୍ର ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ବାହ୍ୟ ଚାକଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି। ଫଳସ୍ୱରୂପ ବାସି ଖାଦ୍ୟ ପରସୁଛନ୍ତି । କେବଳ ବାସି ଖାଦ୍ୟ ନୁହେଁ; ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇଆସୁଛି।

କେନ୍ଦ୍ରାପଡା ସହରରେ ପ୍ରତିଷ୍ଠିତ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ମାତ୍ର ଖାଦ୍ୟ ସୁରକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ସେମାନଙ୍କ ଅଭିଯୋଗ, ବଡ଼ ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି। ଯେଉଁଥି ପାଇଁ ଅଭିଯୋଗ ସତ୍ତ୍ୱେ ବିଭାଗ ସେଠାରେ ନିୟମିତ ଖାଦ୍ୟର ମାନ ଯାଞ୍ଚ ନ କରି ଚୁପ୍ ବସିଛି। ବାରମ୍ବାର ଚାପ ହେଲେ ଉଠା ଦୋକାନୀ କିମ୍ବା ଝୁମ୍ପୁଡ଼ି ହୋଟେଲ ଉପରେ ଚଢ଼ଉ କରି ବିଭାଗ ନିଜର କାମ ସାରି ଦେଉଥିବା ସେମାନେ ଅଭିଯୋଗ କରିଥିଲେ। ସହରରେ ଥିବା ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ନିୟମିତ ଚଢ଼ଉ ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏଭଳି ସମସ୍ୟା ଉପୁଜିବନି ବୋଲି ସେମାନେ କହିଥିଲେ । ଏନେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଟିଏସଏସଓ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ

# ଥାଲାସେମିଆରୁ ମୁକ୍ତି ପାଇଁ ସଚେତନତା ଜରୁରୀ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଆସନ୍ତା ୮ ତାରିଖରେ ବିଶ୍ୱ ଥାଲାସେମିଆ ଦିବସ ପାଳନ ହେବାକୁ ଥିବା ବେଳେ ଏହି ରୋଗ ନେଇ ସଚେତନତା ପାଇଁ ଥାଲାସେମିଆ ଓ ସିକଲସେଲ୍ ସୋସାଇଟି ଓଡିଶା(ଟିଏସଏସଓ) ପକ୍ଷରୁ ଅଷ୍ଟର ସିଏମଆଇ ହସ୍ପିଟାଲ ବେଙ୍ଗାଲୁରୁ ସହଯୋଗରେ ଆଜି ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥାଲାସେମିଆ ରୋଗୀଙ୍କ ଯତ୍ନ ଓ ଚିକିତ୍ସା ପାଇଁ ଲୋକଙ୍କୁ ପ୍ରେରିତ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି ସୁସ୍ଥ ଭାରତ, ଶ୍ରେଷ୍ଠ ଭାରତ। ସଚେତନତା ପାଇଁ କୋଭିଡର ସଫଳ ମୁକାବିଲା କରାଯାଇପାରିଲା। ଯେଉଁମାନେ




ଥାଲାସେମିଆ ରୋଗରେ ପୀଡିତ ଅଛନ୍ତି ସେମାନେ ସାହସର ସହ ଏହାର ମୁକାବିଲା କରନ୍ତୁ। ପ୍ରତି ରୋଗ ପାଇଁ ସଚେତନତା ଜରୁରୀ। ଏହା ମାଧ୍ୟମରେ ହିଁ ସମସ୍ତ ରୋଗକୁ ଦୂର କରାଯାଇପାରିବ। ସରକାର ରୋଗ ଦୂର ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ରୋଗ ହେଲେ କେବଳ ଡାକ୍ତରଖାନା ଗଲେ ହେବ ନାହିଁ, ଆମକୁ ଖାଦ୍ୟ ଓ ଶରୀର ପାଇଁ ସଚେତନ ହେବାକୁ ପଡିବ। ଆମେ ପୂର୍ବରୁ ଢିଙ୍କିକୁଟା ଚାଉଳ ଓ ଶିଳବଟା ମସଲା ଖାଉଥିଲୁ। ଏବେ ସମୟ ବଦଳିଛି ଲୋକେ ସେସବୁ ଭୁଲି ଯାଇଁ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇଲେଣି। ରକ୍ତଦାନ କେବଳ କଥାରେ ରହିଯାଇଛି। ତେଣୁ ସ୍ଥିତି ସୁଧାରିବା ସକାଶେ ସବୁ ଯୁବବର୍ଗ ଏକାଠି ହେବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି। ଡକ୍ଟର ଷ୍ଟାଲିନ୍ ରାମପ୍ରକାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଥାଲାସେମିଆ ରୋଗୀଙ୍କ ଯତ୍ନ ବିଷୟରେ ଆଲୋଚନା କରିଥିଲେ। ଭାରତୀୟ ଥାଲାସେମିଆ ଫେଡେରେସନ ଅଧ୍ୟକ୍ଷ ଶୋଭା ତୁଲି ଅନଲାଇନରେ ଯୋଡ଼ି ହୋଇ କହିଥିଲେ ଏହି ରୋଗକୁ ଅଧିକ ସଚେତନ କରିବାକୁ ସବୁ କମ୍ୟୁନିଟିକୁ ଯୋଡ଼ାଯିବା ଦରକାର। ସରକାର, ରୋଗୀ ଓ ସମ୍ପର୍କୀୟ ଏକାଠି ହୋଇ ଏହି ରୋଗ ବିଷୟରେ ଅବଗତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କୋଲ୍ ଇଣ୍ଡିଆ ସିଏସଆର ଜିଏମ୍ ରେଣୁ ଚର୍ତୁବେଦୀ କହିଲେ ପରିବାର ଭିତରେ ସହଯୋଗ ଓ ସଚେତନ ରହିଲେ ରୋଗରୁ ଆମେ ମୁକ୍ତି ପାଇପାରିବା। ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଓ ଟିଏସ୍ଏସ୍ଓ ସଭାପତି ନିରାକାର ପଣ୍ଡା ମଧ୍ୟ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଟିଏସଏସଓ ସଚିବ ଦୀପକ କୁମାର ପରିଚାଳନା କରିଥିବା ବେଳେ ଉପସଭାପତି ମାନସ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ନିହାରିକା ପଣ୍ଡା, ଡ. ବିଜୟ ମିଶ୍ର, ଡକ୍ଟର ପ୍ରକାଶ ତ୍ରିପାଠୀ, ଗୁଞ୍ଜନ ଅଗ୍ରୱାଲ ଓ ସୌମ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# ରାଜ୍ୟରେ ଛାତ୍ରଛାତ୍ରୀ ମୃତ୍ୟୁ ସ୍ଥିତି ଉଦ୍‌ବେଗ ଜନକ: ଛାତ୍ର କଂଗ୍ରେସ




**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଭୟାନକ ସ୍ଥିତିରେ ଆସି ପହଞ୍ଚିଛି। ଏହି ଅଳ୍ପ କିଛି ଦିନ ମଧ୍ୟରେ ରାଜ୍ୟ ରାଜଧାନୀରେ ଦୁଇଟି ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟରେ ଜଣେ ତୃତୀୟ ବର୍ଷ ଛାତ୍ର ଆତ୍ମ ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ଲଗାତର ଛାତ୍ରଛାତ୍ରୀ ଆତ୍ମ ହତ୍ୟା ଘଟଣାକୁ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାକ ଛାତ୍ର କଂଗ୍ରେସର କର୍ମୀ ଓ ନେତୃବୃନ୍ଦ ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଂଟିନ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କର କୁଶପୁତ୍ତଳିକା ଦାହ କରିବା ସହିତ ରାଜ୍ୟ ସରକାର ଏଭଳି ସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେବା ସହିତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ର ଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାଙ୍କୁ ରେଗୁଲାର କାଉଂସିଲଙ୍ଗ କରିବା ପାଇଁ ଶ୍ରୀ ପ୍ରଧାନ ଦାବି କରିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ନେପାଳୀ ଛାତ୍ରୀ ଜଣଙ୍କ କିଟ୍ ବିଶ୍ୱ ବିଦ୍ୟାଳୟରେ ପରିସରରେ ମୃତ୍ୟୁ ବରଣ କଲେ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକ ରହିଛି? କିନ୍ତୁ ଏ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ସ୍ଥିତିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରନ୍ତୁ, ଛାତ୍ର ଛାତ୍ରୀମାନଙ୍କ ଜୀବନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ଜେନା, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ସୁବ୍ରତ ମହାପାତ୍ର, ଚୁନୁ ସିଂ, ସାହାରୁଖ୍ ଖାନ, ସୁନିଲ କୁମାର ଗାନ୍ଧୀ, ଆଶିଷ କୁମାର ମହନ୍ତ, ସିଦ୍ଧାନ୍ତ ଓମ୍ ପ୍ରକାଶ, ସୁଭମ ରାଜ, ବିଜୟ ବିଶ୍ୱାଳ, ଆଶିଷ କୁମାର ଦାସ, ରୋଷନ ରାଉତ, ଓମ୍ ପ୍ରକାଶ ପରିଡ଼ା, ସରୋଜ ଜେନା ଓ ଅୟସ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବର ଶିକାର ଅଭିଯୋଗରେ ୨ ଗିରଫ: ମାଂସ, ଚମଡା ଜବତ



**ରାଇକିଆ,୬।୫(ସଂଚାର ବ୍ୟୁରୋ):** ରାଇକିଆ,୬।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ କରଡ଼ା ରେଞ୍ଜର ପାତ୍ରପୁର ଗ୍ରାମରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ସମ୍ବର ଶିକାର କରିଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଉକ୍ତ କାଲୁ ମଲ୍ଲିକ ଓ ଦାରିଙ୍ଗିବାଡି କୁମ୍ଭାରବାଡି ଗ୍ରାମର ଏସିଆନ ପ୍ରଧାନ। ଏମାନେ ଗତକାଲି ରାତିରେ ସମ୍ବର ଶିକାର କରିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ରେଞ୍ଜର ଶବନମ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଅଜିତ ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଅକ୍ଷୟ ମଲ୍ଲିକ, ବିକାଶ ମଲ୍ଲିକ, ସ୍ୱାଗତିକା ଗୌଡ଼, ରବି ଶଙ୍କର ଦିଗାଲ ଓ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉରେ ୫ କିଗ୍ରା ମାଂସ ଓ ଚମଡ଼ା ଜବତ କରିବା ସହ ଏନେଇ ୧୨/୨୫ ନମ୍ବରରେ ମାମଲା ରୁଜୁ କରାଯାଇଛି।

## ମହିଳାଙ୍କୁ ହତ୍ୟା ମାମଲାରେ ୩ ଗିରଫ

● ବାପା-ମା' ସହ ଜେଲ୍ ଗଲେ ନିଷ୍ପାପ ଶିଶୁ



**ମୟୂରଭଞ୍ଜ,୬।୫(ସଂଚାର ବ୍ୟୁରୋ):** ବାପା-ମା'ଙ୍କ ଭୁଲ ପାଇଁ ଜେଲ ଗଲେ ୩ ନିରୀହ ଶିଶୁ। ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି, କିନ୍ତୁ ଏହା ସତ। ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ କି ଏହି କୁନି ପିଲାଙ୍କର କ'ଣ ଭୁଲ୍ ଯେ ସେମାନଙ୍କୁ ଜେଲ୍ ଭୋଗିବାକୁ ପଡ଼ିଲା। ଦୁନିଆ କ'ଣ ଜାଣିନାହାନ୍ତି କି ବୁଝିନାହାଁନ୍ତି, କିନ୍ତୁ ଏହି ବାଳୁତ ସମୟରୁ ଏମାନଙ୍କୁ ଜେଲ୍‌ର ଚାରିକାନ୍ଥ ଭିତରେ ଜୀବନ ବିତାଇବାକୁ ପଡ଼ିବ। କାରଣ ବାପା-ମା'ଙ୍କ ଭୁଲ ପାଇଁ ଏବେ ଜେଲ ହାଜତକୁ ଯାଇଛନ୍ତି ଏହି ୩ ନିଷ୍ପାପ ଶିଶୁ। ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କପ୍ତିପଦା ପୁଲିସ ଏବେ ସେମାନଙ୍କୁ କୋର୍ଟ ଚାଲାଣ କରିବା ସହ ଜେଲ ପଠାଇଛି। ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବିଦ୍ୟାଧର ନଗର ଗାଁ ନିକଟ ଜଙ୍ଗଲରେ ଗତ ରବିବାର ଜନୈକା ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କପ୍ତିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ତଦନ୍ତ ପରେ ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ସନ୍ଦେହରେ ଉକ୍ତ ଗାଁର ସାବିତ୍ରୀ ସଏଙ୍କ ସହ ପଡ଼ୋଶୀ ଦୁଃଖିଆ ସଏ ଓ ଜୟନ୍ତୀ ସଏଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀକୁ ଜବତ କରିଥିଲା। ଏ ସଂକ୍ରାନ୍ତରେ ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ମୃତକ ମାଦେ ସିଂ ସହ ସେହି ଗାଁର ସାବିତ୍ରୀଙ୍କ ସ୍ୱାମୀ ପ୍ରତାପଙ୍କର ପ୍ରେମ ସମ୍ପର୍କ ଥିବା ନେଇ ସାବିତ୍ରୀ ସନ୍ଦେହ କରୁଥିଲେ। ଏପରିକି ସାବିତ୍ରୀ ଓ ମାଦେ ସିଂଙ୍କ ମଧ୍ୟରେ ଏହାକୁ ନେଇ ପୂର୍ବରୁ ଏକାଧିକ ବାର ଝଗଡ଼ା ହୋଇଥିଲା। ତେବେ ଶନିବାର ରାତିରେ ମାଦେକୁ ଏକୁଟିଆ ପାଇବା ପରେ ସାବିତ୍ରୀ ସୋନୋ ଡ୍ୟାମଠାରେ ଏକ ମାରଣାସ୍ତ୍ରରେ ମୁଣ୍ଡକୁ ପ୍ରହାର କରିଥିଲା । ଫଳରେ ଘଟଣାସ୍ଥଳରେ ମାଦେର ମୃତ୍ୟୁ ହୋଇଥିଲା। ଏହାପରେ ପଡ଼ୋଶୀ ଦୁଃଖିଆ ଓ ଜୟନ୍ତୀଙ୍କ ସହାୟତାରେ ସାବିତ୍ରୀ ମୃତଦେହକୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ଏହି ହତ୍ୟାକାଣ୍ଡ ମାମଲାରେ ଆଜି ମୁଖ୍ୟ ଅଭିଯୁକ୍ତ ସାବିତ୍ରୀଙ୍କ ସହ ଦୁଇ ସହଯୋଗୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେମାନଙ୍କ ସହ ସାବିତ୍ରୀଙ୍କ ୨ ବର୍ଷର ପୁଅ, ଅନ୍ୟ ଦୁଇ ଅଭିଯୁକ୍ତଙ୍କ ୪ ବର୍ଷର ଝିଅ ଓ ୩ ବର୍ଷର ପୁଅ ମଧ୍ୟ ଜେଲ୍ ଯାଇଛନ୍ତି।

## ଗୁଳିମାଡ଼ରୁ ବର୍ତ୍ତିଗଲେ ଯୁବକ

**ନୂଆପଡ଼ା,୬।୫(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା ଖଡିଆଳ ସହର ଶାନ୍ତିନଗର ପଡ଼ାରେ ସୋମବାର ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବାବେଳେ ସେ ଏଥିରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ଶାନ୍ତିନଗର ପଡ଼ାର ଗୌରବ ଅଗ୍ରୱାଲ (୨୦) ସକାଳ ୬ଟାରେ ପ୍ରାତଃ ଭ୍ରମଣ ପାଇଁ ଯାଇଥିଲେ। ସେହି ସମୟରେ ଦୁଇ ଯୁବକ ଘରର ଅନତି ଦୂରରେ ଏକ ବୁଦାମୂଳେ ଲୁଚି ରହିଥିବା ସେ ଦେଖିବାକୁ ପାଇଥିଲେ। ଗୌରବଙ୍କୁ ଦେଖିବା କ୍ଷଣି ଜଣେ ଯୁବକ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରଥମ ଗୁଳି ଚଳାଇବା ବେଳେ ଗୌରବ ବସିପଡିବାରୁ ରକ୍ଷା ପାଇଯାଇଥିଲେ। ସେହିପରି ଦ୍ୱିତୀୟ ଗୁଳି ଚଳାଇବାବେଳେ ସେ ଡେଇଁପଡି ନିଜକୁ ସୁରକ୍ଷିତ ରଖିଥିଲେ। ଭୟରେ ଗୌରବ ଘରକୁ ଦୌଡିଆସି ଜଣାଇବା ପରେ ପରିବାର ଲୋକେ ଏ ନେଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ ଯୁବକ ଫେରାର ଅଛନ୍ତି । କେଉଁ କାରଣରୁ ଗୌରବଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା ତାହା ଅସ୍ପଷ୍ଟ ରହିଛି। ଏହାକୁ ନେଇ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଭିଯୋଗ ପରେ ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ସହରରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛନ୍ତି। ଯୁବକ ଦ୍ୱୟ ଧରାପଡିବା ପରେ ଗୁଳିମାଡ଼ର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

## ହୋଇଯାଆନ୍ତୁ ସାବଧାନ: ବଜାରରେ ମିଳୁଛି ନକଲି କ୍ଷୀର

**ଜଗତସିଂହପୁର,୬।୫(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଜିଲା ପ୍ରଶାସନର ୫ ଜଣିଆ ଟିମ୍ ଚଢ଼ାଉ କରି ବାଲିସାହି ଅଞ୍ଚଳରୁ ଏକ ନକଲି କ୍ଷୀର ଗୋଦାମ ଠାବ କରିଛି। ଗୋଦାମରୁ ଅପମିଶ୍ରିତ କ୍ଷୀର ସହ ବସ୍ତାବସ୍ତା ପାଉଡର୍ ଜବତ କରାଯାଇଛି। ଅନ୍ୟପକ୍ଷେ ଅପମିଶ୍ରିତ କ୍ଷୀର ଓମ୍‌ଫେଡ୍‌କୁ ସପ୍ଲାଏ କରାଯାଉଥିବା ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ଚାଷୀଙ୍କଠାରୁ କ୍ଷୀର ନେଇ ଗୋଦାମରେ ପାଉଡର ପକାଇ ଅପମିଶ୍ରଣ କରାଯାଉଥିବା ଜଣାପଡିଛି।

## ସେନା ଓ ସରକାରଙ୍କ ସହ ପ୍ରସ୍ତୁତ ରହିବେ ସାଧାରଣ ଜନତା: ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ରାଜ୍ୟର ୧୨ଟି ସ୍ଥାନରେ ବୁଧବାର ମକ୍ ଡ୍ରିଲ ହେବ। ଆଗକୁ ଗାଁରେ ବି ହେବ ମକ୍ ଡ୍ରିଲ। ଯୁଦ୍ଧ ସମୟରେ କଣ କରିବାକୁ ପଡେ, ତା' ଉପରେ ଆଡଭାଇଜରୀ ମଧ୍ୟ ଆସିବ। କେବଳ ସେନା ଓ ସରକାର ପ୍ରସ୍ତୁତ ହେଲେ ହେବ ନାହିଁ, ସାଧାରଣ ଜନତା ମଧ୍ୟ ପ୍ରସ୍ତୁତ ହେବା ଉଚିତ। ଓଡ୍ରାଫ, ଅଗ୍ନିଶମ, ଓଡ଼ିଶା ପୋଲିସ, ଅର୍ଦ୍ଧ ସାମରିକ ବାହିନୀଙ୍କର ମକ୍ ଡ୍ରିଲରେ ଭୂମିକା ରହିବ। ଜନସାଧାରଣ ଭୟଭୀତ ହେବାର କୌଣସି କାରଣ ନାହିଁ, ଏଭଳି ପରିସ୍ଥିତିରେ ଆମକୁ ସଜାଗ ରହିବା ସହ ସାମ୍ନା କରିବାକୁ ପଡ଼ିବ। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ବୁଧବାର ହେବାକୁ ଥିବା ମକ୍ ଡ୍ରିଲ ଉପରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। ଆଗକୁ ଗାଁରେ ବି ହେବ ମକ ଡ୍ରିଲ୍। ଯୁଦ୍ଧ ସମୟରେ କଣ କରିବାକୁ ପଡେ, ତା ଉପରେ ଆଡଭାଇଜରୀ ମଧ୍ୟ ଆସିବ। କୌଣସି ପରିସ୍ଥିତି ସୃଷ୍ଟି ହେଲେ ସାମ୍ନା କରିବା ପାଇଁ ପୂର୍ବ ପ୍ରସ୍ତୁତି ଆବଶ୍ୟକ। ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଛି, କେତେବେଳେ କ'ଣ ହେବ କିଛି କହି ହେବନାହିଁ। କେବଳ ଭାରତ ନୁହେଁ ଆମେରିକା ଭଳି ଦେଶ ମଧ୍ୟ ପୂର୍ବରୁ ଆତଙ୍କବାଦୀ ଆକ୍ରମଣର ସାମ୍ନା କରିଛି ।



ପ୍ରବଳ ଖରା ଆଉ ଗୁଳୁଗୁଳିରୁ ରକ୍ଷା ପାଇଁ ସତର୍କ ତ ହେବାକୁ ପଡ଼ିବ। (ଫଟୋ-ଚନ୍ଦ୍ରଶେଖର)

## ଜୁନରୁ ଦୈନିକ ଭୁବନେଶ୍ୱର-ବିଶାଖାପାଟଣା ବିମାନ ସେବା

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଆସନ୍ତା ଜୁନରୁ ପ୍ରତିଦିନ ଭୁବନେଶ୍ୱରରୁ ବିଶାଖାପାଟଣା ଉଡ଼ିବ ବିମାନ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଙ୍ଗଳବାର ବିଲଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଆଭିଏସନ୍ ଆସେଟ୍ସ ଆଣ୍ଡ ନେଟୱାର୍କ (ବି-ମାନ୍) ଯୋଜନା ଅଧୀନରେ ଏହି ଦୈନିକ ବିମାନ ଉଡ଼ାଣ ନେଇ ସୂଚନା ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ସରକାରୀ 'ଏକ୍ସ' ହ୍ୟାଣ୍ଡଲରେ ସୂଚନା ଦେବା ସହ ଏଥିସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ସେ ନୂତନ ଗନ୍ତବ୍ୟ ନୀତି ବିଷୟରେ ଉଲ୍ଲେଖ କରି ଏହା ଓଡ଼ିଶା ପାଇଁ ପର୍ଯ୍ୟଟନ, ବାଣିଜ୍ୟ ଓ ଆଞ୍ଚଳିକ ସଂଯୋଗୀକରଣ ପାଇଁ ନୂତନ ରାସ୍ତା ଖୋଲିବ ବୋଲି ଆଶା ପ୍ରକାଶ କରିଛନ୍ତି। ଇଣ୍ଡିଗୋ ପକ୍ଷରୁ ଏହି ବିମାନ ସେବା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଫେବୃଆରୀରେ ୨୦୨୫-୨୬ ବଜେଟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ବିମାନ ଭିତ୍ତିଭୂମି ବିକାଶକୁ ସମର୍ଥନ କରିବା ଓ ବିମାନ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ବି-ମାନ୍ ଯୋଜନା ପାଇଁ ଜୋର ଦେଇଥିଲେ। ଏପରିକି ପାରାଦୀପରେ ଏକ ନୂତନ ବିମାନବନ୍ଦର ପ୍ରତିଷ୍ଠା ଏବଂ ୧୦ଟି ଘରୋଇ ଓ ୩ଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ବିମାନ ସଂଯୋଗୀକରଣ ବିସ୍ତାର କରିବା ପାଇଁ ୩୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା ।

● ଆଜି ସିଭିଲ ଡିଫେନ୍ସ ମକ୍ ଡ୍ରିଲ୍

## ଯୁବକ ଓ ଛାତ୍ରଙ୍କୁ ସାମିଲ୍ ପାଇଁ ଏବିଭିପିର ନିବେଦନ



**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଆସନ୍ତାକାଲି ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଦେଶବ୍ୟାପୀ ଆୟୋଜିତ ହେବାକୁ ଥିବା 'ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲରେ ବହୁ ସଂଖ୍ୟାରେ ଛାତ୍ର ଓ ଯୁବକ ଅଂଶଗ୍ରହଣ କରିବା ସକାଶେ ଅଖିଳ ଭାରତୀୟ ବିଦ୍ୟା ପରିଷଦ (ଏବିଭିପି), ଭଦ୍ରକ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ଡ୍ରିଲରେ ଏୟାର ରେଡ୍ ଚେତାବନୀ ସାଇରନ୍ ପରୀକ୍ଷା, କ୍ରାସ୍ ବ୍ଲାକଆଉଟ୍ ବ୍ୟାୟାମ, ସାଧାରଣ ନାଗରିକଙ୍କ ନିରାପଦ ସ୍ଥାନାନ୍ତର ପାଇଁ ରିହର୍ସାଲ୍ ଓ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ବ୍ୟବସ୍ଥାରେ ଯୁବକ ଓ ସାଧାରଣ ଜନତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ। ଅତିରିକ୍ତ ଭାବେ ରାଡାର ଷ୍ଟେସନ୍ ଓ ପାୱାର୍ ପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ଲୁଚାଇବା ପାଇଁ ରଣକୌଶଳର ଅଭ୍ୟାସ କରାଯିବ। ଜାତୀୟ ସୁରକ୍ଷା ପାଇଁ ସଶସ୍ତ୍ର ବାହିନୀ ସହ ଦେଶର ପ୍ରତିଟି ନାଗରିକ, ବିଶେଷକରି ଯୁବକମାନଙ୍କର ସହଭାଗୀ କର୍ତ୍ତବ୍ୟ ରହିଛି। ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ସଚେତନତା, ସତର୍କତା ଓ ପ୍ରସ୍ତୁତିର କେନ୍ଦ୍ର ହେବା ଆବଶ୍ୟକ। ଏବିଭିପି ଦେଶର ଛାତ୍ର, ଯୁବକ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ମକ୍ ଡ୍ରିଲ୍‌ରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣକୁ ଗମ୍ଭୀରତାର ସହ ଗ୍ରହଣ କରିବା ଓ ଭାରତକୁ ଏକ ସଚେତନ, ଶୃଙ୍ଖଳିତ ଏବଂ ସୁରକ୍ଷିତ ଗଠନରେ ସହଯୋଗ କରିବାକୁ ନିବେଦନ କରିଛି। ଏହି ଉଦ୍ଦେଶ୍ୟରେ ଏବିଭିପି, ଭଦ୍ରକ ଜିଲ୍ଲାର ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପତଙ୍କୁ ସାକ୍ଷାତ କରି ଅନୁରୋଧପତ୍ର ପ୍ରଦାନ କରାଯାଇ ଛାତ୍ର ଓ ଯୁବକମାନଙ୍କୁ ଏହି ମକ ଡ୍ରିଲରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି।

## ଏସ୍ଏଲ୍‌ଡିସି ବୁଲିଲେ ରାଜ୍ୟପାଳ



**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଆଜି ଅପରାହ୍ଣରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ମଂଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏସଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହ ଏହାର ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏସ୍ଏଲ୍‌ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଓ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି, ସେ ବିଷୟରେ ମଧ୍ୟ କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏସ୍ଏଲ୍‌ଡିସିର ଅଧିକାରୀମାନେ ରାଜ୍ୟରେ ବିଦ୍ୟୁତ ଚାହିଦା ଓ ଯୋଗାଣର ସନ୍ତୁଳନ ରକ୍ଷା, ଗ୍ରୀଡ ସ୍ଥିରତା ସୁନିଶ୍ଚିତ କରିବା ଓ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ବିଦ୍ୟୁତ ବଣ୍ଟନକୁ ଅଧିକ କ୍ରିୟାଶୀଳ କରିବା ଆଦି ବିଷୟରେ ସୂଚନା ଦେଇଥିଲେ। ଏଥିସହ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଓ ଅନ୍ୟ ରାଜ୍ୟ, କେନ୍ଦ୍ରୀୟ ଗ୍ରୀଡ ସହ ସମନ୍ୱୟ ରକ୍ଷା ଦିଗରେ ଏସଏଲଡିସିର କାର୍ଯ୍ୟଧାରା ସମ୍ପର୍କରେ ରାଜ୍ୟପାଳ ଅବଗତ ହୋଇଥିଲେ। ପରିଦର୍ଶନ ସମୟରେ ଏସ୍ଏଲ୍‌ଡିସିର ଅଧ୍ୟକ୍ଷ ତଥା ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ବିବିଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ସୁଦୃଢ଼ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଲୋକସଭା ଭବନ ସଭାଗୃହରେ ଏହି ହସ୍ପିଟାଲ୍‌ମାନଙ୍କରେ ସ୍ଥିତିର ସମୀକ୍ଷା କରିବା ସହ ସମୟାନୁବନ୍ଧିତ ଭାବେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମେଡିକାଲ କଲେଜ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ହସ୍ପିଟାଲମାନଙ୍କରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇସିୟୁ, ନବଜାତମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ, ସିଟି ସ୍କାନ ଓ ଏମ୍ଆରଆଇ ଯନ୍ତ୍ର ଭଳି ଉଚ୍ଚ ବିଦ୍ୟୁତ୍ ଶକ୍ତିସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲର ବିଦ୍ୟୁତ ୱେୟାରିଂ ସହ ଜେନେରେଟର ସଂଯୋଗୀକରଣ ସ୍ଥାନରେ ବୈଦ୍ୟୁତିକ ଓ ଅଗ୍ନି ନିରାପତ୍ତାକୁ ସଠିକ୍ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଡାକ୍ତରଖାନାମାନଙ୍କ ଅଗ୍ନି ନିରାପତ୍ତା କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନର ସଠିକ୍ ଚିହ୍ନଟ ଓ ସେଗୁଡ଼ିକର ସଂଶୋଧନ ନିମନ୍ତେ ଆବଶ୍ୟକୀୟ ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍ତରରେ ମିଳିତ କମିଟିମାନ ମଧ୍ୟ ଗଠନ କରାଯାଇଛି।



ପ୍ରତି ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ନିରୀକ୍ଷକ, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ମିଳିତ କମିଟି ଗଠନ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କ୍ଷେତ୍ରସ୍ତରୀୟ ଯାଞ୍ଚ ସାରି ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ସହ ଖର୍ଚ୍ଚ ଆକଳନ ପଠାଇବାକୁ ସ୍ୱାସ୍ଥ୍ୟ ସଚିବ ଉକ୍ତ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଦ୍ୟୁତିକ ନିରାପତ୍ତା ଓ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ମାନକ ଅନୁସାରେ ସମସ୍ତ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏବେଠାରୁ ହସ୍ପିଟାଲ ବିଲ୍ଡିଂ-ପ୍ଲାନ୍‌ଗୁଡ଼ିକୁ ଅଗ୍ନି ନିରାପତ୍ତା ଅନୁକୂଳ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁସାରେ ସରକାରୀ ଡାକ୍ତରଖାନାମାନଙ୍କରେ ଅଗ୍ନି-ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସବୁ ଜିଲ୍ଲାମାନଙ୍କୁ ସେମାନଙ୍କ କାର୍ଯ୍ୟ-ଯୋଜନା ଆକଳନ ଅନୁସାରେ ପାଣ୍ଠି ଯୋଗାଇ ଦିଆଯିବ। ଏଥିସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମକ-ଡ୍ରିଲ ଚାଲୁ ରଖିବା, ଅଗ୍ନି ନିରାପତ୍ତା ସହ ସମ୍ପର୍କିତ ସମସ୍ତ ଅଂଶୀଦାରଙ୍କ ସହ ନିୟମିତ ସମୀକ୍ଷା ବୈଠକ, ବୈଦ୍ୟୁତିକ ଯନ୍ତ୍ରପାତି ଓ ଅଗ୍ନି-ନିର୍ବାପକ ଉପକରଣଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ ନିୟମିତ ଭାବେ ଚାଲୁ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ କାର୍ଯ୍ୟର ତଦାରଖ ଓ ପରିଚାଳନା ପାଇଁ ରାଜ୍ୟସ୍ତରୀୟ ମିଳିତ କମିଟିକୁ କୁହାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅଗ୍ନିଶମ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ ଜଳ ନିଗମର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବା ସହ ଆଲୋଚନାରେ ସାମିଲ୍ ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର ଆଲୋଚନା ନିମନ୍ତେ ବିଷୟବସ୍ତୁ ସହ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ।

# ଗୁଜରାଟରେ ପ୍ରବଳ ଝଡ଼ ତୋଫାନ ୧୪ ମୃତ

**ଅହମ୍ମଦାବାଦ, ୬।୫:** ଗୁଜରାଟରେ ପ୍ରବଳ ଝଡ଼ ଓ ତୋଫାନ ସହ ଅଦିନିଆ ବଜ୍ରପାତ ଯୋଗୁଁ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ୨୬ଟି ପଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୭ଟି ଘର ଧ୍ୱଂସ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସତର୍କ କରାଇ ଦେଇ କହିଛି ଯେ, ଆହୁରି କିଛି ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଘଣ୍ଟା ପ୍ରତି ୬୦ କିଲୋମିଟର ବେଗରେ ପବନ ବହିବ। ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର (ଏସଇଓସି) ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୨୫୩ ତାଲୁକା ମଧ୍ୟରୁ ୧୬୮ଟିରେ ହଠାତ୍ ବର୍ଷା ହୋଇଛି।

ମୁଖ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରେ ଖେଡା, ଗାନ୍ଧିନଗର, ମେହସାନା ଏବଂ ଭଦୋଦରା ଅନ୍ତର୍ଭୁକ୍ତ, ଯେଉଁଠାରେ ୨୫-୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯେଉଁଠାରେ ପ୍ରବଳ ପବନ ଏବଂ ଧୂଳିଝଡ଼ ଯୋଗୁଁ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଛି। ଗଛ ଓ ହୋର୍ଡିଂ ଭୁଶୁଡ଼ି ପଡ଼ିଥିବା ବେଳେ ପ୍ରବଳ ପବନ ଯୋଗୁଁ ଲାଗିଥିବା ନିଆଁ ଦାହୋଦର ଲିମଖେଡରେ ଥିବା ଡଜନାଧିକ କୁଡ଼ିଆକୁ



ବ୍ୟାପି ଯାଇଛି। ଅଲଗା ଅଲଗା ଘଟଣାରେ ଘରର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ହୋର୍ଡିଂ ତଳେ ଚାପି ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ବଜ୍ରପାତରେ ପ୍ରାଣ ହରାଇଥିବା ଏସଇଓସି ଅଧିକାରୀମାନେ ସୂଚନା ଦେଇଛନ୍ତି। ଖେଡା, ବଡୋଦରା, ଅହମ୍ମଦାବାଦ, ଦାହୋଦ, ଆରାବଲ୍ଲୀ ଏବଂ ଆନନ୍ଦ ଜିଲ୍ଲାରେ ଏହି ମୃତ୍ୟୁ ଘଟିଥିବା ବେଳେ କେବଳ ଖେଡାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ସଙ୍କଟ ମଧ୍ୟରେ ବିରୋଧୀ ଦଳ ନେତା ଅମିତ ଚାୱଡ଼ା ବିଜେପି ନେତୃତ୍ୱାଧୀନ ସରକାରକୁ ତୀବ୍ର ସମାଲୋଚନା କରିବା ସହ ଏହାକୁ ଭୟଙ୍କର ଅବହେଳା ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଶୋକସନ୍ତପ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଚାୱଡା ସରକାରଙ୍କୁ ତୁରନ୍ତ ଫସଲ କ୍ଷୟକ୍ଷତିର ସର୍ଭେ କରିବା, ପ୍ରକୃତ ଫସଲ ବୀମା ଯୋଜନା ଆରମ୍ଭ କରିବା ଏବଂ ଜରୁରୀକାଳୀନ ହେଲ୍ପଲାଇନ୍ ସକ୍ରିୟ କରିବାକୁ ଅନୁରୋଧ କରିଛନ୍ତି। ଆପ୍ ଗୁଜରାଟ ସାଧାରଣ ସମ୍ପାଦକ ତଥା କୃଷକ ବିଶେଷଜ୍ଞ ସାଗର ରବାରୀ ଚେତାବନୀ ଦେଇଛନ୍ତି ଯେ ଆଉ ଏକ ବାତ୍ୟା ପାଖେଇ ଆସୁଥିବାରୁ କୃଷକଙ୍କ ବ୍ୟାପକ କ୍ଷତି ହେବ। 'ସୁରତ, ନର୍ମଦା, ଭରୁଚ, ନବସାରୀ, ବଲସାଡ - ସମସ୍ତେ ଗୁରୁତର ବିପଦରେ ଅଛନ୍ତି,' ସେ କହିଛନ୍ତି। ହଜାର ହଜାର ହେକ୍ଟର ଆମ୍ବ ଓ କଦଳୀ ଚାଷ ନଷ୍ଟ ହେବା ସହ ଚାଷୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

---

### ଯୁଦ୍ଧରୁ ବଞ୍ଚିବାର ଟିପ୍ସ ଦେଲେ ପୂର୍ବତନ ଆମେରିକୀୟ କର୍ଣ୍ଣେଲ

## ଅତ୍ୟାବଶକୀୟ ଜିନିଷ ମହଜୁଦ ରଖ, ସୁରକ୍ଷିତ ସ୍ଥାନ ଦେଖ

**ନୂଆଦିଲ୍ଲୀ, ୬।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦିନକୁ ଦିନ ବଢ଼ିବାରେ ଲାଗି ରହିଛି। ୧୯୭୧ ପରଠାରୁ ପ୍ରଥମ ଥର ପାଇଁ ସୁରକ୍ଷା ପ୍ରସ୍ତୁତି ପରୀକ୍ଷା ପାଇଁ ସରକାର ବୁଧବାର ଦେଶବ୍ୟାପୀ ଅଭ୍ୟାସ କରିବେ। ଇତିମଧ୍ୟରେ ଆମେରିକା ସେନାର ଜଣେ ଅବସରପ୍ରାପ୍ତ କର୍ଣ୍ଣେଲ ଏୟାର ଷ୍ଟ୍ରାଇକ୍ କିମ୍ବା ବ୍ଲାକ୍ ଆଉଟ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ରହିବାପାଇଁ ସରଳ, ବ୍ୟବହାରିକ ପରାମର୍ଶ ଜାରି କରିଛନ୍ତି। ପେଣ୍ଟାଗନର ପୂର୍ବତନ କୂଟନୀତିଜ୍ଞ ତଥା ଅନ୍ତର୍ଜାତୀୟ ସୁରକ୍ଷା ବିଶେଷଜ୍ଞ କର୍ଣ୍ଣେଲ ଜେଫ୍ରି ଫିଶର ଏଭଳି ସଙ୍କଟ ସମୟରେ ବଞ୍ଚିବା ସମ୍ଭାବନାରେ ଉନ୍ନତି ଆଣିବା ପାଇଁ ଲୋକମାନେ କଣ ଗ୍ରହଣ କରିବା ଉଚିତ, ସେ ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଛନ୍ତି। ଘରେ ସେ ଅତି କମରେ ତିନି ଦିନ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଖାଦ୍ୟ, ପାଣି ଏବଂ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦେଇଛନ୍ତି। ଅଲଗା ହେଲେ ପରିବାର ଲୋକ ସେମାନଙ୍କ କୋଠାରୁ ଦୂରରେ ଏକ ମିଟିଂ ପଏଣ୍ଟରେ ଏକାଠି ହେବା ଉଚିତ୍। ଘରର ସବୁଠାରୁ ସୁରକ୍ଷିତ କୋଠରୀ ଯଥା ବାଥରୁମ୍ କିମ୍ବା କୋଠରୀ ଚିହ୍ନଟ କରିବା ସହ ସେଠାରେ ମେଡିକାଲ ସାମଗ୍ରୀ, ଫ୍ଲାସ୍ ଲାଇଟ୍ ଓ ପାଣି ଭଳି ଜରୁରୀ କାଳୀନ ଜିନିଷ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ନେଟୱାର୍କ ଡାଉନ୍ ହେଲେ ଅପଡେଟ୍ ପାଇବା ପାଇଁ ଏକ ବ୍ୟାଟେରୀ ଚାଳିତ ରେଡିଓ ମଧ୍ୟ ପ୍ରସ୍ତୁତ ରଖିବା ଉଚିତ୍। ଜରୁରୀକାଳୀନ ପରିସ୍ଥିତିରେ ସର୍ବସାଧାରଣରେ ଧରାପଡ଼ିଥିବା ଲୋକଙ୍କ ପାଇଁ ଫିଶର ସତର୍କ ରହିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଆତଙ୍କବାଦୀ ଆକ୍ରମଣ ନେଇ ଖଡ଼ଗେଙ୍କ ବଡ଼ ଆରୋପ

## ତିନି ଦିନ ପୂର୍ବରୁ ଗୁଇନ୍ଦା ରିପୋର୍ଟ ପାଇଥିଲେ ମୋଦି



**ନୂଆଦିଲ୍ଲୀ, ୬।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ବଡ଼ ଆରୋପ ଆଣିଛନ୍ତି କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ। କାଶ୍ମୀରରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁଇନ୍ଦା ରିପୋର୍ଟ ମିଳିବା ପରେ ସେ କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ ବାତିଲ କରିଛନ୍ତି ବୋଲି ସେ ଦାବି କରିଛନ୍ତି। ଖଡ଼ଗେ କହିଛନ୍ତି ଯେ ଏପ୍ରିଲ ୨୨ ରେ ପହଲଗାମ ଆକ୍ରମଣ ହେବାର ତିନି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଏକ ଗୁଇନ୍ଦା ରିପୋର୍ଟ ପଠାଯାଇଥିଲା। ଗୁଇନ୍ଦା ବିଫଳତା ଅଛି, ସରକାର ଏହାକୁ ଗ୍ରହଣ କରିଛନ୍ତି ଏବଂ ସେମାନେ ଏହାର ସମାଧାନ କରିବେ ବୋଲି ସେ କହିଛନ୍ତି। ଯଦି ସେମାନେ ଏହା ଜାଣିଥିଲେ, ତେବେ ସେମାନେ କାହିଁକି କିଛି କଲେ ନାହିଁ?... ମୁଁ ସୂଚନା ପାଇଲି ଯେ ଆକ୍ରମଣର ତିନି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଗୁଇନ୍ଦା ରିପୋର୍ଟ ପଠାଯାଇଥିଲା ଏବଂ ସେଥିପାଇଁ ସେ କାଶ୍ମୀର ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଥିଲେ, ମୁଁ ଏକ ଖବରକାଗଜରେ ମଧ୍ୟ ଏହା ପଢ଼ିଥିଲି। ଖଡଗେ ଆହୁରି ମଧ୍ୟ କହିଛନ୍ତି ଯେ ପହଲଗାମରେ ଛୁଟି କାଟୁଥିବା ପର୍ଯ୍ୟଟକଙ୍କ ଉପରକୁ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଏହି ଆକ୍ରମଣରେ ଗୁଇନ୍ଦା ବିଫଳତା ଥିବା ସରକାର ସ୍ୱୀକାର କରିଛନ୍ତି। ସେମାନେ ଏଥିରେ ଉନ୍ନତି ଆଣିବେ ବୋଲି କହିଥିଲେ। ଆମର ପ୍ରଶ୍ନ ହେଉଛି, ଯେତେବେଳେ ଆପଣ ଏହା ବିଷୟରେ ଜାଣିଥିଲେ, ତେବେ କାହିଁକି ସୁରକ୍ଷା ବ୍ୟବସ୍ଥା କରାଗଲା ନାହିଁ ବୋଲି ଖଡଗେ ପ୍ରଶ୍ନ କରିଛନ୍ତି।

ବିରୋଧୀ ଦଳ ନେତାଙ୍କ ପ୍ରଶ୍ନର ଉତ୍ତରରେ ସରକାର କହିଛନ୍ତି ଯେ ଅନନ୍ତନାଗ ଜିଲ୍ଲାର ପହଲଗାମ ନିକଟସ୍ଥ ବୈସରଣ ଅଞ୍ଚଳ ଖୋଲିବା ପୂର୍ବରୁ ସ୍ଥାନୀୟ କର୍ତ୍ତୃପକ୍ଷ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୂଚନା ଦେଇନଥିଲେ, ଯାହା କି ଜୁନରେ ଅମରନାଥ ଯାତ୍ରା ପର୍ଯ୍ୟନ୍ତ ପାରମ୍ପରିକ ଭାବେ ସୀମିତ ରହିଥାଏ। ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର କିଛି ଦିନ ପୂର୍ବରୁ ଗୁଇନ୍ଦା ଏଜେନ୍ସିମାନେ ପର୍ଯ୍ୟଟକମାନଙ୍କୁ, ବିଶେଷକରି ଶ୍ରୀନଗର ଉପକଣ୍ଠରେ ଜବରୱାନ ରେଞ୍ଜ ପାଦଦେଶରେ ଥିବା ହୋଟେଲରେ ରହୁଥିବା ଲୋକଙ୍କୁ ଟାର୍ଗେଟ କରିବାର ସମ୍ଭାବନା ଥିବା ଦର୍ଶାଇଥିଲେ। ଗତ ମାସ ପ୍ରାରମ୍ଭରେ କଟରାରୁ ଶ୍ରୀନଗର ପର୍ଯ୍ୟନ୍ତ ପ୍ରଥମ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ସମୟରେ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରିବାକୁ ଚାହୁଁଥିଲେ ବୋଲି ସୂଚନା ମିଳିଥିଲା। ସେଥି ଯୋଗୁଁ ଏପ୍ରିଲ ୧୯ତାରିଖରେ ହେବାକୁ ଥିବା ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଥିଲା।

## ୨୦୨୭ରେ ମହାକାଶରେ ପାଦ ଥାପିବ ଭାରତ

**ନୂଆଦିଲ୍ଲୀ, ୬।୫:** ଭାରତର ପ୍ରଥମ ମାନବ ମହାକାଶ ଅଭିଯାନ 'ଗଗନଯାନ' କାର୍ଯ୍ୟକ୍ରମ ଏହାର ଅନ୍ତିମ ପର୍ଯ୍ୟାୟରେ ପ୍ରବେଶ କରିଛି। ୨୦୨୭ର ପ୍ରଥମ ତ୍ରୟମାସରେ ଏହାର ଉଡ଼ାଣ ନିର୍ଦ୍ଧାରିତ ହୋଇଛି। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି ବିଭାଗ, ମହାକାଶ ବିଭାଗ, କାର୍ମିକ, ଜନ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀର ନେସନାଲ ମିଡିଆ ସେଣ୍ଟରରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ମିଶନର ବର୍ତ୍ତମାନର ସ୍ଥିତି, ବୈଷୟିକ ପ୍ରଗତି ଏବଂ ଭାରତର ମିତବ୍ୟୟୀ ମହାକାଶ କାର୍ଯ୍ୟକ୍ରମରୁ ମିଳୁଥିବା ଆର୍ଥିକ ଲାଭ ବିଷୟରେ ମଧ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ, ଚଳିତ ବର୍ଷ ପ୍ରାରମ୍ଭରେ ଟିଭି-ଡି ୱାନ୍ ଅଭିଯାନ ଏବଂ ପ୍ରଥମ ମାନବବିହୀନ ପରୀକ୍ଷଣ ଯାନ ଏବୋର୍ଟ ଅଭିଯାନ ସଫଳ ସମାପନ ଆଗାମୀ ପରୀକ୍ଷଣ କାର୍ଯ୍ୟକ୍ରମ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇଛି। ଦ୍ୱିତୀୟ ପରୀକ୍ଷଣ ଯାନ ମିଶନ (ଟିଭି-ଡି ଟୁ)ର ଶୁଭାରମ୍ଭ ୨୦୨୫ ମସିହା ଶେଷରେ ଧାର୍ଯ୍ୟ ହୋଇଛି। ଏହା ପରେ ଗଗନଯାନର ମାନବବିହୀନ କକ୍ଷପଥ ଉଡ଼ାଣ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ୨୦୨୭ ମସିହାରେ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ସହିତ ସମାପ୍ତ ହେବ, ଯାହା ଭାରତୀୟ ମହାକାଶଚାରୀମାନଙ୍କୁ ଭାରତ ମାଟିରୁ ଏକ ଭାରତୀୟ ରକେଟରେ ପୃଥିବୀର କକ୍ଷପଥକୁ ପଠାଇବ। ଯେଉଁଥିରେ ୨୦୩୫ ସୁଦ୍ଧା ଏକ ଭାରତୀୟ ମହାକାଶ କେନ୍ଦ୍ର ପ୍ରତିଷ୍ଠା ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟଙ୍କ ଅବତରଣ ସାମିଲ ରହିଛି।

---

### ସୁରକ୍ଷା ମକ୍ ଡ୍ରିଲ୍ ପ୍ରସ୍ତୁତି

# ଗୃହ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ବୈଠକ



### ୧୯ଟି 'ସର୍ବୋଚ୍ଚ ପ୍ରାଥମିକତା' ସ୍ଥାନ ଚିହ୍ନଟ

**ନୂଆଦିଲ୍ଲୀ, ୬।୫:** ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ଉତ୍ତେଜନା ବଢୁଥିବା ବେଳେ ଭାରତ ସରକାର ସମଗ୍ର ଦେଶରେ ବେସାମରିକ ପ୍ରତିରକ୍ଷା ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବୁଧବାର ପାଇଁ ହେବାକୁ ଥିବା ଦେଶବ୍ୟାପୀ ବେସାମରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ ପାଇଁ ପ୍ରୋଟୋକଲ୍ ଚୂଡ଼ାନ୍ତ କରିଛନ୍ତି।

ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ବେସାମରିକ ପ୍ରତିରକ୍ଷା ମୁଖ୍ୟଙ୍କ ବ୍ୟତୀତ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଏବଂ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନଡିଆରଏଫ)ର ମହାନିର୍ଦ୍ଦେଶକଙ୍କ ସମେତ ପ୍ରମୁଖ କେନ୍ଦ୍ରୀୟ ବଳ ଏବଂ ଏଜେନ୍ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ କହିଛନ୍ତି ଯେ ବୈଠକରେ ଅଂଶଗ୍ରହଣକାରୀମାନେ ପ୍ରତିରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରିଥିଲେ। ଆମେ ପ୍ରସ୍ତୁତିର ସମୀକ୍ଷା କରିଥିଲୁ। ଏଥିରେ ତ୍ରୁଟି ଚିହ୍ନଟ କରାଯାଇଛି ବୋଲି କହିଛନ୍ତି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ)ର ଜଣେ ବରିଷ୍ଠ ଅଧିକାରୀ। ଗୃହ ମନ୍ତ୍ରଣାଳୟ ସୋମବାର ଏକ ଆଡଭାଇଜରୀ ଜାରି କରି ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଆସନ୍ତାକାଲି ସମନ୍ୱିତ ବେସାମରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ଅଭ୍ୟାସରେ ଭାରତର ସମସ୍ତ ୨୪୪ଟି ନିର୍ଦ୍ଦିଷ୍ଟ ବେସାମରିକ ପ୍ରତିରକ୍ଷା ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯିବ, ଯେଉଁଥିମଧ୍ୟରୁ ଅଧିକାଂଶ ସମ୍ଭାବ୍ୟ ଯୁଦ୍ଧକାଳୀନ ପରିସ୍ଥିତି ସମେତ ବିଭିନ୍ନ ବିପଦର ସମ୍ବେଦନଶୀଳ ବୋଲି ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅଭ୍ୟାସରେ ୨୪୪ଟି ସ୍ଥାନ ମଧ୍ୟରୁ ୧୯ଟି ସ୍ଥାନକୁ 'ସର୍ବୋଚ୍ଚ ପ୍ରାଥମିକତା' ଦିଆଯିବ ବୋଲି ଚିହ୍ନଟ କରାଯାଇଛି। ସମ୍ଭାବ୍ୟ ପ୍ରତିକୂଳ ଆକ୍ରମଣ କିମ୍ବା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବେସାମରିକ ପ୍ରତିରକ୍ଷା ବ୍ୟବସ୍ଥାର ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ। ଏହି ମକ୍ ଡ୍ରିଲ୍ ଯୁଦ୍ଧ ଭଳି ପରିସ୍ଥିତିର ଅନୁକରଣ କରିବ ଏବଂ ଏଥିରେ ସାଇରନ୍ ବଜାଇବା, ସ୍ଥାନୀୟ ଜରୁରୀକାଳୀନ ସେବାର ସମନ୍ୱିତ ପ୍ରତିକ୍ରିୟା ଏବଂ ଜନସୁରକ୍ଷା ଅଭ୍ୟାସ ସମେତ ଏୟାର ଷ୍ଟ୍ରାଇକ୍ ଚେତାବନୀ ପ୍ରଣାଳୀ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ପ୍ରତିକୂଳ ପରିବେଶରେ ସୃଷ୍ଟି ହେବାକୁ ଥିବା ଜରୁରୀ କାଳୀନ ପରିସ୍ଥିତି ପାଇଁ ଦେଶ ଓ ଏହାର ପ୍ରଶାସନିକ ଢାଞ୍ଚାକୁ ପ୍ରସ୍ତୁତ କରିବା ଏହାର ଉଦ୍ଦେଶ୍ୟ। ଏହି ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଦଶନ୍ଧି ମଧ୍ୟରେ ପ୍ରଥମ ହେବ ଏବଂ ଏହା ଏକାଧିକ ଅଞ୍ଚଳରେ ଉଭୟ ଭିତ୍ତିଭୂମି ଏବଂ ମାନବିକ ପ୍ରତିକ୍ରିୟାକୁ ଏକାସାଙ୍ଗରେ ପରୀକ୍ଷଣ କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏହି ମକ୍ ଡ୍ରିଲ୍ ଓଡ଼ିଶା ସମେତ ମୋଟ ୮ଟି ରାଜ୍ୟରେ କରାଯିବ। ଏଥିରେ ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ସହ ସୀମାବର୍ତ୍ତୀ ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ, ହିମାଚଳ ପ୍ରଦେଶ ଓ ଗୁଜରାଟ ଆଦି ରହିଛି। ମକ୍ ଡ୍ରିଲ୍ ମାଧ୍ୟମରେ ମୁଖ୍ୟତଃ ୩ଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ। ପ୍ରଥମତଃ ଏୟାର୍ ରେଡ୍ ୱାର୍ଣ୍ଣିଂ ସିଷ୍ଟମ୍ ସଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତା'ର ଯାଞ୍ଚ, ଦ୍ୱିତୀୟତଃ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିରେ କିପରି ନିଜକୁ ନାଗରିକମାନେ ସୁରକ୍ଷିତ ରଖିପାରିବେ ଏବଂ ତୃତୀୟତଃ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକେ ଏହି ଜରୁରୀକାଳୀନ ବ୍ୟବସ୍ଥା ନେଇ କିପରି ସଚେତନ ଅଛନ୍ତି। ଏନେଇ ସିଭିଲ୍ ଡିଫେନ୍ସ ଅଧିକାରୀମାନେ କହିଛନ୍ତି ଯେ ରେଡ୍ ସାଇରନ୍ ମାଧ୍ୟମରେ ସଙ୍କଟଜନକ ସ୍ଥିତି ସମୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ଏ ସଂକ୍ରାନ୍ତ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତା' ସୁନିଶ୍ଚିତ କରାଯିବ।

## ଆଜି ପାକ ସୀମାରେ ବଡ଼ଧରଣର ବିମାନ ସମରାଭ୍ୟାସ କରିବ ଭାରତ



**ନୂଆଦିଲ୍ଲୀ, ୬।୫:** ପାକ୍ ସୀମାରେ ବଡ଼ ଧରଣର ଅଭ୍ୟାସ କରିବାକୁ ଯୋଜନା କରୁଛି ବାୟୁସେନା: ଜିଓ-ଇଣ୍ଟେଲଭୁ-ଗୁଇନ୍ଦା ବିଶେଷଜ୍ଞ ଡେମିଏନ୍ ସିମୋନ୍ ମଙ୍ଗଳବାର କହିଛନ୍ତି ଯେ ମେ ୭ ଓ ୮ ତାରିଖରେ ପାକିସ୍ତାନ ସୀମା ଦକ୍ଷିଣ ଭାଗରେ ହେବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିମାନ ସମରାଭ୍ୟାସ ପାଇଁ ସରକାର ଏୟାରମ୍ୟାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଯଦିଓ ଏହି ଅଭ୍ୟାସ ବିଷୟରେ ଏପର୍ଯ୍ୟନ୍ତ ବିସ୍ତୃତ ବିବରଣୀ ଜାରି କରାଯାଇନାହିଁ, ତଥାପି ନୋଟାମ୍ ଏହି ସମୟ ମଧ୍ୟରେ ଏହି ଅଞ୍ଚଳରେ ସୀମିତ ଆକାଶପଥ ବ୍ୟବହାର ବିଷୟରେ ସୂଚିତ କରୁଛି, ଯାହା ଭାରତୀୟ ବାୟୁସେନାକୁ ନେଇ ଏକ ବଡ଼ ଧରଣର ସାମରିକ ଅଭ୍ୟାସ ପାଇଁ ପ୍ରସ୍ତୁତିର ସଙ୍କେତ ଦେଇଛି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବା ବେଳେ ଏପରି ନିଷ୍ପତ୍ତି ନିଆଯାଇଛି। ଗତ ମାସ ୨୫ ତାରିଖରେ ଭାରତ ନିଜର ଆଗଧାଡ଼ିର ଲଢୁଆ ବିମାନ ଏବଂ ଏଲିଟ୍ ପାଇଲଟଙ୍କୁ ନେଇ ଏକ ବଡ଼ ଧରଣର ସାମରିକ ଅଭ୍ୟାସ ଆୟୋଜନ କରିଥିବା ବେଳେ ନୌସେନା ତା'ର ଯୁଦ୍ଧ ପ୍ରସ୍ତୁତି ପ୍ରଦର୍ଶନ କରିଥିଲା। ଭାରତୀୟ ବାୟୁସେନା ଏହି ଅଭ୍ୟାସ ପାଇଁ ନିଜର ଅତ୍ୟାଧୁନିକ ରାଫେଲ ଜେଟ୍ ଏବଂ ଶୀର୍ଷସ୍ତରୀୟ ପାଇଲଟଙ୍କୁ ନିୟୋଜିତ କରିଥିଲା। ପାଇଲଟମାନେ ଏସୟୁ-୩୦ ଏମକେଆଇ ସ୍ୱାତନ୍ତ୍ର ସକ୍ରିୟ ଅଂଶଗ୍ରହଣ ସହିତ ପାହାଡ଼ିଆ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ଉଚ୍ଚ ତୀବ୍ରତା ବିଶିଷ୍ଟ ଗ୍ରାଉଣ୍ଡ ଷ୍ଟ୍ରାଇକ୍ ସିମୁଲେସନ୍ କରିଥିଲେ। ଭାରତୀୟ ବାୟୁସେନାର ବରିଷ୍ଠ ନେତୃତ୍ୱଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସରେ ଦୂରସ୍ଥ ଲକ୍ଷ୍ୟସ୍ଥଳରେ ବିସ୍ତାରିତ ଉଡ଼ାଣ ଏବଂ ନିର୍ଦ୍ଦିଷ୍ଟ ଆକ୍ରମଣ ମଧ୍ୟ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ୧୯୭୧ ମସିହାରେ ପାକିସ୍ତାନ ସହ ଯୁଦ୍ଧ ପରେ ସରକାର ପ୍ରଥମ ଥର ପାଇଁ ଦେଶବ୍ୟାପୀ ବେସାମରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସାଧାରଣ ନାଗରିକଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୫୯ଟି ସ୍ଥାନରେ ଏହି ବଡ଼ ଧରଣର ଅଭ୍ୟାସ କରାଯିବ।



### କାଶ୍ମୀର ସୀମାରେ ଯୁଦ୍ଧ ଉତ୍ତେଜନା

## ଫସଲ ଅମଳ ପାଇଁ ଚାଷୀଙ୍କ ଭିଡ଼

**ଶ୍ରୀନଗର, ୬।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବା ବେଳେ ଜମ୍ମୁ-କାଶ୍ମୀରର ପ୍ରାୟ ୨୦୦ କିଲୋମିଟର ଦୀର୍ଘ ଅନ୍ତର୍ଜାତୀୟ ସୀମାରେ ରହୁଥିବା ଚାଷୀମାନେ ତୁରନ୍ତ ଫସଲ ଅମଳ ପ୍ରକ୍ରିୟା ଶେଷ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଜମ୍ମୁ, ସମ୍ବା ଏବଂ କଠୁଆ ଏହି ତିନୋଟି ଜିଲ୍ଲାରେ ପ୍ରାୟ ୧.୨୫ ଲକ୍ଷ ହେକ୍ଟର ଚାଷ ଜମି ପାକିସ୍ତାନର ଶେଲିଂ ରେଞ୍ଜ ଅଧୀନରେ ରହିଛି। ଟ୍ରେଭା, ମହାଶେ-ଦେ-କୋଠେ, ଚନ୍ଦୁ ଚକ, ଘରାନା, ବୁଲା ଚକ୍ ଏବଂ କୋରୋତାନା କଲାନ ଭଳି ଗ୍ରାମରେ ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯେଉଁଥିରେ ଅମଳ ଶେଷ କରିବା, ଶସ୍ୟ ଶୁଖାଇବା ଏବଂ ମିଲକୁ ଡେଲିଭରି ପାଇଁ ପ୍ୟାକିଂ କରିବା ପାଇଁ ପରିବାରଗୁଡ଼ିକ ଦିନରାତି ପରିଶ୍ରମ କରୁଛନ୍ତି। ୯୦ ପ୍ରତିଶତରୁ ଅଧିକ ଗହମ ଓ ଅନ୍ୟାନ୍ୟ ଫସଲ ଅମଳ ହୋଇସାରିଥିବା ବେଳେ ଅବଶିଷ୍ଟ ଫସଲ ଅମଳ, ପ୍ୟାକେଜିଂ କରି ମିଲକୁ ପଠାଇବା ପ୍ରକ୍ରିୟା ଜାରି ରହିଛି। ଅମଳ ଶେଷ କରିବା ପାଇଁ ଆମେ ସମୟ ବିରୁଦ୍ଧରେ ଦୌଡ଼ୁଛୁ ବୋଲି ଅର୍ନିଆ ସେକ୍ଟରର ଟ୍ରେଭା ଗାଁର ୫୦ ବର୍ଷୀୟ କୃଷକ ସନ୍ତୋଷ ସିଂହ କହିଛନ୍ତି। ସୀମାଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଟ୍ରେଭାକୁ ସିଧାସଳଖ ପାକିସ୍ତାନ ରେଞ୍ଜର୍ସଙ୍କ ଠାରୁ ବିପଦ ରହିଛି। ସତର୍କ ସୂଚନା ଜାରି କରାଯାଇଛି। ଅମଳ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତହସିଲଦାର ୨୦ଟି ହାର୍ଭେଷ୍ଟର ବ୍ୟବସ୍ଥା କରିଛନ୍ତି। ଏହି ଅଞ୍ଚଳରେ ୯୫ ପ୍ରତିଶତ ଅମଳ ଶେଷ ହୋଇସାରିଛି, କହିଛନ୍ତି ଟ୍ରେଭାର ଅନ୍ୟ ଜଣେ କୃଷକ ରାକେଶ କୁମାର। ଆମେ ବିପଦସଙ୍କୁଳ ଅଞ୍ଚଳରେ ରହୁଛୁ। ଯେତେ ଥର ଗୁଳିଚାଳନା ଆରମ୍ଭ ହୁଏ, ଆମେ ମୃତ୍ୟୁ ଓ ବିନାଶର ସମ୍ମୁଖୀନ ହୋଇଥାଉ। ପଞ୍ଜାବ ସୀମାରେ ଥିବା କଠୁଆ ଜିଲ୍ଲାର ପାହାଡ଼ପୁରଠାରୁ ଆରମ୍ଭ କରି ଜମ୍ମୁ ଜିଲ୍ଲାର ଚିକେନ୍ ନେକ୍ ପର୍ଯ୍ୟନ୍ତ ଚାଷ ଜମି ଅସୁରକ୍ଷିତ ରହିଥିବା ବେଳେ ସୀମାର ୫ କିଲୋମିଟର ମଧ୍ୟରେ ରହୁଥିବା ହଜାର ହଜାର ପରିବାର ସବୁବେଳେ ବିପଦର ସମ୍ମୁଖୀନ ହେଉଛନ୍ତି। ୨୦୨୧ ଫେବ୍ରୁଆରିରେ ଭାରତ ଓ ପାକିସ୍ତାନ ପୁଣି ଥରେ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ହେଁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଶାନ୍ତିରେ ନୂଆ ଚାପ ସୃଷ୍ଟି ହୋଇଛି। ଆମେ ଅନୁଭବ କରୁଛୁ ଯେ ଏହା ୨୦୨୧ର ଗୁଳିଚାଳନା ଠାରୁ ମଧ୍ୟ ଖରାପ ହେବ। ଏହା ଯୁଦ୍ଧ ହେବାର ସମ୍ଭାବନା ରହିଛି, ଯାହାକୁ ଆମେ ୧୯୭୧ରେ ଦେଖିଥିଲୁ। ଆମେ ଏଥର ଭଲ ଭାବେ ପ୍ରସ୍ତୁତ ଅଛୁ। ଆମେ ଆମ ଗାଁରୁ ଆମ ସୈନିକମାନଙ୍କୁ ସାହସିକତାର ସହ ସମର୍ଥନ କରିବୁ", ମହାଶେ-ଦେ-କୋଠେ ଗ୍ରାମର ୮୦ ବର୍ଷ ବୟସ୍କ ଫକୀର ଚାନ୍ଦ କହିଛନ୍ତି।

---

# ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କ ସମେତ ୨୧ ବିଚାରପତି ସମ୍ପତ୍ତି ତାଲିକା ଦେଲେ



**ନୂଆଦିଲ୍ଲୀ, ୬।୫:** ପ୍ରଧାନବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର ୨୧ ଜଣ ବିଚାରପତି ସୋମବାର ରାତିରେ ସେମାନଙ୍କ ଓ ତାଙ୍କ ପତ୍ନୀଙ୍କ ସମ୍ପତ୍ତି ସମ୍ପର୍କରେ ତାଲିକା ଜନସାଧାରଣଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ନ୍ୟାୟପାଳିକାରେ ସ୍ୱଚ୍ଛତା ବଢ଼ାଇବ ବୋଲି ଆଶା କରାଯାଉଛି। ସୁପ୍ରିମକୋର୍ଟର ୱେବସାଇଟ୍ www.supremecourtofindia.nic.in ଏହି ସୂଚନା ଉପଲବ୍ଧ ରହିଛି। ସର୍ବୋଚ୍ଚ ନ୍ୟାୟାଳୟରେ ମଞ୍ଜୁରୀପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ହେଉଛି ୩୪; ବର୍ତ୍ତମାନ ଗୋଟିଏ ପଦବୀ ଖାଲି ପଡିଛି।

ଯେଉଁ ୧୨ ଜଣ ବିଚାରପତି ଏପର୍ଯ୍ୟନ୍ତ ସେମାନଙ୍କର ବିସ୍ତୃତ ସମ୍ପତ୍ତି ଘୋଷଣା କରିନାହାଁନ୍ତି ସେମାନେ ହେଲେ ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଜେକେ ମାହେଶ୍ୱରୀ, ଦୀପଙ୍କର ଦତ୍ତ, ମନୋଜ ମିଶ୍ର, ଅହସାନୁଦ୍ଦିନ ଅମାନୁଲ୍ଲା, ଅରବିନ୍ଦ କୁମାର, ପ୍ରଶାନ୍ତ କୁମାର ମିଶ୍ର, ସତୀଶ ଚନ୍ଦ୍ର ଶର୍ମା, ପ୍ରସନ୍ନ ବି ଭାରଲେ, ଏନ କୋଟିଶ୍ୱର ସିଂହ, ଜଷ୍ଟିସ ଆର ମହାଦେବନ ଏବଂ ଜଷ୍ଟିସ ଜୟମଲ୍ୟା ବାଗଚୀ। ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କର ଦକ୍ଷିଣ ଦିଲ୍ଲୀରେ ଏକ ତିନି ବେଡରୁମ ଫ୍ଲାଟ୍, ଦିଲ୍ଲୀର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭିଲେଜରେ ଦୁଇଟି ପାର୍କିଂ ସ୍ଥାନ ଥିବା ଏକ ଚାରି ବେଡରୁମ ଫ୍ଲାଟ୍ ରହିଛି, ଯାହାର ଉଚ୍ଚତା ୨୪୪୬ ବର୍ଗଫୁଟ। ସୁପର ଏରିଆ। ୨୦୧୬ ବର୍ଗଫୁଟର ଗୁରୁଗ୍ରାମର ସେକ୍ଟର ୪୯ସ୍ଥିତ ସିସପାଲ ବିହାରରେ ଥିବା ୪ ବେଡରୁମ ଫ୍ଲାଟରେ ତାଙ୍କର ୫୬% ଅଂଶ ରହିଛି। ସୁପର ଏରିଆ। ହିମାଚଳ ପ୍ରଦେଶର ଡାଲହାଉସିଠାରେ ଥିବା ଜମିର ଅବିଭକ୍ତ ଭାଗ ଥିବା ଘରର ମାଲିକ ଦେବ ରାଜ ଖାନ୍ନା (ଏଚୁ୍ୟଏଫ)ରେ ତାଙ୍କର ଅଂଶ ରହିଛି। ୧୯୮୯ ମସିହାରେ ଖୋଲାଯାଇଥିବା ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ) ଆକାଉଣ୍ଟରେ ତାଙ୍କର ୫୫.୭୫ ଲକ୍ଷ ଟଙ୍କା ଏବଂ ବ୍ୟାଙ୍କ ଆକାଉଣ୍ଟରେ ୧.୦୬ କୋଟି ଟଙ୍କା ରହିଛି। ତାଙ୍କ ପାଖରେ ଜିପିଏଫ୍ ରହିଛି- ୧,୭୭,୮୯,୦୦୦। ତାଙ୍କୁ ଏଲଆଇସି ମନି ବ୍ୟାକ୍ ପଲିସି ବାର୍ଷିକ ପ୍ରିମିୟମ ୨୯,୬୨୫ ଏବଂ ସେୟାରରୁ ୧୪,୦୦୦ ଟଙ୍କା ମିଳିଛି। ମଜାର କଥା ହେଉଛି, ମେ ୧୩ରେ ଅବସର ନେଉଥିବା ପ୍ରଧାନ ବିଚାରପତିଙ୍କ ଉପରେ କୌଣସି ଦାୟିତ୍ୱ କିମ୍ବା ଋଣ ନାହିଁ। ମନୋନୀତ ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୯.୬୩ ଲକ୍ଷ ଟଙ୍କା ଥିବା ବେଳେ ପିପିଏଫ ଆକାଉଣ୍ଟରେ ୬.୫୯ ଲକ୍ଷ ଟଙ୍କା ରହିଛି। ଏହା ବ୍ୟତୀତ ମହାରାଷ୍ଟ୍ରର ଅମରାବତୀରେ ତାଙ୍କର ଏକ ଆବାସିକ ଘର ଅଛି (ମୃତ ପିତାଙ୍କ ଠାରୁ ଉତ୍ତରାଧିକାରୀ)। ମହାରାଷ୍ଟ୍ର (ସେଲ୍ଫ)ର ମୁମ୍ବାଇର ବାନ୍ଦ୍ରାଠାରେ ତାଙ୍କର ଏକ ଆବାସିକ ଆପାର୍ଟମେଣ୍ଟ ରହିଛି। ଏହାବ୍ୟତୀତ ନୂଆଦିଲ୍ଲୀ (ସେଲ୍ଫ)ର ଡିଫେନ୍ସ କଲୋନୀରେ ତାଙ୍କର ଏକ ଆବାସିକ ଆପାର୍ଟମେଣ୍ଟ ରହିଛି। ମହାରାଷ୍ଟ୍ରର ଅମରାବତୀ ଏବଂ ନାଗପୁରର କେଦାପୁର ଏବଂ କାଟୋଲରେ (ପିତାଙ୍କଠାରୁ ଉତ୍ତରାଧିକାରୀ ଭାବେ) ଜଷ୍ଟିସ ଗାଭାଇଙ୍କର ଚାଷ ଜମି ରହିଛି।

ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଚଣ୍ଡିଗଡ଼ର ସେକ୍ଟର ୧୦ରେ ଗୋଟିଏ କେନାଲ ଘର (ସେଲ୍ଫ/ପତି/ପତ୍ନୀ/ଏଚୁ୍ୟଏଫର ମିଳିତ ମାଲିକାନାରେ), ପଞ୍ଚକୁଲା ଜିଲ୍ଲାର ଗୋଲପୁରା ଗ୍ରାମରେ ୧୩.୫ ଏକର (ପ୍ରାୟ) ଚାଷ ଜମି (ସେଲ୍ଫ/ପତି/ପତ୍ନୀ/ଏଚୁ୍ୟଏଫର ମିଳିତ ମାଲିକାନାରେ), ଗୁରୁଗ୍ରାମର ସୁଶାନ୍ତ ଲୋକ-୧ରେ ୩୦୦ ବର୍ଗୟାର୍ଡ ପ୍ଲଟ୍ ରହିଛି। (ମିଳିତ ଭାବେ ସ୍ୱୟଂ/ଜୀବନସାଥୀ/ଏଚୁ୍ୟଏଫର ମାଲିକାନାରେ), ନୂଆଦିଲ୍ଲୀର ଜି.କେ.-ଆଇ.ରେ ଥିବା ୨୮୫ ବର୍ଗ ଗଜ ଘରର ତଳ ମହଲା ଓ ବେସମେଣ୍ଟ, (ମିଳିତ ଭାବେ ନିଜ/ଜୀବନସାଥୀଙ୍କ ମାଲିକାନାରେ)। ଚଣ୍ଡିଗଡ଼ର ସେକ୍ଟର ୧୮-ସିରେ ତାଙ୍କର ୧୯୨ ବର୍ଗ ଗଜ ଘର ରହିଛି (ସେଲ୍ଫ/ଜୀବନସାଥୀଙ୍କ ମିଳିତ ମାଲିକାନାରେ), ଡିଏଲଏଫ୍-୨, ଗୁରୁଗ୍ରାମ (ସେଲ୍ଫ)ରେ ୨୫୦ ବର୍ଗ ଗଜ ଘର ରହିଛି। ପ୍ରାୟ ୧୨ ଏକର ପରିମିତ ଚାଷ ଜମିରେ ତାଙ୍କର ୧/୩ ଭାଗ ଏବଂ ଜିଲ୍ଲାର ପେଟୱାର ଗ୍ରାମରେ ଏକ ଘର ଅଛି। ହିସାର। (ପୈତୃକ), ଏହା ବ୍ୟତୀତ ୨୫୦ ବର୍ଗ ଗଜ ଘର, ଅର୍ବାନ ଇଷ୍ଟେଟ-୨, ହିସାର (ପିତାଙ୍କଠାରୁ ଉତ୍ତରାଧିକାରୀ)। ମେ ୨୪ରେ ଅବସର ନେବାକୁ ଥିବା ଜଷ୍ଟିସ ଏଏସ୍ ଓକାଙ୍କ ପାଖରେ ପିପିଏଫରେ ୯୨.୩୫ ଲକ୍ଷ ଟଙ୍କା, ଏଫଡିରେ ୨୧.୭୬ ଲକ୍ଷ ଟଙ୍କା, ୨୦୨୨ ମଡେଲର ମାରୁତି ବଲେନୋ କାର୍ ଏବଂ ୫.୧ ଲକ୍ଷ ଟଙ୍କାର କାର ଋଣ ରହିଛି।

ଜଷ୍ଟିସ ବିକ୍ରମ ନାଥ ନୋଏଡାରେ ୨-ବିଏଚକେ ଆପାର୍ଟମେଣ୍ଟ, ଆହ୍ଲାବାଦରେ ଏକ ବଙ୍ଗଳା ଏବଂ ଉତ୍ତର ପ୍ରଦେଶରେ ଉତ୍ତରାଧିକାରୀ ଭାବେ ଚାଷ ଜମି ଘୋଷଣା କରିଛନ୍ତି। ଏଥିସହିତ ତାଙ୍କର ୧.୫ କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି। ୟୁଏସ୍ ଆଇଏସ୍ ର କେଭି ବିଶ୍ୱନାଥନଙ୍କ ପାଖରେ ୧୨୦ କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି ଏବଂ ସେ ଗତ ୧୦ ବର୍ଷ ମଧ୍ୟରେ ୯୧ କୋଟି ଟଙ୍କାର ଟିକସ ପୈଠ କରିଛନ୍ତି। ନୂଆଦିଲ୍ଲୀର ସଫଦରଜଙ୍ଗ ଉନ୍ନୟନ ଅଞ୍ଚଳରେ ୨୦୧୦ମସିହାରେ କିଣାଯାଇଥିବା ତାଙ୍କର ଏକ ବିଲ୍ଡର ଫ୍ଲୋର ହାଉସ୍ ରହିଛି। ସେହି ଅଞ୍ଚଳରେ ୨୦୧୪ରେ ତାଙ୍କର ଏକ ବିଲ୍ଡର ଫ୍ଲୋର ହାଉସ୍ ମଧ୍ୟ କିଣାଯାଇଛି। ୨୦୧୬ରେ ନୂଆଦିଲ୍ଲୀର ଗୁଲମୋହର ପାର୍କରେ କିଣାଯାଇଥିବା ଏକ ବିଲ୍ଡର ଫ୍ଲୋର ହାଉସର ଯୁଗ୍ମ ମାଲିକାନା (ପତି-ପତ୍ନୀଙ୍କ ସହ ୫୦% ଅଂଶ) ମଧ୍ୟ ତାଙ୍କର ରହିଛି।

# ହକି ଇଣ୍ଡିଆ ଲିଗ୍‌ରୁ ଓହରିଲା ଟିମ୍ ଗୋନାସିକା

## ଖେଳାଳିଙ୍କ ଦରମା ଦେଇନାହାନ୍ତି ବେଙ୍ଗଲ ଟାଇଗର୍ସ ଓ ଓଡ଼ିଶା ୱାରିୟର୍ସ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ପାଞ୍ଚବର୍ଷର ବ୍ୟବଧାନ ପରେ ଫେରିଥିବା ହକି ଇଣ୍ଡିଆ ଲିଗ୍‌ର ଭବିଷ୍ୟତ ନେଇ ପୁଣି ଥରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଉଭୟ ପୁରୁଷ ଓ ମହିଳା ବର୍ଗର ବିଜେତା ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ଓ ଓଡ଼ିଶା ୱାରିୟର୍ସ ଏପର୍ଯ୍ୟନ୍ତ ଖେଳାଳି ଓ ସହକାରୀ ଅଧିକାରୀଙ୍କ ଦରମା ନେଇ ନାହାନ୍ତି। ଉଭୟ ସଂସ୍ଥା ଭାରତୀୟଙ୍କ ସହ ବିଦେଶୀ ଖେଳାଳିଙ୍କ ପାଖାପାଖି ୩୦ ପ୍ରତିଶତ ବକେୟା ରଖିଥିବା ଜଣାପଡ଼ିଛି। ଏଣୁ ଏପ୍ରିଲ ୧୫ ସୁଦ୍ଧା ସମସ୍ତ ବକେୟା ଦରମା ଦେବାକୁ ହକି ଇଣ୍ଡିଆ ପକ୍ଷରୁ ଗତମାସରେ ସେମାନଙ୍କ ପାଖକୁ ଅନୁଷ୍ଠାନିକ ଇମେଲ ଦିଆଯାଇଥିଲା। ହେଲେ ଦୁଇଟି ଯାକ ଦଳ ଚୁକ୍ତି ମୁତାବକ ଏବେବି ଏହି ନିର୍ଦ୍ଦେଶକୁ ମାନି ନାହାନ୍ତି। ଯାହା ଫଳରେ ଆଗାମୀ ଋତୁରେ ଲିଗ୍ ଆୟୋଜନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଲିଗ୍‌ରେ ଅଂଶଗ୍ରହଣ କରିଥିବା ଖେଳାଳି ଓ ସହକାରୀ ଅଧିକାରୀଙ୍କ କିଛି ଦରମା ଏବେବି ବକେୟା ରହିଥିବା ହକି ଇଣ୍ଡିଆର ମହାସଚିବ ଭୋଳାନାଥ ସିଂହ ମାନିଛନ୍ତି। ତେବେ କୌଣସି ଖେଳାଳିଙ୍କଠାରୁ ଏଥିନେଇ ଆନୁଷ୍ଠାନିକ ଅଭିଯୋଗ ପାଇ ନଥିବା ସେ କହିଛନ୍ତି। ଦଳୀୟ ମାଲିକ ଓ ଖେଳାଳିଙ୍କ ସହ ଆଲୋଚନା କରି ଏହି ମାମଲାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି କିନ୍ତୁ ଆଶ୍ୱାସନା ଦେଇଛନ୍ତି।

ସେପଟେ ବିଶାଖାପାଟଣାକୁ ଘରୋଇ ସହର କରିଥିବା ଓଡ଼ିଶା ଦଳ 'ଟିମ୍ ଗୋନାସିକା' ଲିଗ୍‌ରୁ ସଂପୂର୍ଣ୍ଣ ଓହରିଯିବା ଖବର ହକି ଇଣ୍ଡିଆକୁ ଘୋର ଚିନ୍ତାରେ ପକାଇଛି। ଟିମ୍ ଗୋନାସିକାର ମାଲିକ ତଥା ଓଡ଼ିଶାର ପ୍ରତିଷ୍ଠିତ ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି ମଧ ହକି ଇଣ୍ଡିଆ ଲିଗ୍‌ର ଆଗାମୀ ଋତୁରେ ଟିମ୍ ଗୋନାସିକା ଅଂଶଗ୍ରହଣ କରିବା ନାହିଁ ବୋଲି 'ସମ୍ବାଦ' ସହ କଥା ହେଲା ବେଳେ ସ୍ପଷ୍ଟ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି, ଏକ ପେସାଦାର ହକି ଦଳ ପରିଚାଳନା କରିବା ସହଜ କଥା ନୁହେଁ। ଏଥିଲାଗି ଅଭିଜ୍ଞତା ଓ ବିପୁଳ ଅର୍ଥର ଆବଶ୍ୟକତା ରହିଛି। ବଡ଼ବଡ଼ କଂପାନି ହିଁ ଏହାର ଭାର ସମ୍ଭାଳି ପାରିବେ। ଯଦିଓ ଆମକୁ କିଛି ପ୍ରାୟୋଜକ ମିଳିଥିଲେ। ତଥାପି ହାତରୁ ମୋଟା ଅଙ୍କ ଖର୍ଚ୍ଚ ହୋଇଥିଲା। ଏଣୁ ବାଧହୋଇ ଆମେ ହକି ଇଣ୍ଡିଆ ଲିଗ୍‌ରୁ ଓହରିଲୁ। ଆଗାମୀ ଋତୁରେ ଅନ୍ୟ କେହି ଏହି ଦଳ ନେଇ ପାରନ୍ତି କିମ୍ବା ନୂଆ ଦଳ ଗଠନ ହୋଇପାରେ। ସେମିତି ବି ଅନ୍ୟ ଏକ କଂପାନି ଓହରି ଯିବାକୁ ଆମେ ଶେଷ ମୁହୂର୍ତ୍ତରେ ଦଳ କିଣି ଥିଲୁ। ପ୍ରକାଶଯୋଗ୍ୟ ଯେ ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଖେଳିଥିବା ଟିମ୍ ଗୋନାସିକା ୮ଟି ଦଳ ମଧ୍ୟରୁ ନୈରାଶ୍ୟଜନକ ଭାବେ ସପ୍ତମ ସ୍ଥାନରେ ରହିଥିଲା। ଭୋଳାନାଥ କିନ୍ତୁ ଶ୍ରୀଯୁକ୍ତ ମହାନ୍ତିଙ୍କୁ ପ୍ରଶଂସା କରିଛନ୍ତି। ଟିମ୍ ଗୋନାସିକା ଖେଳାଳି ଓ ଅନ୍ୟାନ୍ୟ ଅଧିକାରୀଙ୍କ ସମସ୍ତ ପାଉଣା ଦେଇ ସାରିଛି। ଏଣୁ କାହିଁକି ଏହି ଦଳ ହଠାତ୍ ପରବର୍ତ୍ତୀ ଋତୁରୁ ଓହରିଗଲା, ସେକଥା ଆମକୁ ବିସ୍ମିତ କରିଛି। ଦଳ କିଣିବାକୁ ଆଗ୍ରହୀ ଥିବା କିଛି କଂପାନି ସହ ଆମେ ଆଲୋଚନା କରିଛୁ, ଆଗାମୀ କିଛି ଦିନ ଭିତରେ ନୂଆ ଦଳର ନାଁ ଘୋଷଣା କରାଯିବ ବୋଲି କହିଛନ୍ତି। ସେହିଭଳି ଖୁବ୍‌ଶୀଘ୍ର ବକେୟା ଅର୍ଥ ପ୍ରଦାନ କରାଯିବ ବୋଲି ବେଙ୍ଗଲ ଟାଇଗର୍ସ ଦଳର ମାଲିକ ରାହୁଲ ଟୋଡି କିନ୍ତୁ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନି।

ଲିଗ୍‌ର ଆର୍ଥିକ ସ୍ଥିତି ସେତେଟା ଭଲ ନଥିବା କିନ୍ତୁ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଦଳର ମାଲିକମାନେ ଖେଳାଳିଙ୍କ ପାଉଣା ଦେଇ ପାରୁ ନଥିଲା ବେଳେ ଅଗଷ୍ଟ ୩୧ ସୁଦ୍ଧା କିଭଳି ୭ରୁ ୧୦ କୋଟି ଟଙ୍କାର ରିଟେନର୍ ଫି' ଦେବେ, ସେ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ୨୦୧୭ରେ ହକି ଇଣ୍ଡିଆ ଲିଗ୍ ବନ୍ଦ ହେବାର କାରଣ ମଧ ଆର୍ଥିକ ବୋଝ ଥିଲା। ଏବେ ସେହି କାରଣରୁ ଲିଗ୍ ପୁଣି ଥରେ ସଂଘର୍ଷ କରିବା ପ୍ରଶଂସକଙ୍କୁ ବିସ୍ମିତ କରିଛି।

## କୋଟିଏ ଟଙ୍କା ନ ଦେବା କାରଣରୁ ସାମିଙ୍କୁ ମିଳିଲା ହତ୍ୟା ଧମକ



**ନୂଆଦିଲ୍ଲୀ, ୬।୫:** ଭାରତୀୟ କ୍ରିକେଟର ମହମ୍ମଦ ସାମିଙ୍କୁ ହତ୍ୟା ଧମକ ମିଳିଛି। ୧ କୋଟି ଟଙ୍କା ନ ଦେବା କାରଣରୁ ଶାମିଙ୍କୁ ଇ-ମେଲ ମାଧମରେ ହତ୍ୟା ଧମକ ମିଳିଥିବା ସୂଚନା ରହିଛି। ଏହା ଘଟଣା ସାମ୍ନାକୁ ଆସିବା ପରେ ଅମରୋହା କ୍ରାଇମ୍ ବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଧମକ ପାଇବା ପରେ ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ସାମି ଅମରୋହା ପୁଲିସକୁ ଘଟଣା ବିଷୟରେ ଜଣାଇ କହିଥିଲେ, 'ପ୍ରଥମେ ମୁଁ ମଇ ୪ ତାରିଖ ସନ୍ଧ୍ୟାରେ ଏକ ଇମେଲ୍ ଜରିଆରେ ହତ୍ୟା ଧମକ ପାଇଥିଲି। ଏହାପରେ ସୋମବାର ମଇ ୫ ତାରିଖ ସକାଳେ ଦ୍ୱିତୀୟ ହତ୍ୟା ଧମକର ଇମେଲ୍ ପାଇଛି। ସାମିଙ୍କ ଭାଇ ମହମ୍ମଦ ହସିବ ମଧ ପୁଲିସକୁ ଏ ବିଷୟରେ ଲିଖିତ ସୂଚନା ଦେଇଛନ୍ତି।ମହମ୍ମଦ ଶାମି ଅମରୋହା ପୁଲିସ ଷ୍ଟେସନରେ ଅଭିଯୋଗ କରିବା ମାତ୍ରେ ଅମରୋହା କ୍ରାଇମବ୍ରାଞ୍ଚ ଟିମ୍ ସଙ୍ଗେସଙ୍ଗେ ତଦନ୍ତ ଆରମ୍ଭ କରିଛି।

ପୁଲିସକୁ ମିଳିଥିବା ଅଭିଯୋଗ ଅନୁଯାୟୀ, କର୍ଣ୍ଣାଟକର ପ୍ରଭାକର ନାମକ ଜଣେ ବ୍ୟକ୍ତି ମହମ୍ମଦ ସାମିଙ୍କୁ ଏକ ମେଲ୍ ପଠାଇଛନ୍ତି, ଯେଉଁଥିରେ ସାମି ୧ କୋଟି ଟଙ୍କା ନ ଦେଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଛନ୍ତି। ମହମ୍ମଦ ସାମି ସମ୍ପ୍ରତି ଆଇପିଏଲ ୨୦୨୫ ଟୁର୍ଣ୍ଣାମେଣ୍ଟରେ ବ୍ୟସ୍ତ ଅଛନ୍ତି। ସାମି ସନରାଇଜର୍ସ ହାଇଦ୍ରାବାଦ ଦଳର ଜଣେ ସଦସ୍ୟ ଭାବେ ନିଜର ପ୍ରଦର୍ଶନ ଦେଖାଉଛନ୍ତି। ଏହି ଆଇପିଏଲରେ ହାଇଦ୍ରାବାଦ ଦଳର ପ୍ରଦର୍ଶନ କିଛି ଭଲ ରହିନାହିଁ।

## ଇଣ୍ଡିଆନ୍ ଆଇଡଲ୍‌ରୁ ଆଇପିଏଲ୍ — ଚର୍ଚ୍ଚାରେ ପରାଶରଙ୍କ କ୍ରିକେଟ୍ ଯାତ୍ରା



**ମୁମ୍ବାଇ, ୬।୫:** ଦିନେ ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ। ନିଜ ସୁମଧୁର ସ୍ୱରରେ ସମସ୍ତଙ୍କୁ ବାନ୍ଧି ରଖୁଥିଲେ। ଆଜି କିନ୍ତୁ ଆଇପିଏଲ୍ ଅମ୍ପାୟାର ଭାବେ ବିରାଟ କୋହଲି ଓ ମହେନ୍ଦ୍ର ସିଂହ ଧୋନିଙ୍କ ଭଳି ମହାନ ଖେଳାଳିଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନେ ଆଉଟ୍ କି ନୁହେଁ, ସେ କଥା ବାଛୁଛନ୍ତି। ସଂଗୀତ ଦୁନିଆରୁ ଆସି କ୍ରିକେଟ୍ ମ୍ୟାଚ୍ ପରିଚାଳନାରେ ନାଁ କରିବା ଭଳି ଘଟଣା ବହୁଳ ତଥା ପ୍ରେରଣାଦାୟୀ ଯାତ୍ରାର ସଫଳ ନାୟକ ହେଉଛନ୍ତି ମହାରାଷ୍ଟ୍ରର ପରାଶର ଯୋଶୀ। ସେଥିପାଇଁ ତାଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଗତବର୍ଷର ଡବ୍ଲ୍ୟୁପିଏଲ୍ (ମହିଳା ପ୍ରିମିୟର ଲିଗ୍) ରେ ଅମ୍ପାୟାର ଦାୟିତ୍ୱ ତୁଲାଇଲା ବେଳେ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ୍ ଆୟରଙ୍କ ଚେହେରା ସହ ଥିବା ସାମଞ୍ଜସ୍ୟ ପାଇଁ ବେଶ୍ ଲୋକପ୍ରିୟତା ସାଉଣ୍ଟି ଥିଲେ ପରାଶର। ଶ୍ରେୟସଙ୍କ ସହ ତାଙ୍କର ଏହି ସଂପର୍କ କିନ୍ତୁ କେବଳ କ୍ରିକେଟ୍ ଭିତରେ ସୀମିତ ନଥିଲା। ଶ୍ରେୟସଙ୍କ ଭଳି ପରାଶର ମଧ ପିଲା ବେଳେ ଢେର ସମୟ କ୍ଲବ୍ କ୍ରିକେଟ୍ ଖେଳିଥିଲେ। ପରେ ଇଣ୍ଡିଆନ୍ ଆଇଡଲ୍‌ର ପ୍ରଥମ ସଂସ୍କରଣ ଲାଗି ଅଡିସନ୍ ଦେଇଥିଲେ। ତିନି ଥର ଅଯୋଗ୍ୟ ଘୋଷିତ ହେବା ପରେ ଚତୁର୍ଥ ଋତୁରେ ଦ୍ୱିତୀୟ ରାଉଣ୍ଡ ପର୍ଯ୍ୟନ୍ତ ଯାଇପାରିଥିଲେ। ୨୦୦୮ର ସେହି ସଫଳତାର ଭିଡିଓ ୨୦୨୩ରେ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରି ପ୍ରଶଂସକଙ୍କୁ ଏକଦା ସେ ଇଣ୍ଡିଆନ୍ ଆଇଡଲ୍‌ର ପ୍ରତିଯୋଗୀ ଥିବା ପ୍ରଶଂସକଙ୍କୁ ଜଣାଇଥିଲେ। ଏବେବି ସେ ଦେଶ ସାରା ବୁଲି ବିଭିନ୍ନ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ପୁରୁଣା ବଲିଉଡ୍ ଗୀତ ଗାଇବାକୁ ଭଲ ପାଉଥିବା ପରାଶରଙ୍କର ସ୍ପଟିଫାଏରେ ୪୮ ଦେଶର ୧୩ହଜାର ଅନୁଗାମୀ ରହିଛନ୍ତି।

ପୁଣେରେ କ୍ଲବ୍ କ୍ରିକେଟ୍ ଖେଳୁଥିଲେ ମଧ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏଥିରେ କ୍ୟାରିୟର୍ କରିବା ସହଜ ନୁହେଁ ଭାବି ୨୦୦୫ ମସିହାରେ ସେ ସଂଗୀତ ଆଡ଼କୁ ଢଳିଥିଲେ। ସୌଖୀନ ଭାବେ କ୍ରିକେଟ୍ ଖେଳିବା ଜାରି ରଖିବା ସହ ପରେ ଅମ୍ପାୟାରିଂ କରିବା ଆରମ୍ଭ କରିଥିଲେ। ଏହାର ୧୦ ବର୍ଷ ପରେ ଅର୍ଥାତ୍ ୨୦୧୫ରେ ସେ ବିସିସିଆଇ ପ୍ୟାନେଲ ଅମ୍ପାୟାର ଭାବେ ସ୍ୱୀକୃତି ଲାଭ କରିବା ପରେ ପରାଶରଙ୍କ ଜୀବନ ପୁଣି ଥରେ ଆଉ ଏକ ମୋଡ଼ ନେଇଥିଲା। ୩୦ ବର୍ଷୀୟ ପରାଶର ଏହା ପରେ ରଣଜୀ ଓ ଦଲୀପ ଟ୍ରଫି ଭଳି ଘରୋଇ ପ୍ରତିଯୋଗିତା ପରିଚାଳନା କରିବାର ଅଭିଜ୍ଞତା ଅର୍ଜନ କରିଥିଲେ। ୨୦୨୪ରେ ଡବ୍ଲ୍ୟୁପିଏଲ୍ ପରିଚାଳନା କରିବା ପରେ ୨୦୨୫ରେ ଆଇପିଏଲ୍ ପରିଚାଳନା ଲାଗି ବିସିସିଆଇ ବାଛିଥିବା ୭ଜଣ ନୂଆ ଅମ୍ପାୟାରଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ଚେନ୍ନାଇ ସୁପରକିଙ୍ଗ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଇପିଏଲ୍ ପଦାର୍ପଣ କରିଥିଲେ। ଏହା ପରଠାରୁ ଅନ୍ୟୂନ ୬ଟି ଆଇପିଏଲ୍ ମ୍ୟାଚ୍‌ର ପରିଚାଳନା କରିସାରିଲେଣି ଏହି ପ୍ରତିଭା ସଂପନ୍ନ ଅମ୍ପାୟାର। ନିଜ ଇନଷ୍ଟାଗ୍ରାମରେ ପରାଶର ଏବେ ଗୀତ ଗାଇବା, ଅମ୍ପାୟାରିଂ କରିବା ଏବଂ ତାରକାଙ୍କ ସହ ମିଶିବାର ଭିଡିଓ ଭରି ଦେଇଛନ୍ତି। ଫଳରେ ତାଙ୍କ ଅନୁଗାମୀ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି।

## ଭାରତ ସୀମିତ ଓଭରରେ ଏକ ନମ୍ବର ଟେଷ୍ଟ୍‌ରେ ଚତୁର୍ଥକୁ ଖସିଲା



**ମୁମ୍ବାଇ, ୬।୫:** ଭାରତୀୟ କ୍ରିକେଟ୍ ଦଳ ଦିନିକିଆ ଏବଂ ଟ୍ୱେଣ୍ଟି-୨୦ରେ ଏକନମ୍ବର ମାନ୍ୟତା ବଜାୟ ରଖିଛି। ହେଲେ ଆଇସିସି ଟେଷ୍ଟ୍ ମାନ୍ୟତାରେ ଚତୁର୍ଥ ସ୍ଥାନକୁ ଖସି ଯାଇଛି। ଟେଷ୍ଟ୍ ମାନ୍ୟତାରେ ଅଷ୍ଟ୍ରେଲିଆ ତା'ର ଆଧିପତ୍ୟ ଜାରି ରଖିଛି। ସୋମବାର ଆଇସିସି ଦ୍ୱାରା ପ୍ରକାଶିତ ବାର୍ଷିକ ମାନ୍ୟତାରେ ୨୦୨୩ ବିଶ୍ୱକପ୍ ଫାଇନାଲିଷ୍ଟ ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ପ୍ରଥମ ସ୍ଥାନରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରି ନେଇଛି। ଚାମ୍ପିଅନ୍ସ ଟ୍ରଫି ଉପବିଜେତା ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଷ୍ଟ୍ରେଲିଆ ତୃତୀୟ, ଶ୍ରୀଲଙ୍କା ଚତୁର୍ଥ, ପାକିସ୍ତାନ ପଞ୍ଚମ, ଦକ୍ଷିଣ ଆଫ୍ରିକା ଷଷ୍ଠ, ଆଫଗାନିସ୍ତାନ ସପ୍ତମ, ଇଂଲଣ୍ଡ ଅଷ୍ଟମ, ୱେଷ୍ଟଇଣ୍ଡିଜ୍ ନବମ ଓ ବାଂଲାଦେଶ ଦଶମ ସ୍ଥାନରେ ରହିଛି।

ଟ୍ୱେଣ୍ଟି-୨୦ରେ ବିଶ୍ୱବିଜେତା ଭାରତ ଶୀର୍ଷ ସ୍ଥାନ ଦଖଲ କରିଥିଲା ବେଳେ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ଥର ଲାଗି ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତାରେ ବିଶ୍ୱର ୧୦୦ଟି ଦେଶକୁ ସାମିଲ କରାଯାଇଛି। ଏହି ତାଲିକାରେ ଇଂଲଣ୍ଡ ତୃତୀୟ ଏବଂ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ଟେଷ୍ଟ୍ ମାନ୍ୟତାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପଛକୁ ଦକ୍ଷିଣ ଆଫ୍ରିକା ଓ ଭାରତ ରହିଛନ୍ତି। ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ଓ ଜିମ୍ବାୱେକୁ ନେଇ ଶୀର୍ଷ ୧୦ ଗଠିତ ହୋଇଛି।

## ରବାଡ଼ାଙ୍କ ଉପରୁ ନିଲମ୍ବନ ହଟିଲା



**ନୂଆଦିଲ୍ଲୀ, ୬।୫:** ନିଷିଦ୍ଧ ଡ୍ରଗ୍ସ ସେବନ କରିଥିବା ଅଭିଯୋଗରେ ଫସିଥିବା ଦକ୍ଷିଣ ଆଫ୍ରିକୀୟ ବୋଲର କାଗିସୋ ରବାଡ଼ା ଏଥିରୁ ମୁକ୍ତ ହୋଇଛନ୍ତି। ସେ ମାସକର ନିଲମ୍ବନ ଅବଧି ଶେଷ କରିଥିବାରୁ ତୁରନ୍ତ ଖେଳ ପଡିଆକୁ ଫେରି ପାରିବେ। ଏହି ଖବର ମିଳିବାରୁ ଆଇପିଏଲ୍ ଦଳ ଗୁଜରାଟ ଟାଇଟନ୍ସ ବଡ଼ ଆଶ୍ୱସ୍ତ ହୋଇଛି। ଦଳର ଆଗାମୀ ମ୍ୟାଚ୍ ପାଇଁ ସେ ଉପଲବ୍ଧ ହେବେ ବୋଲି ମଧ୍ୟ ଆଶା କରାଯାଉଛି। ରବାଡ଼ା ଏକ ମାସର ନିଲମ୍ବନକୁ କାର୍ଯ୍ୟକାରୀ କରିସାରିଥିବାରୁ ଏବେ ତୁରନ୍ତ ପଡ଼ିଆକୁ ଫେରିପାରିବେ ବୋଲି ଦକ୍ଷିଣ ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡ୍ରଗ୍ ଫ୍ରି ସ୍ପୋର୍ଟସ (ଏସ୍‌ଏଆଇଡିଏସ୍) ସ୍ପଷ୍ଟ କରିଛି।

ଆଇପିଏଲରେ ପ୍ରଥମ ସପ୍ତାହରେ ରବାଡ଼ା ଗୁଜରାଟ ପାଇଁ ମାତ୍ର ୨ ମ୍ୟାଚ୍ ଖେଳିବା ପରେ ଦକ୍ଷିଣ ଆଫ୍ରିକା ଫେରିଯାଇଥିଲେ। ସେ ବ୍ୟକ୍ତିଗତ କାରଣରୁ ଫେରିଯାଉଥିବା କହିଥିଲେ। ପରେ କିନ୍ତୁ ସେ ଡ୍ରଗ୍ ଟେଷ୍ଟ୍‌ରେ ବିଫଳ ହୋଇଥିବାରୁ ମାସକର ବାସନ୍ଦ ଦଣ୍ଡ ପାଇଁ ଦଳଠାରୁ ଦୂରେଇ ଯାଇଥିଲେ ବୋଲି ଘୋଷଣା କରିଥିଲେ। ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି-୨୦ରେ ମୁମ୍ବାଇ କେପ୍ ଟାଉନ୍ ଦଳ ପାଇଁ ଖେଳୁଥିବାବେଳେ ରବାଡ଼ା ଏହି ଡ୍ରଗ୍ ଟେଷ୍ଟ୍ ଦେଇଥିଲେ। ୭୦ ଟେଷ୍ଟରୁ ୩୨୭ ୱିକେଟ୍ ନେଇଥିବା ରବାଡ଼ା ଦେଶର ପଞ୍ଚମ ଅଗ୍ରଣୀ ଟେଷ୍ଟ୍ ବୋଲର ଅଛନ୍ତି। ଚଳିତ ବର୍ଷ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଫାଇନାଲ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ବିଶ୍ୱାସ କରାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ୪ଟାରେ...

ହେବ ଏହି ମକ ଡ୍ରିଲ। ତାଳଚେରକୁ କାଟାଗୋରି-୧ ସ୍ଥାନ ଭାବେ ଚିହ୍ନଟ କରାଯାଇଥିବାବେଳେ କାଟାଗୋରି-୨ରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ ଓ ରାଉରକେଲା ରହିଛି। ସେହିପରି କାଟାଗୋରି-୩ରେ ରହିଛି ଭଦ୍ରକ, ଢେଙ୍କାନାଳ, ଜଗତସିଂପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲା।

ମକ ଡ୍ରିଲ ଆରମ୍ଭ ହେଲେ ୫ ମିନିଟ ଧରି ସାଇରନ ବାଜିବ। ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ଏହି ପ୍ରସ୍ତୁତି କରାଯାଉଛି। ପ୍ରଥମେ ୫ ମିନିଟ ଧରି ଲମ୍ବା ସାଇରନ୍ ବାଜିଲେ ଶତ୍ରୁ ପକ୍ଷରୁ ଆକ୍ରମଣ ଆରମ୍ଭ ହେଲା ବୋଲି ଧରିନେବାକୁ ହେବ। ତୁରନ୍ତ ଲୋକେ ନିଜକୁ ସୁରକ୍ଷିତ ରଖିବା ସକାଶେ କଂକ୍ରିଟ ଘରକୁ ଚାଲିଯିବେ। ଖାଦ୍ୟ, ଜଳ, ସ୍ୱାସ୍ଥ୍ୟ ସେବା ଆଦି ସିଭିଲ୍ ଡିଫେନ୍ସ ହାତକୁ ଚାଲିଯିବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଯେଉଁ ସାମଗ୍ରୀ ରହିଛି, ତାକୁ ବି ଏଥିରେ ସାମିଲ କରାଯିବ। ଏନେଇ ଓସଡମା ସହ ମିଳିତ ଭାବେ ପ୍ରସ୍ତୁତ ହେଉଛି ପ୍ଲାନ। ୧୨ଟି ଜିଲ୍ଲାର ବିପର୍ଯ୍ୟୟ ମୁକାବିଲା ପାଇଁ ଉଦ୍ଦିଷ୍ଟ ବାତ୍ୟା ଆଶ୍ରୟସ୍ଥଳୀ ବି ଏଥିରେ ସାମିଲ ହେବ। ଜେନେଭା ଚୁକ୍ତି ଅନୁସାରେ ଯୁଦ୍ଧ ସମୟରେ ରେଡ୍‌କ୍ରସ ଓ ଗୋଳାବାରୁଦ ସଂରକ୍ଷଣ ସ୍ଥାନକୁ ଆକ୍ରମଣ କରାଯାଏନାହିଁ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ହେବ ବମିଂ ମକଡ୍ରିଲ। ପ୍ରଥମ ପର୍ଯ୍ୟାୟରେ ୩ଟି ସ୍ଥାନରେ ବାପୁଜୀ ନଗର, କଳ୍ପନା ଛକ ଓ ରାଜମହଲ ଛକରେ ହେବ ମକଡ୍ରିଲ। ଏଥିସହ ରାଜଧାନୀ ଏକ ସମ୍ବେଦନଶୀଳ ସହର ଥିବାରୁ ଏହାକୁ ନେଇ ଆଜିଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତାକାଲି କେବଳ ବମିଂ ମକ ଡ୍ରିଲ୍ କରାଯିବ। ଭୁବନେଶ୍ୱର ସିଭିଲ ଡିଫେନ୍ସ ପକ୍ଷରୁ ସାଇରନ୍ ଆଲର୍ଟ ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱରର ଅଗ୍ନିଶମ ବାହିନୀ ଷ୍ଟେସନରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରକାନ୍ତ ମହାନ୍ତି, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ, ସିଭିଲ ଡିଫେନ୍ସ ମୁଖ୍ୟ ଓ ମୁଖ୍ୟ ଆଗ୍ନିକ ଦେବେନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ସିଭିଲ ଡିଫେନ୍ସ ମିଟିଂ କରିଛନ୍ତି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରେ କିଭଳି ଆଲର୍ଟ କରାଯିବ, ତାହାକୁ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି ।

ଆସନ୍ତାକାଲି ମାନୁଆଲ ସାଇରନ ଓ ବିଦ୍ୟୁତଚାଳିତ ସାଇରନ ଦ୍ୱାରା ଆଲର୍ଟ କରାଯିବ। ଧନଜୀବନ ହାନୀ ପୂର୍ବରୁ କିଭଳି ଲୋକଙ୍କୁ ସୁରକ୍ଷା ଦିଆଯିବ, ସେଥିନେଇ କେଉଁ ପ୍ରକାର କୌଶଳ ଆପଣାଯିବ, ସେନେଇ ମକଡ୍ରିଲ ମାଧ୍ୟମରେ ଅବଗତ କରାଯିବ। ଏହି ଅନୁସାରେ ସାଇରନ ବାଜିବା କ୍ଷଣି ବାହାରେ ଥିବା ଲୋକେ ତୁରନ୍ତ ଉକ୍ତ ସ୍ଥାନରେ ମାଟିରେ ପେଟ ତଳକୁ କରି ଶୋଇବେ ଓ ଦୁଇ କହୁଣୀ ଦେଇ କାନରେ ହାତ ଦେଇଦେବେ। ଏଥିସହ ସେମାନେ ପାଖରେ ରୁମାଲ ଥିଲେ ତାକୁ ପାଟିରେ କାମୁଡ଼ିକି ଧରିପାରିବେ। ଏଥିସହ ଯଦି ପାରିବେ ଛାତ ଥିବା ଘରକୁ ଯାଇ ସେଠାରେ ଆଶ୍ରୟ ନେବେ। ଏଥିନେଇ ଆସନ୍ତାକାଲି ୧୨ଟି ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ, ପୁଲିସ୍, ଫାୟାରମ୍ୟାନମାନେ ଅଂଶଗ୍ରହଣ କରିବେ। ଆସନ୍ତାକାଲି ୪ଟାରୁ ସାଢ଼େ ୪ଟା ସମୟରେ ସାଇରନ ବାଜିବ। ସେହି ସମୟରେ ବାହାରେ କେହି ନ ରହି କଂକ୍ରିଟ ଛାତ କିମ୍ବା ସରକାରଙ୍କ ପକ୍ଷରୁ ଯେଉଁ କୋଠା ସ୍ଥିରୀକୃତ ହୋଇଛି କିମ୍ବା ବସ୍ତି ଅଞ୍ଚଳରେ ସ୍କୁଲ ଘର ଛାତ ତଳେ ରହିବେ। ପୁଣି ଆଉ ଏକ ଲମ୍ବା ସାଇରନ ବାଜିବ, ଯାହା ଯୁଦ୍ଧ ଟଳିଯାଇଛି ବୋଲି ସୂଚନା ଦେବ। ସେତେବେଳେ ଲୋକମାନେ ଘରୁ ବାହାରକୁ ବାହାରିବେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଓ ଅଗ୍ନିଶମ ବିଭାଗ ଡିଆଇଜି।

ସୂଚନାଯୋଗ୍ୟ ଯେ ୧୯୭୧ ପରେ ଏହା ହେଉଛି ପ୍ରଥମ ଅଭ୍ୟାସ। ୧୯୯୯ କାର୍ଗିଲ୍ ସଂଘର୍ଷ (ଅପରେସନ୍ ବିଜୟ) ସମୟରେ ମଧ୍ୟ ଏଭଳି କୌଣସି ଜାତୀୟସ୍ତରୀୟ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ହୋଇନଥିଲା। ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପୁଲିସ ଓ ଜିଲ୍ଲା ପ୍ରଶାସନ ସମସ୍ତେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିବେ। ପଶ୍ଚିମ ସୀମାରେ ବଢ଼ୁଥିବା ଉତ୍ତେଜନା ଏହି ଅଭ୍ୟାସର ପୃଷ୍ଠଭୂମି ତତ୍ପରତାକୁ ସୂଚାଉଛି। ମେ ୭ ଅଭ୍ୟାସ ପାଇଁ ଭାରତ ପ୍ରସ୍ତୁତ ହେଉଥିବା ବେଳେ କର୍ତ୍ତୃପକ୍ଷ ନାଗରିକମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେବା ସହ ଏହି ଅଭ୍ୟାସ କଠୋର ସତର୍କତାମୂଳକ ଓ ଜାତୀୟ ସ୍ଥିରତାରେ ଉନ୍ନତି ଆଣିବା ପାଇଁ ପ୍ରସ୍ତୁତ କରାଯାଉଥିବା ସୂଚନା ଦେଉଛନ୍ତି।

### ଆମେ ବଞ୍ଚିବୁନି...

ଦୋଷ ଲଦିଛନ୍ତି। ସେ କହିଛନ୍ତି ଯେ ଅଧିକାଂଶ ସମୟରେ ପାକିସ୍ତାନରେ ଭାରତ ପ୍ରାୟୋଜିତ ଆତଙ୍କୀ ଅଘଟଣ ଘଟାଉଛନ୍ତି। ପ୍ରତିବନ୍ଧିତ ଆତଙ୍କୀ ଗୋଷ୍ଠୀ ଟିଟିପି ଓ ବିଏଲଏ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିବା ସହ ପାକିସ୍ତାନକୁ ଚାରିପଟେ ଶତ୍ରୁ ରାଷ୍ଟ୍ରମାନେ ଘେରି ରହିଛନ୍ତି ବୋଲି ମଧ୍ୟ ସେ ମତ ଦେଇଛନ୍ତି।

ଏହାବ୍ୟତୀତ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଉଭୟ ରାଷ୍ଟ୍ରନେତା ଅହଂକାର ଓ ନିର୍ବାଚନ ଜିତିବା ସକାଶେ ବିପଜ୍ଜନକ ରାଜନୀତିକୁ ଆପଣାଇଛନ୍ତି। କୌଣସି ଯୁଦ୍ଧ ସବୁବେଳେ ନିୟନ୍ତ୍ରଣ ରେଖା (ଏଲଓସି) ମଧ୍ୟରେ ସୀମିତ ରହିବା କଥା। କିନ୍ତୁ ଥରେ ଯୁଦ୍ଧ ଆରମ୍ଭ ହେଲେ, ଏହାର ସୀମା ନିର୍ଦ୍ଧାରଣ କରିବା ମୁସ୍କିଲ୍ ବ୍ୟାପାର ବୋଲି ଆସିଫ୍ କହିଛନ୍ତି। ଏଥିସହ ସେ ଧମକ ଦେଇ କହିଛନ୍ତି ଯେ ଯଦି ନେତାନ୍ୟାହୁଙ୍କ ପଦାଙ୍କ ଅନୁସରଣ କରି ମୋଦି ପାକିସ୍ତାନକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରନ୍ତି, ତା'ହେଲେ ପାକିସ୍ତାନ ଏପରି ଜବାବ ଦେବ, ଯାହାକୁ ଇତିହାସ ସବୁଦିନ ମନେ ରଖିବ। ଏଥିସହ ସେ ଭାରତ ପକ୍ଷରୁ ୧୯୬୧ ମସିହାର ସିନ୍ଧୁ ଚୁକ୍ତି ବାତିଲ୍ ନିଷ୍ପତ୍ତିକୁ ସମାଲୋଚନା କରିବା ସହ ଏହାର ଭାରତ ପକ୍ଷରୁ ଏକପ୍ରକାର ଯୁଦ୍ଧ ଘୋଷଣା ବୋଲି ଆସିଫ୍ କହିଛନ୍ତି।

### ମୋହନ-ମମତା...

ଗାରିମା କ୍ଷୁଣ୍ଣ ହେଉଛି। ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦୁଇ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କ ଦୃଷ୍ଟିରୁ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ସେପଟେ ଶ୍ରୀକ୍ଷେତ୍ର ପୁରୀ ବ୍ୟତୀତ ବିଶ୍ୱର ଆଉ କୌଣସି ସ୍ଥାନ ଜଗନ୍ନାଥ ଧାମ ନୁହେଁ ବୋଲି ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜଙ୍କ ଘୋଷଣା, ଓଡ଼ିଶା ସରକାରଙ୍କ ବିରୋଧ ଏବଂ ସର୍ବୋପରି କୋଟି କୋଟି ଭକ୍ତଙ୍କ ସମ୍ମିଳିତ ସ୍ୱର ପରେ ବି ଦୀଘାକୁ 'ଧାମ' କହିବା ଜିଦ୍‌ରୁ ବିରତ ହେଉନାହାନ୍ତି ମମତା। ପଶ୍ଚିମବଙ୍ଗରେ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀମନ୍ଦିର ଦଇତାପତି ନିଯୋଗ ସମ୍ପାଦକଙ୍କ ପାଇଁ ଓକିଲାତି କରିବା ସହ ତାଙ୍କ ବାଡ଼ିରେ ଏକାଧିକ ନିମ୍ବଗଛ ଥିବା କଥା କହି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ସର୍ବସମ୍ମୁଖରେ ଗୌଣ କରିବାର ଅପଚେଷ୍ଟା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ। ଖାଲି ସେତିକି ନୁହେଁ, ବାତ୍ୟା ସମୟର ମାନବୀୟ ସହାୟତାର ଉଦାହରଣ ମଧ୍ୟ ସେ ଦେଇଛନ୍ତି।

ନିଜ ଜିଦରେ ଅଟଳ ମମତା ଗତକାଲି ଦୀଘାରେ ଲାଗିଥିଲା ଜଗନ୍ନାଥ ଧାମ ସାଇନବୋର୍ଡକୁ ହଟାଇଦେଇଥିଲେ। ହେଲେ ଆଜି ପୁଣି ସେଠାରେ ଅସ୍ଥାୟୀ ସାଇନ୍‌ଏଜ୍ ସବୁକୁ ହଟାଇ ସ୍ଥାୟୀ ସାଇନଏଜ୍ ଲଗାଯାଇଛି। କେବଳ ସେତିକି ନୁହେଁ, ମମତା ଚାପରେ ପଡ଼ି ଜଗନ୍ନାଥ ସାଇନେଜ୍ ହଟାଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାକୁ ଗୁଜବ ଓ ଭ୍ରମାତ୍ମକ କହି ଗୁଜବକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିଲା ପୂର୍ବ ମେଦିନାପୁର ପୁଲିସ। ଏସବୁ ଘଟଣା ସାମ୍ନାକୁ ଆସିବା ପରେ ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରିବା ସକାଶେ ମମତା ସରକାରଙ୍କର ଏହା ଯେ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଅଭିଯୋଗ ହୋଇଛି ।

ପୁରୀ ଗଜପତି ମହାରାଜାଙ୍କ ପରେ ଉତ୍ତରାଖଣ୍ଡ ବଦ୍ରିନାଥ ପୀଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରନନ୍ଦ ସରସ୍ୱତୀ ମଧ୍ୟ ଶ୍ରୀକ୍ଷେତ୍ର ପୁରୀ ବ୍ୟତୀତ ଆଉ କାହାକୁ ଜଗନ୍ନାଥ ଧାମ କୁହାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଭୁ ଜଗନ୍ନାଥଙ୍କର କେବଳ ଗୋଟିଏ ଧାମ, ଆଉ ତାହା ପୁରୀ ବୋଲି ସେ କହିଛନ୍ତି। ଏପଟେ ବିବାଦ ବଢ଼ୁଥିବାରୁ ଏଥିରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଚିଠି ଲେଖିଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ। ପଶ୍ଚିମବଙ୍ଗ ସରକାର ନ ମାନିଲେ ଆଇନଗତ ପଦକ୍ଷେପ ନେବାକୁ ଗତକାଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଚେତାବନୀ ପରେ ବି ମମତାଙ୍କୁ ନଛୋଡ଼ବନ୍ଧା ଆଭିମୁଖ୍ୟ ଆଗକୁ ଏହି ବିବାଦକୁ କି ନୂଆ ରୂପ ଦେଉଛି, ତା' ଦେଖିବାର କଥା।

### ବାଣ ମୃତକଙ୍କ...

ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍)) ପ୍ରଦାନ କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିସ୍ଫୋରଣ ଘଟଣାରେ ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତମାନେ ଭଦ୍ରକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣ ମହିଳା ଓ ୨ ଜଣ ଶିଶୁ ଥିବା ଜଣାପଡିଛି।

### ୧୩ ସୁଦ୍ଧା ଛୁଇଁବ...

ଆଭିମୁଖ୍ୟକୁ ସମର୍ଥନ କରିଛନ୍ତି। ଆଣ୍ଡାମାନ ସାଗର ପୂର୍ବରୁ ମୌସୁମୀ ମେ ୧୮ ତାରିଖ ବେଳକୁ ମିଆଁମାରରେ ସ୍ୱାଭାବିକ ଭାବେ ପହଞ୍ଚିବ। ଚଳିତ ବର୍ଷ ଏହା ମେ' ୧୬ରୁ ୨୦ ତାରିଖ ମଧ୍ୟରେ ଦକ୍ଷିଣ ମିଆଁମାରରେ ସାମାନ୍ୟ ଆଗୁଆ ପହଞ୍ଚିପାରେ ବୋଲି ମିଆଁମାର କହିଛି। ମେ ୨୧ରୁ ୨୫ ମଧ୍ୟରେ ଡେଲ୍ଟା ଅଞ୍ଚଳ; ମେ ୨୬ରୁ ୩୧ ମଧ୍ୟରେ କେନ୍ଦ୍ରୀୟ ମିଆଁମାର ଏବଂ ଜୁନ୍ ୧ରୁ ୫ ମଧ୍ୟରେ ଉତ୍ତର ମିଆଁମାରରେ ପହଞ୍ଚିବ। ଆଇଏମଡିର ସଂଖ୍ୟାଗତ ପୂର୍ବାନୁମାନ ଅନୁଯାୟୀ ମେ ୧୩ (ମଙ୍ଗଳବାର) ଠାରୁ ଦକ୍ଷିଣ-ପଶ୍ଚିମ ପବନ ବଙ୍ଗୋପସାଗରର ଦକ୍ଷିଣ ଏବଂ ପୂର୍ବ ଭାଗରେ ଶକ୍ତି ବୃଦ୍ଧି କରିବ, କିନ୍ତୁ 'ଲଘୁଚାପ' ସୃଷ୍ଟି ହେବା ଜରୁରୀ ନୁହେଁ। ଉତ୍ତର-ପଶ୍ଚିମ ଭାରତରେ ବର୍ତ୍ତମାନର ପଶ୍ଚିମ ଅଗ୍ରଗତିର ପ୍ରଭାବ ଚଳିତ ସପ୍ତାହରେ ସକ୍ରିୟ ରହିବ ବୋଲି ଆଇଏମଡି ମଙ୍ଗଳବାର ନିଶ୍ଚିତ କରିଛି। ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅଭାବ ଦୂର କରିବା କ୍ଷେତ୍ରରେ ଚଳିତ ପ୍ରାକ୍ ମୌସୁମୀ ଚମତ୍କାର ପ୍ରଦର୍ଶନ କରିଛି। ମୋଟ ଜାତୀୟ ବୃଷ୍ଟିପାତ ନିଅଣ୍ଟ ଋତୁ (ମାର୍ଚ୍ଚ ୧ରୁ ମେ ୫) ମଧ୍ୟରେ ଏପର୍ଯ୍ୟନ୍ତ ସୁସ୍ଥ -୧୦ ପ୍ରତିଶତକୁ ହ୍ରାସ ପାଇଛି, ଯେଉଁଥିରେ ମଧ୍ୟ ଭାରତରେ ୪୬ ପ୍ରତିଶତରୁ ଅଧିକ ଏବଂ ଦକ୍ଷିଣ ଉପଦ୍ୱୀପରେ ୫୩ ପ୍ରତିଶତ ଅତିରିକ୍ତ ବର୍ଷା ରେକର୍ଡ କରାଯାଇଛି । ମୌସୁମୀ ଆସିବା ପୂର୍ବରୁ କେବଳ ଉତ୍ତର-ପଶ୍ଚିମ ଭାରତ (-୨୮ ପ୍ରତିଶତ) ଏବଂ ପୂର୍ବ ଓ ଉତ୍ତର-ପୂର୍ବ ଭାରତ (-୨୯%) ନିଅଣ୍ଟରେ ରହିଛି।

### ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କୁ...

ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀର ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଏହାଦ୍ୱାରା ଓଡ଼ିଶାରେ ଧାର୍ମିକ ଓ ଆଧ୍ୟାତ୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିପାରିବ। ରାଜ୍ୟ ସରକାର ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଶିଳ୍ପ ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ରାଜ୍ୟରେ ବିଭିନ୍ନ ବିମାନ ଚଳାଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପୁରୀ ସହ ପାରାଦୀପରେ ମଧ୍ୟ ଏକ ନୂଆ ବିମାନବନ୍ଦର କରିବାର ଯୋଜନା ରହିଛି। ପୁରୀ ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ଆହୁରି ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ଓଡ଼ିଶା ଆସିବାର ସୁଯୋଗ ପାଇବେ ଓ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

### ବୁଢ଼ାଙ୍କ ନିଯୁକ୍ତିରେ...

ଚେତାବନୀ ଦିଆଯାଇଛି।

ତେବେ ମିଳିଥିବା ସୂଚନାନୁଯାୟୀ, ଓପିଜିସିରେ ମାର୍କେଟ ବେସ୍‌ଡ ସାଲାରି (ଏମବିଏସ୍) ଲାଗୁ ହୋଇଥିବାରୁ ଏଠାରେ ଜଣେ ଜଣେ ବରିଷ୍ଠ ଅଧିକାରୀ ବାର୍ଷିକ ୫୦ ରୁ ୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ପାଉଛନ୍ତି। ତେଣୁ ସେହିସବୁ ପଦବୀରେ ଅବସରପ୍ରାପ୍ତ ବୟସ୍କ କର୍ମଚାରୀମାନେ ନିଯୁକ୍ତି ପାଇଁ ଜୋରଦାର ଲବି କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓପିଜିସିର ଇଞ୍ଜିନିୟରିଂ ମୁଖ୍ୟ, ସିଭିଲି ମୁଖ୍ୟଙ୍କ ସମେତ ମାନବ ସମ୍ବଳ ମୁଖ୍ୟ ହେଉଛନ୍ତି ଜଣେ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଏମାନେ ଏମବିଏସ୍ ସ୍କିମ୍‌ରେ ବେଶ୍ ମୋଟା ଅଙ୍କର ବେତନ ମଧ୍ୟ ପାଉଛନ୍ତି ।

ଓପିଜିସିରେ ଦୀର୍ଘଦିନର ବ୍ୟବଧାନରେ ନୂଆ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ ପାଇବା ପରେ ବୁଢ଼ା ଅଫିସର ନିଯୁକ୍ତିରେ ବ୍ରେକ୍ ଲାଗିବ ବୋଲି ସମସ୍ତେ ଭାବିଥିଲେ। ହେଲେ ବ୍ରେକ୍ ଲାଗିବା ବଦଳରେ ପୂର୍ବଭଳି ବୁଢ଼ାଙ୍କ ଉପରେ ପରିଚାଳନା ମଣ୍ଡଳୀ ଆର୍ଶୀବାଦ ମୁଦ୍ରାରେ ରହିବାରୁ ଏବେ ଦୁଇ ଦୁଇଟି ସଂଘ ଏହାକୁ କଡା ବିରୋଧ କରିଛନ୍ତି। ତେଣୁ ଆଗାମୀ ଦିନରେ ଓପିଜିସି କର୍ତ୍ତୃପକ୍ଷ ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଉଭୟ ସଂଘ ସତର୍କ ନଜର ରଖିଛନ୍ତି।

### ଆତ୍ମସମର୍ପଣ...

ଏବଂ ଜଣେ ଆଦିବାସୀ କ୍ରାନ୍ତିକାରୀ ମହିଳା ସଂଗଠନର ସଦସ୍ୟ ଅଛନ୍ତି। ରାଜ୍ୟରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ସକାଶେ ବ୍ୟାପକ ସହଯୋଗ କରାଯିବା ସହ ସହାୟତା ଦିଆଯାଉଥିବାରୁ ଏଥିରେ ଆକର୍ଷିତ ହୋଇ ଏହି ମାଓବାଦୀମାନେ ଲାଲ୍‌ଗଡ଼ରୁ ଫେରିବାକୁ ନିଷ୍ପତ୍ତି ନେଇଥିବା ଏସ୍‌ପି ଶ୍ରୀ ରାଜୁ କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସେମାନଙ୍କ ପରିବାର ସହ ସୁଖଶାନ୍ତିରେ ଜୀବନ ବିତାଇବା ସକାଶେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମଧ୍ୟ ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ ଯେ ଭଦ୍ରାଦ୍ରି-କୋଥାଗୁଡେମ୍ ଜିଲ୍ଲା ପୁଲିସ୍ ପକ୍ଷରୁ ଜନଜାତି ସମ୍ପ୍ରଦାୟର ଜନସାଧାରଣଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ହାତକୁ ନିଆଯାଇଥିବା ଅପରେସନ୍ ଚେୟୁତ ଏହି ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବା ସକାଶେ ପ୍ରୋତ୍ସାହିତ କରିଥିବା କୁହାଯାଉଛି।

## ବ୍ରାଉନ୍‌ସୁଗର୍ ଜବତ, ୩ ବେପାରୀ ଗିରଫ

**ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ କ୍ରମାଗତ ଭାବେ ବ୍ରାଉନ୍‌ସୁଗର୍ ବେପାରୀ କାୟା ମେଲାଇ ଚାଲିଛନ୍ତି। ଏମାନେ ମୁଖ୍ୟତଃ ଯୁବପିଢ଼ିମାନଙ୍କୁ ଏହି ଧଳାଜହର ଜାଲରେ ଫସାଇ ମୋଟା ଅଙ୍କର ଅର୍ଥ ରୋଜଗାର ଉପରେ ଫୋକସ୍ କରୁଛନ୍ତି। ତେବେ ଏମାନଙ୍କୁ ଚେକ୍ ଦେବା ସହ ରାଜଧାନୀରେ ଆଇନଶୃଙ୍ଖଳାକୁ ସୁବ୍ୟବସ୍ଥିତ କରିବା ସକାଶେ କମିଶନରେଟ୍ ପୁଲିସ୍ ନିୟମିତ ଭାବେ ଚଢ଼ାଉ କରୁଛି। ଏହି କ୍ରମରେ ଆଜି ଲକ୍ଷ୍ମୀସାଗରରେ ଏକ ସ୍ପେଶାଲ୍ ଟିମ୍ ଚଢ଼ାଉ କରି ୩ ଜଣ ବେପାରୀଙ୍କୁ ଗିରଫ କରିଛି। ଏଥିସହ ପୁଲିସ୍ ୩୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ଲକ୍ଷ୍ମୀସାଗରର ମେଳଣ ପଡ଼ିଆ ନିକଟସ୍ଥ କଂସେଇଖାନା ପଛପଟେ ଏହି ଚଢ଼ାଉ କରାଯାଇଥିବା ବେଳେ କନ୍ଧମାଳ ଖଜୁରିଆପଡ଼ାର ସ୍ପନ୍ଦନ ମିଶ୍ର (୩୪), ନୟାଗଡ଼ ମାହିପୁରର ଦୀପକ ନାୟକ (୨୫) ଓ ପଶ୍ଚିମବଙ୍ଗ ନଦିଆର ରଫିକୁଲ୍ ଶେଖ୍ (୩୩)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ମୋବାଇଲ୍ ମଧ୍ୟ ଜବତ କରାଯାଇଛି। ଏନେଇ ୨୨୩/୨୫ରେ ଏକ ମାମଲା ରୁଜୁ କରି ପୁଲିସ୍ ଅଧିକ ତଦନ୍ତ ଚଳାଇଛି।

## ବିଦ୍ୟୁତ ଆଘାତରେ ଟାଟା ୟୁନିୟନ ସମ୍ପାଦକଙ୍କ ମୃତ୍ୟୁ

**କଳିଙ୍ଗନଗର,୬।୩(ସଂଚାର ବ୍ୟୁରୋ):** ଟାଟା ବିସ୍ଥାପିତ କଲୋନୀ ଗୋବରଘାଟିରେ ରହୁଥିବା ବିସ୍ଥାପିତ ପରିବାରର ଦାମୋଦର ସଏ ଙ୍କର ଆଜି ହଠାତ୍ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ଟାଟା ମେଡିକା ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ଟାଟା ୱାର୍କର୍ସ ୟୁନିୟନର ସେ ଥିଲେ ସାଧାରଣ ସମ୍ପାଦକ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସମଗ୍ର ବିସ୍ଥାପିତ ପରିବାର ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। କଳିଙ୍ଗନଗର ପୁଲିସ ୧୦/୨୦୨୫ରେ ଏକଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।



# ଏରକଣ୍ଟା ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଲେ ସମାଜସେବୀ

**ବାଲିଅନ୍ତା, ୬।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଏରକଣ୍ଟା ଗ୍ରାମରେ ଦୀର୍ଘ ୫ ବର୍ଷ ହେବ ପିଇବା ପାଣି ସମସ୍ୟା ଲାଗି ରହିଛି । ଏରକଣ୍ଟା ଗାଁରେ ଏବେ ସବୁ କୂଅ ପୋଖରୀ ଏବଂ ଜଳାଶୟ ଶୁଖିଯାଇଛି । ଗାଁ ଲୋକେ ପାଣି ପାଇଁ ବଡ଼ କଲବଲ ହେଉଛନ୍ତି । ରାସ୍ତାକାମ ବେଳେ ମାଟିତଳେ ବିଛା ଯାଇଥିବା ପାଇପ ଲାଇନ ନଷ୍ଟ ହୋଇଯାଇଥିଲା। ସେବେଠୁରୁ ଗ୍ରାମ୍ୟ ଜଳ ଯୋଗାଣ ବିବାଗ ପାଇପ ମରାମତି କରି ଜଳ ଯୋଗାଣ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି । ନଳକୂପରୁ ଆଉ ପାଣି ବାହାରୁ ନାହିଁ । ଯନ୍ତ୍ରୀ ଏବ ନେଇ ଯୁବ ସମାଜ ସେବୀ ବ୍ରହ୍ମାନନ୍ଦ ସ୍ୱାଇଁ ଏବଂ ପ୍ରଦୀପ୍ତ ମହାନ୍ତିଙ୍କ ସମେତ ଅଜୟ ସାହୁ ଏବଂ ଅନ୍ୟ ଉତ୍ସାହୀ ଯୁବକ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଇଛନ୍ତି । ପ୍ରତିଦିନ ସକାଳ ଏବଂ ସାନ୍ଧ୍ୟ ୨ ବେଳାରେ ପାଣି ଯୋଗାଣହେଉଛି ।

# ଠେଙ୍ଗା ଧରି ଜଗୁଛନ୍ତି ମହିଳା

**ନବରଙ୍ଗପୁର, ୬।୫ (ସଂଚାର ବ୍ୟୁରୋ) :** ମହିଳାମାନେ ଠେଙ୍ଗାଧରି ପାଳି କରି ଜଙ୍ଗଲ ଜଗୁଛନ୍ତି। ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ଏମିତିକି ଜଙ୍ଗଲ ଭିତରେ ଚକ ନଗଡ଼ିବା ପାଇଁ ଫତ ଜାରି କରିଛନ୍ତି । ଜଙ୍ଗଲରେ ଶଗଡ଼ଠାରୁ ଆରମ୍ଭ କରି ସାଇକେଲ, ବାଇକ୍, ଲଙ୍ଗଳ, ଟ୍ରାକ୍ଟର ଚଳାଚଳକୁ ମନା କରାଯାଇଛି । କାଠ ମାଫିଆଙ୍କୁ ମହିଳାମାନେ ନାଲିଆଖି ଦେଖାଇ ସାବାଡ଼୍ କରୁଛନ୍ତି।

## ଜଙ୍ଗଲ ସୁରକ୍ଷା ଚିନ୍ତା

ଜଙ୍ଗଲ ସୁରକ୍ଷା ପାଇଁ ଗାଁରୁ ୩ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରି ଚାରିଆଡେ ତାରବାଡ଼ ଘେରିସୁରକ୍ଷା ଦେଉଛନ୍ତି। ଏଭଳି ଦେଖିବାକୁ ମିଳିଛି ରାଇଘର ବ୍ଲକ ନାକଟିସେମତା ଗ୍ରାମ୍ୟ ଜଙ୍ଗଲରେ।

ଜଙ୍ଗଲ ସୁରକ୍ଷା ନେଇ ଗାଁର ତୁଳନି ଗଣ୍ଡ, ନୂର୍ଯ୍ୟବାଈ ଗଣ୍ଡ ପ୍ରମୁଖ କହିଛନ୍ତି, କାଠ ମାଫିଆଙ୍କ ଲାଗି ଜଙ୍ଗଲ ଦିନକୁ ଧ୍ୱଂସ ହେବାରେ ଲାଗିଛି। ସେମାନଙ୍କ ଲୋଲୁପ ଦୃଷ୍ଟିରୁ ଜଙ୍ଗଲକୁ ସୁରକ୍ଷା କରିବା ଲାଗି ଗାଁର ୫୦ ମହିଳା ଅଣ୍ଟା ଭିଡ଼ିଛନ୍ତି। ଜଙ୍ଗଲ ଭିତରେ ଚକଅଖ ଗଡ଼ିବା ମନା। ଆଗରୁ ଏଠାରୁ



ବ୍ୟାପକ ପରିମାଣରେ ବନଜାତ ଦ୍ରବ୍ୟ ମିଳୁଥିଲା। ବନଜାତ ଦ୍ରବ୍ୟ ସଂଗ୍ରହ କରି ସମସ୍ତେ ଜୀବିକା ନିର୍ବାହ କରୁଥିଲେ। କାଠ ମାଫିଆଙ୍କ ଯୋଗୁ ବିଭିନ୍ନ ପ୍ରଜାତିର ଫଳ ଗଛ ଧିରେଧିରେ ଲୋପ ପାଇଗଲାଣି । ଏବେ କେବଳ ମହୁଲ, ଟୋଲ, ଚାରକୋଳି ଭଳି ବନଜାତ ଦ୍ରବ୍ୟ ମିଳୁଛି । ଏବେଠାରୁ ଜଙ୍ଗଲ ସୁରକ୍ଷା ନକଲେ ଆଗାମୀଦିନରେ ଏହା ଆଉ ରହିବ ନାହିଁ। ଜଙ୍ଗଲ ଆମର ମାଆ। ମା'ଭଳି ଆମକୁ ସବୁ କିଛି ଦେଉଛି । ତେଣୁ ପ୍ରତିଦିନ ଗାଁର ୨୦ରୁ ୨୫ ମହିଳା ଠେଙ୍ଗାପାଳି କରି ଜଙ୍ଗଲ ଜଗିବାକୁ ପଡୁଛି। ଠେଙ୍ଗା ପାଳି କରି ଜଙ୍ଗଲକୁ ସେମାନେ ସୁରକ୍ଷା ଦେଉଥିବା କହିଛନ୍ତି। ଠେଙ୍ଗା ପାଳିରେ ଜଙ୍ଗଲ ଜଗିବାକୁ ଯଦି କେହି ନଆସନ୍ତି ସେଥିପାଇଁ ୨୦ଟଙ୍କା ଜରିମାନା ଦେବାକୁ ନିୟମ କରାଯାଇଛି । କେବଳ ଗ୍ରାମ୍ୟ ଜଙ୍ଗଲ ନୁହେଁ ଗାଁକୁ ଲାଗି ଥିବା ୨୦୦ ହେକ୍ଟର ସଂରକ୍ଷିତ ଜଙ୍ଗଲକୁ ମଧ ସୁରକ୍ଷା ଦିଆଯାଉଛି ।

ସୂଚନାଥାଉକି, ନାକଟିସେମକା ଗାଁରେ ୫୦୦ ପରିବାର ବସବାସ କରୁଛନ୍ତି । ଜଙ୍ଗଲ ପ୍ରତି ଗ୍ରାମବାସୀଙ୍କ ଦାୟିତ୍ୱ ରହିଥିବାରୁ ସମସ୍ତେ ସୁରକ୍ଷା ଦେଇଆସୁ ଛନ୍ତି । ୨ ବର୍ଷ ତଳେ ଗାଁ ଲୋକ ମିଶି ୧୦୦ ହେକ୍ଟର ଜଙ୍ଗଲ ଜମି ଜବରଦଖଲରୁ ମୁକ୍ତ କରିଥିଲେ । ଚଳିତବର୍ଷ ବନସୁରକ୍ଷା ସମିତି ଓ ବନବିଭାଗର ମିଳିତ ଉଦ୍ୟମରେ ଉଦ୍ଧାର ହୋଇଥିବା ଏହି ୧୦୦ ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷ ରୋପଣ କରାଯିବ ବୋଲି କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମା କହିଛନ୍ତି । ସେ କହିଛନ୍ତି, ତାଙ୍କ ୨୫ ବର୍ଷ ଚାକିରି କାଳ ମଧ୍ଯରେ ଜଙ୍ଗଲ ସୁରକ୍ଷା ପାଇଁ ମହିଳା ଓ ଗାଁ ଲୋକଙ୍କ ଏଭଳି ତତ୍ପରତା କେବେ ଦେଖି ନଥିଲେ। ବନବିଭାଗର ସମସ୍ତ ଯୋଜନାକୁ ମହିଳାମାନେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି।

ଏସମ୍ପର୍କରେ ଡିଏଫଓ ଶୁଭେନ୍ଦୁପ୍ରସାଦ ବେହେରା କହିଛନ୍ତି, ନବରଙ୍ଗପୁର ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ପାଇଁ ଲୋକଙ୍କ ମଧରେ ପରିବର୍ତ୍ତନ ଆସିଛି । ଜଙ୍ଗଲ ସୁରକ୍ଷା ପାଇଁ ସଚେତନା ବୃଦ୍ଧି ପାଇବାରେ ଲାଗିଛି । ଗାଁର ମହିଳାମାନଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ ବୋଲି ଡିଏଫଓ ଶ୍ରୀ ବେହେରା କହିଛନ୍ତି ।



## ମୁଖ୍ୟ ଶାସନ ସଚିବଙ୍କ ଦିନିକିଆ ନବରଙ୍ଗପୁର ଗସ୍ତ

**ନବରଙ୍ଗପୁର, ୬।୫ (ସଂଚାର ବ୍ୟୁରୋ) :** ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନବରଙ୍ଗପୁର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକାରୀ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମହାବୀର ବିଦ୍ୟାପୀଠରେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କାକଟପୁର/ଅସ୍ତରଙ୍ଗ, ୬।୫ (ସଂଚାର ବ୍ୟୁରୋ) :** ମାଧମିକ ଶିକ୍ଷା ପରିଷଦ (ବୋର୍ଡ )ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମହାବୀର ବିଦ୍ୟାପୀଠ ଖଣ୍ଡାସାହି ର ଛାତ୍ରୀ ଅସ୍ତରଙ୍ଗ ବ୍ଲକ ଟପ୍ପର ହୋଇଛନ୍ତି ଦିବ୍ୟାଶ୍ରୀ ଦାଶ। ମୋଟ ୬୦୦ନମ୍ବର ରୁ ୫୬୧ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ମଙ୍ଗଳବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ ମହାବୀର ବିଦ୍ୟାପୀଠ ଖଣ୍ଡାସାହି ବିଦ୍ୟାଳୟ ପରିସରରେ ଶିକ୍ଷାବିତି ସ୍ୱପ୍ନେଶ୍ୱର ସାହୁ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପର ହୋଇଥିବା ଦିବ୍ୟାଶ୍ରୀ ଦାଶ (୫୬୧)ଙ୍କ ସହ ତପସ୍ୱିନୀ ସାହୁ (୫୩୬), ରୋନାଲି ସାହୁ (୫୨୪)ନମ୍ବର ରଖିଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇଁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ରାଜମସ୍ତ୍ରିକୁ ଛୁରାମାଡ, ଥାନାରେ ଲିଖିତ ଅଭିଯୋଗ

**ନାଉଗାଁ, ୬।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ରାଜମସ୍ତ୍ରୀ ଭାବେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଯମୁନା କୋଟ ଗ୍ରାମର ରାଜକୁମାର ସାହୁ ଦୀର୍ଘ ଦିନ ହେବ କାର୍ଯ୍ୟ କରିଆସୁଛନ୍ତି। ସୋମବାର କାର୍ଯ୍ୟ କରିବା ପାଇଁ କୋରୁଅ ଗ୍ରାମର ଅଲେଖ ଭୋଇକୁ ଡାକିବାକୁ ଯାଇଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଲିଟୁ ସ୍ୱାଇଁ ତାଙ୍କୁ ବାଟରେ ଅଟକାଇ ଅଶ୍ଳିଳ ଭାଷାରେ ଗାଲିଗୁଲଜ କରିଥିବା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଲିଟୁ ତାଙ୍କୁ ଗାଲିଗୁଲଜ କରିବା ସହିତ ଜୀବନରେ ମାରି ଦେବାକୁ ତାଙ୍କ ବେକରେ ଛୁରି ଲଗାଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସେ ଛୁରି ଛଡାଇବା ସମୟରେ ତାଙ୍କ ଗୋଡ ଓ ଗାଲରେ ଶକ୍ତ ଆଘାତ ଲାଗିଛି। ଏପରିକି ସେ ରହୁଥିବା ଭଡା ଘରେ ରହିଲେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ମଧ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତି କରି ଥାନା ପକ୍ଷରୁ ୧୧୩/୨୫ରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ଆକାଶ ମାର୍ଗରୁ ସୁରକ୍ଷା ନିମିତ୍ତ ମକ ଡ୍ରିଲ ପ୍ରସ୍ତୁତି ବୈଠକ



**ଖୋର୍ଦ୍ଧା, ୬।୫ (ସଂଚାର ବ୍ୟୁରୋ) :** ସମ୍ଭାବ୍ୟ ଆକାଶମାର୍ଗ ବା ବାୟୁପଥ (ରେଡ୍)ରୁ କିପରି ଧନ ଜୀବନକୁ ସୁରକ୍ଷା ଦିଆଯାଇପାରିବ ସେ ସମ୍ବନ୍ଧରେ ଆସନ୍ତାକାଲି ୭ ତାରିଖ ଅପରାହ୍ନ ୪ ଘଟିକାରୁ ୪ ଘଟିକା ୩୦ ମିନିଟ ପର୍ଯ୍ୟନ୍ତ ଭୁବନେଶ୍ୱର ସଦର ମହକୁମା ବାପୁଜୀ ନଗର ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ହେବାକୁ ଯାଉଥିବା ମକଡ୍ରିଲ ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳ ଏବଂ ଜିଲ୍ଲାମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଓସୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ ଯୋଗଦେଇ ଆସନ୍ତାକାଲି ଅନୁଷ୍ଠିତ ହେବାକୁଥିବା ମକ୍ ଡ୍ରିଲ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଏହା ଏକ ଅଭ୍ୟାସ କୌଶଳ ତାଲିମ୍ ଓ ସଚେତନତା କାର୍ଯ୍ୟକ୍ରମ । ଏଥିରେ ଜନସାଧାରଣ ଭୟଭୀତ ହେବାର କୌଣସି କାରଣ ନାହିଁ ।

# ସମ୍ ଫୁଲନଖରାଠାରେ ରାଜ୍ୟସ୍ତରୀୟ ସୋମି ସମ୍ମିଳନୀ




**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) :** ଫୁଲନଖରା ଠାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ - ୨ ଓ ସୋସାଇଟି ଅଫ୍ ମିଡୱାଇଭସ୍ ଇଣ୍ଡିଆ (ସୋମି), ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ୧୦ମ ରାଜ୍ୟସ୍ତରୀୟ ସୋମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଡାକ୍ତର ଶେଫାଳି ମଲ୍ଲିକ୍, ଓଡ଼ିଶା ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶିକା (ନର୍ସିଂ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମା ଓ ଶିଶୁର ମୃତ୍ୟୁହାରକୁ କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ଏହା ଏକ ଦକ୍ଷତା ଭିତିକ ସମ୍ମିଳନୀ ଯାହା ମାଧମରେ ନର୍ସିଂ ଅଫିସରମାନେ ପ୍ରଶିକ୍ଷିତ ହୋଇପାରିବେ। ଏପରି କର୍ମଶାଳା ମାଧମରେ ଲୋକମାନଙ୍କୁ ସଚେତନା କରାଯାଇପାରିବ ବୋଲି ପ୍ରକାଶ କରି ପ୍ରଫେସର ନନ୍ଦ କହିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ର ଡିନ୍ ପ୍ରଫେସର (ଡ.) ଅରକ୍ଷିତ ସ୍ୱାଇଁ ଯୋଗ ଦେଇଥିବା ସମସ୍ତ ନର୍ସିଂ ଅଫିସର, ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟି ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନେ ଏହି ସମ୍ମିଳନୀରେ ଅନେକ ଜ୍ଞାନ ଆହରଣ କରିପାରିବେ ଓ ମିଡ୍ୱାଇଫ୍ ମାନଙ୍କ ଭୂମିକା ବିଷୟରେ ଜାଣିପାରିବେ ବୋଲି କହିଥିଲେ।

ଫୁଲନଖରା ସମ୍ ହସ୍ପିଟାଲ- ୨ର ଅତିରିକ୍ତ ନିର୍ଦ୍ଦେଶିକା ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ତାପସୀ ପତି ଯୋଗ ଦେଇ କହିଥିଲେ ଯେ ଜଣେ ନାରୀ ପାଇଁ ମାତୃତ୍ୱ ଲାଭ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦିଗ ପ୍ରତି ଧ୍ୟାନ ଦେବା ସହିତ ପ୍ରସୂତିଙ୍କର କିପରି ସାଧାରଣ ପ୍ରସବ କରାଯାଇପାରିବ ସେ ବିଷୟରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ଏହି ଅବସରରେ ବିଶେଷ ଅତିଥି ଭାବେ ସୋମିର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଡାକ୍ତର ଏମ୍. ପ୍ରକାଶମ୍ମା ଯୋଗ ଦେଇ କହିଥିଲେ ଯେ ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ମିଡୱାଇଫଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ତଥା ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ଓ ସଂଯୋଜିକା ପ୍ରଫେସର (ଡ.) ପ୍ରଭାତୀ ତ୍ରିପାଠୀ ଓ ସୋମିର ସମ୍ପାଦିକା ଡ. ଅମ୍ରିତା ଲେଙ୍କା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।



## ଗାଁ ରାସ୍ତାରୁ ହଟିଲା ଜବରଦଖଲ

**ବାଲିଅନ୍ତା, ୬।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ପୂରଣପଧାନ ପଞ୍ଚାୟତ ଅଧୀନ ବାଆବଜା ଗାଁ ଦାଣ୍ଡରୁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି। ରବିନ୍ଦ୍ର ରାଉତ ନାମକ ଜଣେ ବ୍ୟକ୍ତି ଗାଁ ରାସ୍ତା ଜବରଦଖଲ କରି ସିଡ଼ି ଘର ଓ ବାରଣ୍ଡା ନିର୍ମାଣ କରିଥିଲେ। ଫଳରେ ଗାଁ ରାସ୍ତା ସଙ୍କୁଚିତ ହୋଇ ଯାତାୟତରେ ବଡ଼ ଅସୁବିଧା ସୃଷ୍ଟି ହେଉଥିଲା। ଆଜି ତହସିଲଦାର ବିମଳ କୁମାର ଲେଙ୍କା ଏବଂ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡାଙ୍କ ଉପସ୍ଥିତିରେ ଜେସିବି ସାହାଯ୍ୟରେ ସିଡିଘର ଭଙ୍ଗା ଯାଇଥିଲା । ଗ୍ରାମମବାସୀ ୨୦୨୩ ମସିହାରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ୧୨୫୮୩/୨୩ରେ ମାମଲା ରୁଜୁ ହୋଇଥିଲା। ହେଲେ ରବିନ୍ଦ୍ର କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଆଜି ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା ଓ ଥାନା ଅଧିକାରୀ ଅନୀଲ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଜେସିବି ଲଗାଇ ରବିନ୍ଦ୍ରଙ୍କ ସିଡ଼ିଘର, ଛାତ ଫିନ ଓ ବାରଣ୍ଡା ଭାଙ୍ଗି ଦିଆଯାଇଥିଲା। ଉଚ୍ଛେଦ ବେଳେ କୌଣସି ବିଶୃଙ୍ଖଳା ହୋଇନଥିଲା। ଶାନ୍ତିଶୃଙ୍ଖଳାନେଇ ଏକ ସେକସନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

**ମଦ ବେପାରକୁ ବିରୋଧ କରି ରାସ୍ତା ଅବରୋଧ ପ୍ରସଙ୍ଗ**

# ଅବରୋଧକାରୀଙ୍କ ନାମରେ ମାମଲା ରୁଜୁ କଲା ପୁଲିସ

**ନାଉଗାଁ, ୬।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ହାଟରେ ଗତ ସୋମବାର ଦିନ ଚୋରା ମଦକୁ ବିରୋଧ କରି ବଜାର କମିଟିର ସଦସ୍ୟମାନେ ଗ୍ରାମ୍ୟ ଉନ୍ନୟନ ବିଭାଗର ଶାଳିଜଙ୍ଗା-ତିରୁଣା ରାସ୍ତାକୁ ଅବରୋଧ କରିଥିଲେ। ୨ଘଣ୍ଟା ଅବରୋଧ ପରେ ଘଟଣାସ୍ଥଳରେ ଥାନା ଏସଆଇ ନିଳମଣି ନାୟକ ପହଞ୍ଚି ଚୋରା ମଦ ବେପାରୀଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପରବର୍ତ୍ତି ସମୟରେ ଥାନା ପକ୍ଷରୁ ଅବରୋଧ କରିଥିବା ସଦସ୍ୟମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। କମିଟି ସଦସ୍ୟଙ୍କ କହିବା ମୁତାବକ ଚୋରା ମଦ କାରବାର ଯୋଗୁଁ ଉକ୍ତ ବଜାରରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ଏପ୍ରସଙ୍ଗରେ ଆମେ ବାରମ୍ବାର ଥାନାଧିକାରୀଙ୍କୁ ଜଣାଇବା ସତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ବାଧ ହୋଇ ଆମେ ରାସ୍ତା ଅବରୋଧ କରିଥିଲୁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧକୁ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପରେ କ'ଣ ପାଇଁ ଆମ ନାମରେ ମାମଲା ରୁଜୁ କରାଯାଇଛି ସେବିଷୟରେ ଆମେ ଜାଣୁନାହୁଁ।

ଏଏସଆଇ ଚନ୍ଦ୍ରମୋହନ ହାସଁଦାଙ୍କ ଅଭିଯୋଗ ମୁତାବକ ଗଙ୍ଗଦା ମଝିପଡ଼ାର ଏକ ଅପମୃତ୍ୟୁ ମାମଲାର ତଦନ୍ତ କରିବା ପାଇଁ ଯିବା ସମୟରେ ଡେରିକି ବଜାର ବ୍ରିଜ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଅବରୋଧ କରାଯିବା ଯୋଗୁଁ ସାଧାରଣ ଜିବନ ଯାତ୍ରା ବ୍ୟାହତ ହୋଇଥିଲା। ଏପରିକି ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିଲା। ସେହି ବାଟ ଦେଇ ଆମେ ତଦନ୍ତ କରିବାକୁ ଯିବା ସମୟରେ ଆମ ଗାଡିକୁ ମଧ ଛାଡି ନଥିଲେ। ତେଣୁ ରାସ୍ତା ଅବରୋଧ କରିଥିବା ତାପସ ସ୍ୱାଇଁ, ରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ତ୍ରିପାଠୀ, ନରେଶ ସେଠି ଆଦିଙ୍କ ନାମରେ ୧୧୪/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଏପ୍ରସଙ୍ଗରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋଙ୍କୁ ପଚାରିବାରେ ରାସ୍ତାରୋକ ସମ୍ବନ୍ଧରେ ଆମ ନିକଟରେ କୌଣସି ସୂଚନା ନଥିଲା। ମନଇଚ୍ଛା ରାସ୍ତାରୋକ କରିବା ଦ୍ୱାରା ସାଧାରଣ ଜୀବନ ଯାତ୍ରା ବ୍ୟାହତ ହେଇଥିଲା ବୋଲି ମତବ୍ୟକ୍ତ କରିଥିଲେ।

# ହାଇକୋର୍ଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବିବାଦ

**କାକଟପୁର/ଅସ୍ତରଙ୍ଗ, ୬।୫ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ସରିପୁର ପଂଚାୟତ ଫକୀର ପାଟଣାରୁ କେନାଲ ବନ୍ଧକୁ ସଂଯୋଗ କରୁଥିବା ରାସ୍ତାରେ ବ୍ଲକ ପ୍ରଶାସନ ତରଫରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। କିନ୍ତୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣଧିନ ସ୍ଥାନଟି କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ ଅଧୀନ ସରିପୁର ପଂଚାୟତ ୧୦୯୮ ପ୍ଲଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଜାରୀ ରହିଥିବା ବେଳେ ଯାହାର କିସମ ହେଉଛି ରାସ୍ତା। ଏ ନେଇ ସରିପୁର ପଂଚାୟତ ବାସିନ୍ଦା ପ୍ରଶାନ୍ତ ଭୋଇ ଓ ଅନ୍ୟ ମାନେ ସମସ୍ୟା ସମ୍ବନ୍ଧରେ ଅସ୍ତରଙ୍ଗ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରିଣୀ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ। କିନ୍ତୁ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସ୍ଥାନୀୟ ବାସିନ୍ଦାଙ୍କ କଥାକୁ ଭୃକ୍ଷେପ କରି ସର୍ବସାଧାରଣ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ସ୍ଥାନୀୟ ଅଂଚଳର କୁଜି ନେତାଙ୍କୁ



ଧରି ଗୃହ ନିର୍ମାଣ ସହ ତହ ତହ ଖରାରେ ଶ୍ରମିକ ଲଗାଇ କାମ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ପ୍ରଶାସନ ଅଧିକାରିଣୀ ନ ଶୁଣିବାରୁ ସ୍ଥାନୀୟ ବାସିନ୍ଦା ପ୍ରଶାନ୍ତ ଭୋଇ ଏ ସମ୍ପର୍କରେ ଏକ ଅଭିଯୋଗ ହାଇକୋର୍ଟରେ କରିଥିଲେ।

ଏ ନେଇ ହାଇକୋର୍ଟ ତରଫରୁ ନିର୍ଦ୍ଦେଶ ରହିଥିଲା ଉକ୍ତ ମାର୍କେଟ କମ୍ପ୍ଲେକ୍ସ କେଉଁ ସ୍ଥାନରେ ଯାଉଛି ଯଦି ୧୦୯୮ପ୍ଲଟ ଯାଉଛି କାର୍ଯ୍ୟ ବନ୍ଦ କରିବା ପାଇଁ ଏହା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତରେ ମାପ ଚୁପ ପରେ ୧୦୯୮ପ୍ଲଟର ରାସ୍ତା କେନ୍ଦ୍ର ବିନ୍ଦୁରେ ମାର୍କେଟ କମ୍ପ୍ଲେକ୍ସ ପଡିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ କରିବା ପରିବର୍ତ୍ତେ ବେନିୟମ ଭାବେ କାମ ଚାଲୁ ରହିଛି।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଅନ୍ତା, ୬।୫ (ସଂଚାର ବ୍ୟୁରୋ) :** ପ୍ରତାପ ଶାସନ ଯୁକ୍ତ ଦୁଇ କଲେଜର କ୍ରୀଡା ଶିକ୍ଷକ ଆଜାଦ ଖାଁ ଆଜି ଚାକିରିରୁ ଅବସର ନେଇଛନ୍ତି। ଏନେଇ ଆଜି କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଶ୍ରୀ ଖାଁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧକ୍ଷା ଲୀନା ପଟ୍ଟନାୟକ ଅଧକ୍ଷତା କରିଥିଲେ । ଏଥିରେ ବେଣୁଧର ଭୋଇ, ଅବସରପ୍ରାପ୍ତ ଅଧକ୍ଷ ଡ଼. ରଜନୀ ରଞ୍ଜନ ଦାଶ, ନିଳିମା ମଞ୍ଜରୀ ଦାଶ,ଲକ୍ଷ୍ମୀଧର ପ୍ରଧାନ, ବାସ୍ତବାଦତ୍ତା ଦାଶ,ନନ୍ଦିନୀ ସାମଲ, ସଂଯୁକ୍ତା ପାତ୍ର,ଶ୍ରୀମନ୍ତ ଉପାଧାୟ, ଜୟକୃଷ୍ଣ ଶତପଥୀ, ମଧୁସ୍ମିତା ପରିଡା ପ୍ରମୁଖ ଶ୍ରୀ ଖାଁଙ୍କ ଅବସରର ସମୟ ସୁଖ, ଶାନ୍ତି, ଓ ଆରୋଗ୍ୟ କାମନା କରିଥିଲେ ।



# ସୋଆରେ ଏଆଇ ସମ୍ପର୍କିତ ଭବିଷ୍ୟତ ରୂପରେଖ ଉପରେ ଆଲୋଚନାଚକ୍ର

**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) :** ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଦ୍ୱାରା ପ୍ରବର୍ତ୍ତିତ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆଗାମୀ ପୀଢ଼ିର ମ୍ୟାନେଜରମାନଙ୍କୁ କିପରି ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଠାରେ ନିକଟରେ ଏକ ଆନ୍ତର୍ଜାତିକ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ୟୁନାଇଟେଡ୍ କିଙ୍ଗଡ଼ମ୍ ସ୍ଥିତ କାନାରା ବ୍ୟାଙ୍କର ଏନ୍‌ଟରପ୍ରାଇଜ ରିସ୍କ ବ୍ୟାଙ୍କିଙ୍ଗ ମୁଖ୍ୟ ଇପସିତା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀମତି ପ୍ରଧାନ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ସମ୍ପର୍କିତ ଆଶଙ୍କା ସମ୍ବଳିତ ପରିସ୍ଥିତିର କିପରି ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ବକ୍ତବ୍ୟ ରଖି ଅନେକ ଘଟଣାର ଉଲ୍ଲେଖ କରିଥିଲେ।




ଏହି କାର୍ଯ୍ୟକ୍ରମକୁ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଓ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ମଧ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଏଫଡିପି କାର୍ଯ୍ୟକ୍ରମର ସଂଯୋଜନା ଆସୋସିଏଟ୍ ପ୍ରଫେସର ବିଭୁତି ଭୂଷଣ ମିଶ୍ର ଓ ଡ. ପ୍ରୀତି ୱାଇ ଷଡ଼ଙ୍ଗୀ କରିଥିଲେ। ଡକ୍ଟର ଧୃତିସୁନ୍ଦର ସାହୁ, ଆସୋସିଏଟ ପ୍ରଫେସର, ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

**CHANGE OF NAME (Minor)**

By this deed, I the Undersigned Kishansing Digal, aged about 39 years, S/o Jagapati Digal, Resident of At-Totasahi-A, Barakhama, Dist-Kandhamal, Odisha-762110 do hereby solemnly affirm and state as follows:

1. That, I am the father of the minor Rajdip Digal (Old Name).
2. That, for and on behalf of my minor Son / Ward, I wholly renounce, relinquish and abandon the use of the former name of my minor Son/ ward **Rajdip Digal (Old Name)** and in place thereof do assume from the date hereof the name of such minor as **Hirom Raj Digal (New Name)** and as that he may thereafter be called, known and distinguished not by his / her former name of **Rajdip Digal (Old Name)** but by his assumed name of **Hirom Raj Digal (New Name).**
3. That for the purpose of evidencing such his / her determination I hereby declare that he shall, at all times hereafter in all records, deeds and writings and in all proceeding, dealing and transaction private as well as public and upon all occasions whatsoever, use and sign his name of **Hirom Raj Digal (New name)** as his name in place of and in substitution of his former name of **Rajdip Digal (Old Name).**
4. That, expressly authorise and request all persons at all times to designate and address him/her and his / her future parents and children, by such assumed name of **Hirom Raj Digal (New Name)** accordingly.
5. That, I am the deponent of this affidavit.

# ବେଆଇନ ବାଣ ଗୋଦାମରେ ବିସ୍ଫୋରଣ: ୨ ମୃତ



**୩ ଗୁରୁତର କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସାଧୀନ**

**ଭଦ୍ରକ,୬।୫(ସଂଚାର ବ୍ୟୁରୋ):** ବେଆଇନ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ। ୫ଜଣ ଗୁରୁତରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଦୁଇ ଜଣ ଆଖିବୁଜିଥିବା ସୂଚନା। ଏହିଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ପୁରୁଣା ବଜାର ଥାନା ଅଧିନସ୍ଥ ହଳଦୀଡିଅ ବାଇପାସ୍ ନିକଟରେ। ମିଳିଥିବା ସୂଚନାନୁସାରେ, ଆଜି ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ବାଣ କାରଖାନାରେ ହଠାତ୍ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ହୁତୁହୁତୁ ହୋଇ ଜଳିଉଠିଥିଲା ଗୋଦାମ। ନିମିଷକ ମାଧ୍ୟମରେ ସବୁ ବାଣ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏପରିକି ବିସ୍ଫୋରଣ ପ୍ରଭାବରେ ପାଖ ଘରଗୁଡ଼ିକର ଝରକା କାଚ ଭାଙ୍ଗିରୁଜି ଚୂରମାର ହୋଇଯାଇଥିଲା। ଏହି ଭୟଙ୍କର ବିସ୍ଫୋରଣରେ ସେଠାରେ କାମ କରୁଥିବା ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କୁ ପ୍ରଥମେ ଭଦ୍ରକ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲେ ହେଁ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ଜଣାପଡ଼ିଛି। ଉକ୍ତ ଶିଶୁଟିର ନାମ ଏସକେ ମୁସରା ହୋଇଥିବା ବେଳେ ତା'ର ବୟସ ୧୨ ବର୍ଷ। ସେହିପରି ଅନ୍ୟ ମୃତକଙ୍କ ବୟସ ୪୦ ବର୍ଷ ଓ ତାଙ୍କ ନାମ ରତି ବିବି ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଭଦ୍ରକ ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିଲେ। ତେବେ ବିସ୍ଫୋରଣର ଠୋସ୍ କାରଣ ନେଇ କିଛି ବି ଜଣାପଡ଼ିନାହିଁ। ତା'ଛଡ଼ା ଉକ୍ତ ବାଣ କାରଖାନାର ମାଲିକ କିଏ, ତା' ଜାଣିବା ସକାଶେ ପୁଲିସ୍ ତଦନ୍ତ ଆରମ୍ଭ କରିସାରିଛି। ତେବେ ଏହା ପୂର୍ବରୁ ମଧ୍ୟ ଉକ୍ତ କାରଖାନାରେ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୌରାଧ୍ୟକ୍ଷ ଗୁଲ ମକ୍କୀ ହବିବ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି।

● କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ସଫଳତା

## ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ, ଜଣେ ଗିରଫ



**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଆଜି ଏକ ବଡ଼ ସଫଳତା ମିଳିଛି। କାରଣ ଆଜି ଏସ୍‌ଟିଏଫ୍‌ର ସଦସ୍ୟମାନେ ଜଣେ ବ୍ରାଉନ୍‌ସୁଗର୍ ବେପାରୀକୁ ଗିରଫ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରୁ ଆଜି ପାଖାପାଖି ୨୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର୍ ଜବତ କରାଯିବା ସହ ଏହି ମାମଲାରେ ଜ୍ୟୋତିକୃଷ୍ଣ ସାମନ୍ତରାୟ ନାମକ ଯୁବକକୁ ଗିରଫ କରାଯାଇଛି। ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ସମୟରେ ଲବଣଗିରି ପାଞ୍ଚ ଗାଁ ଛକରେ ଏସ୍‌ଟିଏଫ୍ ଟିମ୍ ଜ୍ୟୋତିକୁ ମାଡ଼ି ବସିଥିଲା। ତା' ନିକଟରୁ ମୋଟ ୨୬୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ଜ୍ୟୋତି ଲାଭବାନ ହେବା ସକାଶେ ଯୁବପିଢ଼ିକୁ ଏହି ବ୍ରାଉନ୍‌ସୁଗର୍ ଯୋଗାଉଥିଲା ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ତା' ନାମରେ ଏକାଧିକ ମାମଲା ରହିଛି। ଅଧିକ ତଥ୍ୟ ହାସଲ କରିବା ସକାଶେ ଏହି ମାମଲାରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି।

# ଡାର୍କହର୍ସ ହେବେ କି ଗୋଲକ



○ ୧୦ ମାସରେ ସବୁ ଜିଲ୍ଲା ବୁଲି ସାରିଲେଣି
○ ଚକ୍ରାନ୍ତ ସତ୍ତ୍ୱେ ମଳିନ ପଡ଼ିନି ଭାବମୂର୍ତ୍ତି

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପିରେ ସଭାପତି ଚୟନକୁ ନେଇ ଦ୍ୱନ୍ଦ୍ୱ ତୁଟୁନଥିବା ବେଳେ ଏବେ ଆଉ ଜଣେ ନେତାଙ୍କୁ ନେଇ ଦଳ ଓ ଦଳ ବାହାରେ ଚର୍ଚ୍ଚା ଜୋର ଧରିଛି। ଯଦିଓ ୨୦୨୪ ନିର୍ବାଚନ ପୂର୍ବରୁ ରାଜ୍ୟ ସଭାପତି ଦାୟିତ୍ୱରେ ଥିବା ମନମୋହନ ସାମଲଙ୍କୁ ବିଜୟର କିଛିଟା ଶ୍ରେୟ ଦିଆଯାଉଛି, କିଛି ବରିଷ୍ଠ ନେତାଙ୍କ ଦଳ ପ୍ରତି ଅବଦାନକୁ ନେଇ ମଧ୍ୟ ଗୁଞ୍ଜରଣ ସୃଷ୍ଟି ହେଉଛି। ଯେଉଁ କିଛି ବରିଷ୍ଠ ନେତାଙ୍କ ନାଁକୁ ନେଇ ଆଲୋଚନା ହେଉଛି, ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ଗୋଲକ ମହାପାତ୍ର। ଦଳ ଭିତରେ କିଛି ଲୋକ କହୁଛନ୍ତି, ସଭାପତି ଖୋଜା ପ୍ରକ୍ରିୟାରେ ଗୋଲକ ଡାର୍କହର୍ସ ହୋଇପାରନ୍ତି।

ମେଣ୍ଟ ସରକାର ସମୟରୁ ଗୋଲକ ମହାପାତ୍ର ଦଳରେ ଏକ ପ୍ରମୁଖ ଦାୟିତ୍ୱ ନେଉଥିଲେ। ବିଭିନ୍ନ ସମୟରେ ସେ ଫେସ ହୋଇ ଗଣମାଧ୍ୟମରେ ବିପକ୍ଷ ପାର୍ଟିକୁ କଡା ଜବାବ ଦେଉଥିଲେ। ଏଥିପାଇଁ ଅନେକ ସମୟରେ ତାଙ୍କ ବିରୋଧରେ ଆକ୍ରୋଶମୂଳକ ରାଜନୈତିକ ଆକ୍ରମଣ ବି ହୋଇଛି। କେତେବେଳେ ତାଙ୍କୁ କୋଇଲା ସ୍କାମରେ ଦୋଷୀ ଦର୍ଶାଇ ତାଙ୍କ ରାଜନୈତିକ ଚିତ୍ରକୁ ମଳିନ କରିବାକୁ ଚେଷ୍ଟା କରାଯାଇଛି ତ କେତେବେଳେ ବ୍ରହ୍ମପୁର ଲକ୍ଷ୍ମୀଦତ୍ତ ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ନିନ୍ଦିତ କରିବାକୁ ହୋଇଛି ଉଦ୍ୟମ। ଏସବୁ ପରେ ବି ବିଜେପିରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି।

ସେପଟେ ନିର୍ବାଚନ ପରେ ଗତ ୧୦ ମାସ ଭିତରେ ସେ ସବୁ ଜିଲ୍ଲା ବୁଲି କର୍ମୀଙ୍କୁ ଭେଟିସାରିଲେଣି। ନିର୍ବାଚନ ଜିତିବାରେ ତୃଣମୂଳ ସ୍ତରରେ କର୍ମୀଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ତେଣୁ ସେମାନଙ୍କୁ ଭେଟି ସେମାନଙ୍କ ମନୋବଳ ବଢ଼ାଇବା ମଧ୍ୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦଳ ତରଫରୁ ଗୋଲକ ସେ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିସାରିଲେଣି। ଏମିତି ବି ଗୋଟେ ସମୟରେ ରାଜ୍ୟ ସଭାପତି ରେସରେ ତାଙ୍କ ନାଁ ବି ଚର୍ଚ୍ଚା ହେଉଥିଲା। ତେଣୁ ନିର୍ବାଚନ ପରଠାରୁ ଦଳର ମଙ୍ଗ କିଏ ଧରିବ, ତାକୁ ନେଇ ବିଭିନ୍ନ ସ୍ତରରେ ମାନସ ମନ୍ଥନ ହେଉଥିଲେ ବି ନେତୃତ୍ୱ କୌଣସି ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିପାରୁନାହାଁନ୍ତି। ଏ ଭିତରେ ଗୋଲକ ବାଜି ମାରିନେଇପାରନ୍ତି ବୋଲି କିଛି ଦଳୀୟ ନେତା ଓ କର୍ମୀ କହୁଛନ୍ତି।

● ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପ୍ରସଙ୍ଗ

# ନବୀନଙ୍କୁ ଶ୍ରେୟ ଦେବାକୁ ବିଜେଡିର ଦାବି



**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ପୁରୀରେ ଏକ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଥିବା ବେଳେ ଏହାର ଶ୍ରେୟ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ଦେବା ସକାଶେ ଦଳ ଦାବି କରିଛି। ଏନେଇ ଆଜି ସ୍ଥାନୀୟ ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ଶ୍ରୀକ୍ଷେତ୍ରକୁ ପର୍ଯ୍ୟଟକଙ୍କ ଆଗମନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ପୁରୀଠାରେ ଏକ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପରିକଳ୍ପନା ୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କରିଥିଲେ। ଏନେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ପରେ ୨୦୨୩ରେ ଏହି ପ୍ରକଳ୍ପର ସାଇଟ କ୍ଲିଅରାନ୍ସ ମଧ୍ୟ ହୋଇଥିଲା। ୧୧୪୬ ଏକର ଜମିକୁ ପ୍ରକଳ୍ପ ଏରିଆ ଭାବେ ଚିହ୍ନଟ କରାଯାଇଥିବା ବେଳେ ୨୫୧ ଏକର ଜମି ଅଧିଗ୍ରହଣ ହୋଇଥିଲା ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି। ସେହିପରି ସାଂସଦ ଭାବେ ମନୋନୀତ ହେବା ପରେ ସେ ନିଜେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ସଂସଦରେ ବାରମ୍ବାର ଦାବି କରିଥିଲେ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ଦେବା ପରେ ନବୀନ ବାବୁଙ୍କ ପରିକଳ୍ପନା ବାସ୍ତବ ରୂପ ନେଇଛି। ତେଣୁ ପୁରୀଠାରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠାର ଶ୍ରେୟ ଶ୍ରୀ ପଟ୍ଟନାୟକଙ୍କୁ ଦିଆଯିବା ଉଚିତ ବୋଲି ସାଂସଦ କହିଛନ୍ତି।

## ସାପ କାମୁଡ଼ାରେ ଶ୍ରମିକଙ୍କ ମୃତ୍ୟୁ

**ଦିଗପହଣ୍ଡି,୬।୫(ସଂଚାର ବ୍ୟୁରୋ):** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ଜଣେ ଶ୍ରମିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଟୁଟୁ ଭୁୟାଁ। ଦିଗପହଣ୍ଡି ପୋଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିଛି। ଥାନାରେ ଅପମୃତ୍ୟୁ ମାମଲା (ନଂ.୧୯/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୋମବାର ସନ୍ଧ୍ୟାରେ ଟୁଟୁ ଗ୍ରାମର ଏକ ଟ୍ରାକ୍ଟରରେ ଇଟା ଲୋଡ କରୁଥିବା ବେଳେ ତାଙ୍କ ହାତକୁ କୌଣସି ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେତବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଟୁଟୁଙ୍କ ସ୍ତ୍ରୀ ହାଡ଼ିଆଣି ଭୁୟାଁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ଏଆଇ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇଁ ସରକାର ଚେଷ୍ଟିତ: ଉପମୁଖ୍ୟମନ୍ତ୍ରୀ

## ଆମ୍‌ନେକ୍ସର ଉପସ୍ଥାପନା ପ୍ରଦର୍ଶିତ




**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗରେ କୃଷିଭିତ୍ତିକ ଭୌଗଳିକ ତଥ୍ୟ ଅନୁଧ୍ୟାନ ପୂର୍ବକ ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ଆମ୍‌ନେକ୍ସ ନାମକ ସଂସ୍ଥା ଆଗେଇ ଆସିଛି। ସଂସ୍ଥାର ପ୍ରତିନିଧିମାନେ ଆଜି ସ୍ଥାନୀୟ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମ୍ମୁଖରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ନିହାତି ଜରୁରୀ। ଏଆଇର ଉପଯୋଗରେ ସଠିକ୍ ତଥ୍ୟ ହାତପାହାନ୍ତାରେ ପାଇବା ସହଜସାଧ୍ୟ ହୋଇପାରିଛି। ଆମ ଦେଶର ମେରୁଦଣ୍ଡ କୃଷକଙ୍କୁ ସମୟୋପଯୋଗୀ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଫସଲ ହାନି ହ୍ରାସ ତଥା ଉତ୍ପାଦନ ବୃଦ୍ଧି ପାଇଁ ସରକାର ସବୁବେଳେ ଚେଷ୍ଟା କରିଆସିଛନ୍ତି। ଏଥିପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ କୃଷି କ୍ଷେତ୍ରର ବିକାଶରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ଏହାର ଉପଯୋଗ ମାଧ୍ୟମରେ ଅଧିକ ସଂଖ୍ୟକ ଚାଷୀଙ୍କୁ ସମୃଦ୍ଧ ଚାଷୀରେ ପରିଣତ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି। ଆମ୍‌ନେକ୍ସ ସଂସ୍ଥା ପୂର୍ବରୁ କୃଷି ବିଭାଗ ଦ୍ୱାରା କରାଯାଉଥିବା ଏଗ୍ରିଷ୍ଟାକ-ଡିଜିଟାଲ କ୍ରପ ସର୍ଭେ, ଫାର୍ମର୍ସ ରେଜିଷ୍ଟ୍ରି ଆଦି ପାଇଁ ବୈଷୟିକ ସହାୟତା ଯୋଗାଇଆସିଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ସହ ଯୋଡ଼ି ହୋଇ ସଂସ୍ଥା ୩୩ଟି ଫସଲ ନିମନ୍ତେ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରୁଛି। ଆଜିର ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ, ଆମ୍‌ନେକ୍ସ ପକ୍ଷରୁ ପରିଚୟ କୁମାର ଦାସ, ନୀତିଶ ଠକ୍କର, ଜୟେନ୍ଦ୍ର ପୁୱାର, ଆନନ୍ଦ ପରିଜା ଉପସ୍ଥିତ ଥିଲେ।

# ଶିଶୁ ବିକ୍ରି ଘଟଣାରେ ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସମେତ ୫ ବହିଷ୍କୃତ




**ରାୟଗଡ଼ା,୬।୫(ସଂଚାର ବ୍ୟୁରୋ):** ମହଙ୍ଗା ପଡ଼ିଛି ଶିଶୁ ବିକ୍ରି ଘଟଣା। କାରଣ ଏପରି ଅଭିଯୋଗରେ ରାୟଗଡ଼ା ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସମେତ ମୋଟ ୫ ଜଣଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ବିଦୁଲତା ହୁଇକା, ସଦସ୍ୟ କୈଳାସ ପାଳ, ଜ୍ୟୋତିର୍ମୟୀ ପାଢ଼ୀ, ଗାଗରିନ ଶବର ଓ ପ୍ରିୟଙ୍କା ମୋହାକୁଡ଼ଙ୍କୁ ପଦରୁ ବିଦା କରିଥିବା ବେଳେ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ ରାୟଗଡ଼ା ଚାନ୍ଦିଲି ପଞ୍ଚାୟତ ନୂଆପଡ଼ା କଲୋନୀରୁ ୯ ଦିନର ଶିଶୁକନ୍ୟାକୁ ଅବୈଧ ଭାବେ ପୋଷ୍ୟ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ନେଇ ଏକ କମିଟି ତଦନ୍ତ କରିଥିଲା। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା ଯେ ନୂଆପଡ଼ା କଲୋନୀର କୁମୁଦ ଗାଣ୍ଟା ଓ ରାହୁଲ ଧନବାଦୀଙ୍କ ଦ୍ୱାରା ଏକ ଶିଶୁକନ୍ୟାକୁ ଆନ୍ଧ୍ରର ପାର୍ବତୀପୁରମ ଜିଲ୍ଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ.ରାଜଶେଖରଙ୍କୁ ଦିଆଯାଇଥିଲା। କିନ୍ତୁ କୁମୁଦ ଓ ରାହୁଲ ଉକ୍ତ ଶିଶୁକନ୍ୟାର ପ୍ରକୃତ ପିତାମାତା ଥିଲେ। ଏହି ଦମ୍ପତି ଏକ ଅଣପଞ୍ଜିକୃତ ପୋଷ୍ୟ ଗ୍ରହଣ ଡିଡ୍‌ରେ ସ୍ୱାକ୍ଷର କରି ଶିଶୁକନ୍ୟାକୁ ହସ୍ତାନ୍ତର କରିଥିଲେ। ରାୟଗଡ଼ା ଶିଶୁ କଲ୍ୟାଣ କମିଟି ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିଥିବା ମଧ୍ୟ ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଥିଲା। ରିପୋର୍ଟ ହସ୍ତଗତ ହେବା ପରେ ଜିଲ୍ଲାପାଳ ତାହାକୁ ସରକାର ନିକଟଙ୍କୁ ପଠାଇଥିଲେ।

# ମଦର୍ସ ଡେ' ପାଇଁ ସେଲଫି ପ୍ରତିଯୋଗିତା ଆରମ୍ଭ



● ୧୦ ପର୍ଯ୍ୟନ୍ତ ପଠାଇପାରିବେ ମା'ଙ୍କ ସହ ସେଲଫି
● ଏକାମ୍ର ହାଟରେ ପାଳିତ ହେବ ମଦର୍ସ ଡେ'

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଆସନ୍ତା ୧୧ ତାରିଖରେ ସମଗ୍ର ବିଶ୍ୱରେ ମଦର୍ସ ଡେ' ପାଳନ କରାଯିବ। ଏଥିସକାଶେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଏକ ସେଲଫି ପ୍ରତିଯୋଗିତା 'ମଦର୍ସ ଡେ ସେଲଫି କଣ୍ଟେଷ୍ଟ'କୁ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜ ମା'ଙ୍କ ସହ ସେଲଫି ଉଠାଇ ମା'ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇ ପଦ ଲେଖି ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ କରିବେ। ଏହାପରେ ପ୍ରତିଯୋଗୀମାନେ ସେଲଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଫେସବୁକ, ଇନଷ୍ଟାଗ୍ରାମ ଓ ଏକ୍ସ, ପ୍ରତ୍ୟେକରୁ ୩ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲଫି ଓ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରାଯିବା ସହ ଆସନ୍ତା ୧୧ ତାରିଖରେ ମଦର୍ସ ଡେ'ରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫଟୋ ମଧ୍ୟ ବିଭାଗୀୟ ଅଫିସିଆଲ ହ୍ୟାଣ୍ଡଲରେ ପୋଷ୍ଟ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଆସନ୍ତା ୧୧ ତାରିଖରେ ସ୍ଥାନୀୟ ୟୁନିଟ୍-୩ସ୍ଥିତ ଏକାମ୍ର ହାଟରେ ମଦର୍ସ ଡେ' ପାଳନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ବିଜେତାମାନେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଭାଗ ନେବା ପାଇଁ ଚାହୁଁଥିବା ମା'ମାନେ ଆସନ୍ତା ୧୧ ତାରିଖ ଅପରାହ୍ନ ୩ଟା ସମୟରେ ଏକାମ୍ର ହାଟରେ ପହଞ୍ଚି ପଞ୍ଜିକରଣ କରି ଏହି ଖେଳରେ ଭାଗ ନେଇପାରିବେ। ବିଜେତାମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ହିଁ ପୁରସ୍କୃତ କରାଯିବ। ବହୁ ସଂଖ୍ୟାରେ ମା'ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

● ମଦ ଦୋକାନୀଙ୍କୁ ଲୁଟ୍ ଉଦ୍ୟମ

## ଗୁଳିକରି ଛୁ' ମାରିଲେ ୩ ଦୁର୍ବୃତ୍ତ



**ମୟୂରଭଞ୍ଜ,୬।୫(ସଂଚାର ବ୍ୟୁରୋ):** ମଦ ଦୋକାନର ମାଲିକଙ୍କୁ ଗୁଳିମାଡ଼ ହୋଇଛି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗୋରୁମହିଷାଣୀ ଥାନା ମୁଖ୍ୟ ବଜାରସ୍ଥିତ ବିଦେଶୀ ମଦ ଦୋକାନ ମାଲିକ ଏହି ଗୁଳିମାଡ଼ରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଉକ୍ତ ଦୋକାନୀଙ୍କୁ ଲୁଟ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଏଥିରେ ସଫଳ ନ ହେବାରୁ ସେମାନେ କ୍ରୋଧାନ୍ୱିତ ହୋଇ ତାଙ୍କୁ ଗୁଳି କରିବା ସହ ଆଖି ପିଛୁଳାକେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳି ମାଡ଼ରେ ଆହତ ସବ୍ୟସାଚୀ ମହାନ୍ତିଙ୍କୁ ପ୍ରଥମେ ରାଇରଙ୍ଗପୁର ଓ ପରେ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସବ୍ୟସାଚୀଙ୍କ ଗୋଡ଼ରେ ଦୁଇଟି ଗୁଳି ବାଜିଛି। ଖବର ପାଇ ସ୍ଥାନୀୟ ଗୋରୁମହିଷାଣୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଚିକିତ୍ସାରେ ଅବହେଳାରୁ ରୋଗୀଙ୍କ ମୃତ୍ୟୁ

● ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




**ଟାଙ୍ଗୀ,୬।୫(ସଂଚାର ବ୍ୟୁରୋ):** ଚିକିତ୍ସାରେ ଡାକ୍ତର ଅବହେଳା କରିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯୁବକଙ୍କ ମୃତ୍ୟୁକୁ ନେଇ ଟାଙ୍ଗୀ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖା ଦେଇଛି। ମୃତ୍ୟୁବରଣ କରିଥିବା ଯୁବକଙ୍କ ନାମ ସୋମନାଥ ପଲେଇ(୨୫)। ମୃତ୍ୟୁ ପରେ ସୋମନାଥଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ଆଉଟଡୋର ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଆଉଟଡୋରରେ ରୋଗୀ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି।

ମିଳିଥିବା ସୂଚନାନୁସାରେ, ଆଜି ସକାଳେ ସୋମନାଥଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ କାର୍ଯ୍ୟରତ ଡାକ୍ତର ବିବି ବଳବନ୍ତରାୟ ତାଙ୍କୁ ୩/୪ଟି ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଇଞ୍ଜେକ୍ସନ୍ ନେବା ପରେ ସୋମନାଥ ସୁସ୍ଥ ହେବା ପରିବର୍ତ୍ତେ କିଛି ସମୟ ପରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଚାନ୍ଦପୁର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ପରିସ୍ଥିତି ଉପରେ ଦୃଷ୍ଟି ରଖିଛି।

## ନାବାଳିକାଙ୍କୁ ଦୁଷ୍କର୍ମ ମାମଲା ଅଭିଯୁକ୍ତଙ୍କୁ ୨୫ ବର୍ଷ ଦଣ୍ଡାଦେଶ

**ନୟାଗଡ଼,୬।୫(ସଂଚାର ବ୍ୟୁରୋ):** ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୨୫ ବର୍ଷ କାରାଦଣ୍ଡାଦେଶ ହୋଇଛି। ଆଜି ଏହି ମାମଲାର ରାୟ ଶୁଣାଇବାକୁ ଯାଇ ନୟାଗଡ ପକ୍ସୋ କୋର୍ଟର ବିଚାରପତି ମାନସ କୁମାର ପଣ୍ଡା ଉପରୋକ୍ତ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୩ରେ ବୌଦ୍ଧ ଜିଲ୍ଲାର ସୁରେନ୍ଦ୍ର କୁମାର ଜାନି ଦଶପଲ୍ଲାର ଏକ ହୋଟେଲରେ କାମ କରୁଥିଲା। ଦଶପଲ୍ଲା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ସେ ବିବାହ ପ୍ରଲୋଭନ ଦେବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ଉକ୍ତ ନାବାଳିକାଙ୍କୁ ବିବାହ କରିବାକୁ ମନା କରିଥିଲା। ଫଳରେ ନାବାଳିକା ପରିବାର ଲୋକେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ଦଶପଲ୍ଲା ଥାନା ଏନେଇ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁରେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ପକ୍ସୋ କୋର୍ଟର ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ଓ ପୀଡ଼ିତାଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସୁରେନ୍ଦ୍ରକୁ ୨୫ ବର୍ଷ କାରାଦଣ୍ଡ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦାଶରଥି ସାହୁ ମାମଲା ପରିଚାଳନା କରୁଥିଲେ।

# ଗୋପାଳନ ଯୋଜନାରେ ସଶକ୍ତ ହେଉଛନ୍ତି ଦୁଗ୍ଧ ଚାଷୀ

## ୩ ମାସରେ ସହସ୍ରାଧିକ ଗାଈ ସାମିଲ୍




**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନାକୁ ପ୍ରାରମ୍ଭିକ ସଫଳତା ମିଳିଛି। ଗତ ତିନି ମାସ ମଧ୍ୟରେ ପ୍ରାୟ ହଜାରେ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ଏହି ଯୋଜନାରେ ସାମିଲ ହୋଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଆଦି ରାଜ୍ୟରୁ ଏହିସବୁ ଗାଈଙ୍କୁ ଅଣାଯାଇଛି। ଫଳରେ ଦୁଗ୍ଧ ଚାଷୀଙ୍କ ଜୀବନଜୀବିକାକୁ ଗୋ-ପାଳନ ଯୋଜନା ଅଧିକ ସୁରକ୍ଷିତ ଓ ସଶକ୍ତ କରିପାରିଛି। ରାଜ୍ୟରେ ଉନ୍ନତ ପ୍ରଜାତିର ଗୋପାଳନ ଦିଗରେ ଏହା ସହାୟକ ହେବ ଓ ଅନ୍ୟମାନଙ୍କୁ ପ୍ରେରିତ କରିବ। ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଆୟୋଜନ ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଚାଷୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସରକାରୀ ସହାୟତା ପାଇ ଚାଷୀମାନେ ବାହାର ରାଜ୍ୟରୁ ଦୁଧିଆଳୀ ଗାଈ କିଣିପାରିଛନ୍ତି। ଏବେ ଏହି ଦୁଧିଆଳୀ ଗାଈ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗେମ୍‌ଚେଞ୍ଜର୍ ସାବ୍ୟସ୍ତ ହେଉଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲାରେ ଏହି ଗୋପାଳନ ଯୋଜନାରେ ପ୍ରଥମ ଥର ପାଇଁ ୩ଟି ୟୁନିଟ ପ୍ରତିଷ୍ଠା ହୋଇଛି। ଏହି ଦୁଗ୍ଧ ଚାଷୀମାନେ ମହିଳା ହୋଇଥିବା ବେଳେ ଏହି ସଫଳତା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରମାଣିତ କରିଛି। ଗୋପାଳକଙ୍କ ଜୀବିକାକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଗୋପାଳନ ଯୋଜନା ଆରମ୍ଭ କରିଛନ୍ତି। ଦୈନିକ ସର୍ବନିମ୍ନ ୧୦ ଲିଟର ଦୁଗ୍ଧ ଦେଉଥିବା ଗାଈ କିଣିବା ନିମନ୍ତେ ରାଜ୍ୟ ସରକାର ୭୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ଦେଉଛନ୍ତି। ଯୋଜନାରେ ଗାଈ କିଣିବାର ୭ରୁ ୧୦ ଦିନ ମଧ୍ୟରେ ଚାଷୀଙ୍କ ଖାତାକୁ ସବସିଡି ଦିଆଯାଇଆସିଛି। ତେଣୁ ଅଧିକରୁ ଅଧିକ ଚାଷୀ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନାରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଗୋପାଳପୁର ଏସ୍‌ଇଜେଡ୍‌ର ୨୮୨ ହେକ୍ଟର ଜମି ଫେରାଇବ ଟାଟା ଷ୍ଟିଲ୍

## ଡୋମେଷ୍ଟିକ୍ ଟାରିଫ୍ ଏରିଆରେ ମିଶିବ

**ଭୁବନେଶ୍ୱର, ୬।୫:** ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଥିବା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍) ଆଂଶିକ ବାତିଲ ପାଇଁ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲୋଡ଼ାଯାଇଛି। ପୂର୍ବରୁ ଗୋପାଳପୁର ଏସ୍‌ଇଜେଡ୍ ନାମରେ ପରିଚିତ ଏହି ଏସ୍‌ଇଜେଡ୍‌ରେ ୫୮୮.୬୫ ହେକ୍ଟର ଜମି ରହିଛି। ସେଥିରୁ ୨୮୨.୭୩ ହେକ୍ଟର୍‌ର ଅଧିସୂଚନା ବାତିଲ କରିବା ଲାଗି ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ଆବେଦନ କରିଥିଲା। ବାଣିଜ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ମନ୍ତ୍ରୀ ଗୋଷ୍ଠୀ ସେହି ଆବେଦନଗୁଡ଼ିକ ଉପରେ ଚଳିତ ମାସ ୯ରେ ହେବାକୁ ଥିବା ବୈଠକରେ ବିଚାର କରିବ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ଲିମିଟେଡ୍ ପକ୍ଷରୁ କୁହାଯାଇଛି ଯେ ଘରୋଇ ଚାହିଦା ପୂରଣ କରିବା ଲାଗି ଡିଟିଏ ଅଞ୍ଚଳରେ ନିଜ ଶିଳ୍ପ ସ୍ଥାପନ କରିବାକୁ ବିଭିନ୍ନ କମ୍ପାନି ଆଗ୍ରହ ଦେଖାଇଛନ୍ତି। ତାହାକୁ ଦୃଷ୍ଟିରେ ରଖି 'ଫାଲ୍‌ଟା ଏସ୍‌ଇଜେଡ୍' ଜରିଆରେ ଏସ୍‌ଇଜେଡ୍‌ର କିଛି ଜମିକୁ ଆଂଶିକ ବାତିଲ କରି ତାହାକୁ ଡିଟିଏରେ ସାମିଲ କରିବାକୁ ଆମେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲୁ।

# ଲଞ୍ଚ ହେଲା ଏମଜି ୱିଣ୍ଡସର୍ ପ୍ରୋ

**ନୂଆଦିଲ୍ଲୀ, ୬।୫:** ଏମଜି ମୋଟର ଇଣ୍ଡିଆର ପପୁଲାର ଇଲେକ୍ଟ୍ରିକ୍ କାର ୱିଣ୍ଡସର୍ ଏବେ ଏକ ନୂତନ ଏବଂ ଆଡଭାନ୍ସ ଅବତାର ଏମଜି ୱିଣ୍ଡସର୍ ପ୍ରୋ ପାଉଛି। ଏହା ୬ମେ, ୨୦୨୫ ଅର୍ଥାତ୍ ଆଜି ଲଞ୍ଚ ହେବ। ଏଥି ସହ ପୂର୍ବ ଅପେକ୍ଷା ଅଧିକ ଫିଚର୍ସ, ପାୱାର ଏବଂ ସେଫ୍ଟି ସହିତ ଆସିବ। ନୂଆ ଏମଜି ୱିଣ୍ଡସର୍ ପ୍ରୋ ଏକ ପାୱାରଫୁଲ୍ ଏବଂ ସ୍ମାର୍ଟ ଇଲେକ୍ଟ୍ରିକ୍ କାର ଭାବରେ ସାମ୍ନାକୁ ଆସିଛି। ଏହି ଭର୍ସନ କମ୍ପାନୀର ଥିବା ଇଭି ଲାଇନଅପ୍‌କୁ ଏକ ପ୍ରିମିୟମ୍ ଟଚ୍ ଦେବ ଏବଂ ଟାଟଶ ନେକ୍ସନ ଇଭି, ମହିନ୍ଦ୍ରା ଏକ୍ସୟୁଭି୪୦୦ ଭଳି କାରଗୁଡ଼ିକୁ ସିଧାସଳଖ ଟକ୍କର କରିପାରିବ।



ଏମଜି ୱିଣ୍ଡସର୍ ପ୍ରୋ ରେ ୪୬୦ କିଲୋମିଟର ଡ୍ରାଇଭିଂ ରେଞ୍ଜ, ଲେଭଲ୍-୨ ଏଡିଏଏସ, ବଡ ବ୍ୟାଟେରୀ ପ୍ୟାକ୍ ଏବଂ ନୂଆ ଡିଜାଇନ୍ ଏବଂ ଇଣ୍ଟେରିୟର ଅପଗ୍ରେଡ୍ ସାମିଲ ଅଛି। ଏଥିରେ ୫୦.୬ କେଡବ୍ଲ୍ୟୁଏଚ ଲିଥିୟମ ଆୟନ ବ୍ୟାଟେରୀ ଅଛି ଯାହା ଇଣ୍ଡୋନେସିଆ ବଜାରରେ ମଧ୍ୟ ସଫଳ ହୋଇଛି। ଏଥି ସହ ଏହାକୁ ଥରେ ଚାର୍ଜ କଲେ ୪୬୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇପାରିବ। କାରର ମୋଟରକୁ ପୁରୁଣା ମୋଟର ଭାବରେ ରଖାଯାଇଛି, ଯାହା ୧୩୬ ବିଏଚପି ପାୱାର ଏବଂ ୨୦୦ ଏନଏମର ଟର୍କ ଜେନେରେଟ୍ କରେ, ଏବଂ ଫ୍ରଣ୍ଟ ହୁଇଲ ଡ୍ରାଇଭ୍ ଭାବରେ, ଏକ ଦ୍ରୁତ, ସ୍ଥିର ଏବଂ ସ୍ମୁଥ୍ ଡ୍ରାଇଭିଂ ଏକ୍ସପେରିୟନ୍ସ ପ୍ରଦାନ କରେ।

ସେଫ୍ଟି ଦୃଷ୍ଟିରୁ, ୱିଣ୍ଡସର୍ ପ୍ରୋ ରେ ଲେଭଲ-୨ ଏଡିଏଏସ ଟେକ୍ନୋଲୋଜିରେ ଲେସ୍। ଏହି ସିଷ୍ଟମରେ ଅଟୋମେଟିକ୍ ଏମର୍ଜେନ୍ସି ବ୍ରେକିଂ, ଲେନ୍ କିପ୍ ଆସିଷ୍ଟ, ବ୍ଲାଇଣ୍ଡ ସ୍ପଟ୍ ଆଲର୍ଟ ଏବଂ ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ଫିଚର୍ସଗୁଡ଼ିକ ସାମିଲ, ଯାହା ଡ୍ରାଇଭିଂକୁ ସୁରକ୍ଷିତ କରିଥାଏ। ଏଥି ସହ ହାଇୱେରେ ଯାତ୍ରାକୁ ମଧ ସ୍ମାର୍ଟ କରିଥାଏ। ଡିଜାଇନ୍ ଦୃଷ୍ଟିରୁ, ଏହି କାରଟି ଏହାର ପୁରୁଣା ମଡେଲଠାରୁ ବହୁତ ଭିନ୍ନ ଦେଖାଯିବ ନାହିଁ, କିନ୍ତୁ ଫ୍ରଣ୍ଟ ଗ୍ରୀଲ୍, ହେଡଲାଇଟ୍ ଡିଜାଇନ୍ ଏବଂ ଡୁଆଲ୍-ଟୋନ୍ ପେଣ୍ଟ୍ ସ୍କିମ୍ରେ ସବଟେଲ୍ ପରିବର୍ତ୍ତନ ଏହାକୁ ଏକ ଫ୍ରେସ୍ ଏବଂ ପ୍ରିମିୟମ୍ ଲୁକ୍ ଦେବ। କ୍ୟାବିନରେ ବ୍ଲାକ୍ ଏବଂ ବ୍ରାଉନ୍ ଡୁଆଲ୍-ଟୋନ୍ ଉଡେନ୍ ଟେକ୍ସଚର୍ ସହିତ ଇଣ୍ଟେରିୟରକୁ ଆହୁରି ଉନ୍ନତ କରାଯାଇଛି। ଯାହା ଏହାକୁ ଏକ ହାଇ ଲେଭଲ ଆକର୍ଷଣ ପ୍ରଦାନ କରେ।

ଏହାର ମୂଲ୍ୟ ବିଷୟରେ କହିବାକୁ ଗଲେ, ବର୍ତ୍ତମାନର ଏମଜି ୱିଣ୍ଡସର୍ ର ମୂଲ୍ୟ ୯.୯୯ ଲକ୍ଷ ଟଙ୍କାରୁ ୧୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥି ସହ ଯେତେବେଳେ ୱିଣ୍ଡସର୍ ପ୍ରୋ ର ମୂଲ୍ୟ ଏହାର ଫିଚର୍ସ ଏବଂ ବ୍ୟାଟେରୀ ଅପଗ୍ରେଡ୍ ଉପରେ ନିର୍ଭର କରି ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ହେଲେ ନୂଆ ମଡେଲଟି ବିଏଏସ ଅର୍ଥାତ୍ (ବ୍ୟାଟେରୀ ଆଜ୍ ଏ ସର୍ଭିସ୍) ଅପ୍ସନ ସହିତ ଆସିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏମଜି ୱିଣ୍ଡସର୍ ପୂର୍ବରୁ ଭାରତରେ ଇଭି ସେଗମେଣ୍ଟରେ ଏକ ପ୍ରମୁଖ ଖେଳାଳି ହୋଇସାରିଛି ଏବଂ ସେଲରେ ଟାଟା ମୋଟର ଭଳି ବଡ଼ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରିଛି। ବିଶେଷକରି ଲଙ୍ଗ ରେଞ୍ଜ ଏବଂ ସ୍ମାର୍ଟ ସେଫ୍ଟି ସହିତ ଏକ ନିର୍ଭରଯୋଗ୍ୟ ଇଭି ଖୋଜୁଥିବା ଗ୍ରାହକମାନଙ୍କୁ ଆଖି ଆଗରେ ରଖି ଏମଜି ୱିଣ୍ଡସର ପ୍ରୋ ସହିତ ଏହାକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହ ଯଦି ଆପଣ ଏକ ପାୱାରଫୁଲ୍ କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଆପଣଙ୍କ ପାଇଁ ଏହି କାର୍ ବହୁତ ଭଲ ହୋଇପାରିବ।

# ଷ୍ଟିଲ୍ ଓ ଅଟୋ ପାର୍ଟ୍ସ ଉପରେ ଶୂନ ଟାରିଫ ପାଇଁ ଆମେରିକାକୁ ଭାରତର ପ୍ରସ୍ତାବ



**ନୂଆଦିଲ୍ଲୀ, ୬।୫:** ଟ୍ରମ୍ପଙ୍କର ପାଲଟା ଶୁଳ୍କ ଲାଗୁ ପରେ ଭାରତ ଆମେରିକା ସହିତ ଭଲ ଡିଲ୍ କରିଛି ବୋଲି ଆମେରିକା ଦାବି କରି ଆସୁଥିଲା। ଏବେ ଏନେଇ ଖବର ସାମ୍ନାକୁ ଆସିଛି। ଘଟଣା ସହିତ ଜଡ଼ିତ ବ୍ୟକ୍ତି ଇକୋନୋମିକ୍ସ ଟାଇମ୍ସକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ, ଭାରତ ଆମେରିକାକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଆମଦାନୀ ପର୍ଯ୍ୟନ୍ତ ପାରସ୍ପରିକ ଆଧାରରେ ଇସ୍ପାତ, ଅଟୋ ଉପାଦାନ ଏବଂ ଔଷଧ ଉପରେ ଶୂନ୍ୟ ଶୁଳ୍କ ପ୍ରସ୍ତାବ ଦେଇଛି। ତେବେ ଏହି ସୀମା ଅତିକ୍ରମ ପରେ ଆମଦାନୀ କରାଯାଉଥିବା ଶିଳ୍ପ ସାମଗ୍ରୀଗୁଡ଼ିକ ଉପରେ ନିୟମିତ ଆଧାରରେ ଶୁଳ୍କ ଲାଗୁ ହେବ ବୋଲି ଉକ୍ତ ବ୍ୟକ୍ତି କହିଛନ୍ତି। ଗତ ମାସର ଶେଷରେ ୱାଶିଂଟନ ଗସ୍ତ କରିଥିବା ଭାରତୀୟ ବାଣିଜ୍ୟ ଅଧିକାରୀମାନେ ଏହି ପ୍ରସ୍ତାବ ଦେଇଥିଲେ। ଯାହାଦ୍ୱାରା ଚଳିତ ବର୍ଷ ଶରତ ଋତୁ ସୁଦ୍ଧା ଆଶା କରାଯାଉଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାକୁ ଆହୁରି ତ୍ୱରାନ୍ୱିତ କରାଯାଇ ପାରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଉପରେ ୯୦ ଦିନିଆ ବିରତି ଶେଷ ହେବା ପୂର୍ବରୁ ଦୁଇ ରାଷ୍ଟ୍ର ଏକ ଶୀଘ୍ର ବାଣିଜ୍ୟ ଚୁକ୍ତି କରିବା ପାଇଁ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି। ଆମେରିକାର ଅର୍ଥନୀତିରେ ସଂକୋଚନ ମଧ୍ୟରେ, ଟ୍ରମ୍ପ ରବିବାର ପରାମର୍ଶ ଦେଇଛନ୍ତି ଯେ ଏହି ସପ୍ତାହରେ କିଛି ବାଣିଜ୍ୟ ଚୁକ୍ତି ସମ୍ଭବ ହୋଇପାରେ। ଯାହାଦ୍ୱାରା ଆମେରିକାର ପାଲଟା ଶୁଳ୍କରୁ ମୁକ୍ତି ମିଳିବ। ଖୁବ୍‌ଶୀଘ୍ର ଆମେରିକା ସହିତ ବାଣିଜ୍ୟ ଚୁକ୍ତି କରିବା ନେଇ ଦକ୍ଷିଣ କୋରିଆ, ଜାପାନ ଏବଂ ଭାରତ ଆଗରେ ରହିଥିବା ସୂଚନା ମିଳିଛି।

ସେପଟେ ୱାଶିଂଟନ୍ ଭାରତକୁ କ୍ୱାଲିଟି କଣ୍ଟ୍ରୋଲ ବୋର୍ଡ ନେଇ ଚିନ୍ତା ନକରିବାକୁ କହିଛି। ଭାରତରେ ସାମଗ୍ରୀ ବିକ୍ରି କରିବାକୁ ହେଲେ ଦେଶୀ ଓ ବିଦେଶୀ ନିର୍ମାତାମାନଙ୍କୁ ଏହାର ବାଧ୍ୟତାମୂଳକ ଗୁଣବତ୍ତା ମାନଦଣ୍ଡ ପାଳନ କରିବାକୁ ପଡ଼ିବ। କାରଣ ଏଥିରେ ସ୍ୱଚ୍ଛତା ନଥିବାରୁ ଅନେକ ସମୟରେ ଏନେଇ ଆଲୋଚନା ହେଉଛି। ଭାରତ ଚିକିତ୍ସା ଉପକରଣ ଏବଂ ରସାୟନିକ ପଦାର୍ଥ ଭଳି କ୍ଷେତ୍ରରେ ଥିବା କ୍ୟୁସିଓ ଗୁଡ଼ିକର ପୁନର୍ବିଚାର କରିବାକୁ ଇଚ୍ଛା ପ୍ରକାଶ କରିଛି। ଏବଂ ଆମେରିକା ସହିତ ଏକ ପାରସ୍ପରିକ ସ୍ୱୀକୃତି ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପ୍ରସ୍ତାବ ଦେଇଛି, ଯାହା ଅଧୀନରେ ଉଭୟ ରାଷ୍ଟ୍ର ପରସ୍ପରର ନିୟାମକ ମାନଦଣ୍ଡ ଏବଂ ନିୟମଗୁଡ଼ିକ ପାଳନ କରାଯିବ। ତେବେ ଏହା ଚୂଡ଼ାନ୍ତ ହେବ କି ନା ସେ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ।




# ଯୁଦ୍ଧ ଭୟରେ କମ୍ପିଲା ପାକ୍ ଷ୍ଟକ ମାର୍କେଟ୍

## ବଢ଼ିଲା ଭାରତୀୟ ବଜାର

**କରାଚୀ/ମୁମ୍ବାଇ, ୬।୫:** ଭାରତର ଆଶଙ୍କା ଦିନକୁ ଦିନ ବଢୁଥିବାବେଳେ ସମଗ୍ର ପାକିସ୍ତାନରେ ଭୟ ଓ ଆତଙ୍କର ବାତବରଣ ରହିଛି। ଏହି ଆତଙ୍କ ପାକିସ୍ତାନର ସରକାର, ସେନାଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମଧ୍ୟରେ ଦେଖାଯାଉଛି। ଏହାର ପ୍ରଭାବ ପାକିସ୍ତାନ ଷ୍ଟକ ବଜାର ଉପରେ ମଧ ପଡ଼ିଛି। ପାକିସ୍ତାନର ବୃହତ୍ତମ ଷ୍ଟକ ବଜାର କରାଚୀ ଷ୍ଟକ ଏକ୍ସଚେଞ୍ଜରେ ସୂଚକାଙ୍କ ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ସମ୍ଭାବ୍ୟ ଯୁଦ୍ଧର କୌଣସି ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ଦେଖାଯାଇନାହିଁ, ଯେପରିକି, ଭାରତୀୟ ଷ୍ଟକ ବଜାର ସେନାର କ୍ଷମତାକୁ ନେଇ ସଂପୂର୍ଣ୍ଣ ନିଶ୍ଚିନ୍ତ ଅଛି। କାରଣ ପହଲଗାମ ଆକ୍ରମଣପରଠାରୁ ସେନସେକ୍ସ ପ୍ରାୟ ୧.୫ ପ୍ରତିଶତ ବୃଦ୍ଧି ପାଇଛି।

କରାଚୀ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ କେଏସଇ-୧୦୦ ମଙ୍ଗଳବାର ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି। କେବଳ ଏପ୍ରିଲ ୩୦ରେ ଏହା ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଥିଲା। ମେ ୨ରେ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଥିଲେ ବି ତାପରଠାରୁ ସୂଚକାଙ୍କ ହ୍ରାସ ପାଇଚାଲିଛି।

କରାଚୀ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ କେଏସଇ-୧୦୦ ମଙ୍ଗଳବାର ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି। କେବଳ ଏପ୍ରିଲ ୩୦ରେ ଏହା ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଥିଲା। ମେ ୨ରେ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଥିଲେ ବି ତାପରଠାରୁ ସୂଚକାଙ୍କ ହ୍ରାସ ପାଇଚାଲିଛି।

ସେପଟେ ଭାରତର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ଏପ୍ରିଲ ୨୩ରୁ ମେ ୫ ମଧ୍ୟରେ ପ୍ରାୟ ୧.୫ ପ୍ରତିଶତ ବୃଦ୍ଧି ପାଇଛି। ତଥ୍ୟ ଅନୁସାରେ ପାକିସ୍ତାନ ସହିତ ଉତ୍ତେଜନା ସମୟରେ ସାଧାରଣତଃ ଭାରତୀୟ ଷ୍ଟକ ବଜାରରେ ସେତେଟା ଅସ୍ଥିରତା ଦେଖାଯାଇନଥାଏ। କେବଳ ୨୦୦୧ ସଂସଦ ଆକ୍ରମଣ ସମୟରେ ସୂଚକାଙ୍କରେ ବଡ଼ ହ୍ରାସ ଦେଖିବାକୁ ମିଳିଥିଲା, କିନ୍ତୁ ତାହା ୨ ପ୍ରତିଶତରୁ ଅଧିକ ନଥିଲା।

# ଜାପାନକୁ ଟପି ଭାରତ ହେବ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି




**ନୂଆଦିଲ୍ଲୀ, ୬।୫:** ଚଳିତ ବର୍ଷ ଭାରତୀୟ ଅର୍ଥନୀତି ଏକ ବଡ଼ ମାଇଲଖୁଣ୍ଟ ଅତକ୍ରମ କରିବାକୁ ଯାଉଛି । ଭାରତୀୟ ଅର୍ଥନୀତି ଚଳିତ ବର୍ଷ ଶେଷସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି । ଆଇଏମଏଫ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ ଏପ୍ରିଲ ୨୦୨୫ ରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ମସିହାରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୪,୧୮୭.୦୧୭ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ସେହି ସମୟରେ, ଜାପାନର ଜିଡିପିର ଆକାର ୪,୧୮୬.୪୩୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି।

ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଆଇଏମଏଫର ଆକଳନ ଅନୁଯାୟୀ, ଭାରତ ଆଗାମୀ କିଛିବର୍ଷରେ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରିବ ଏବଂ ଏହି ସମୟ ମଧ୍ୟରେ ଏଉଚ ଆକାର ୫,୦୬୯.୪୭ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ୨୦୨୮ ସୁଦ୍ଧା, ଭାରତର ଏଉଚ ଆକାର ୫,୫୮୪.୪୭୬ ବିଲିୟନ ଡଲାର ହେବ, ଯେଉଁଠାରେ ଏହି ସମୟ ମଧରେ, ଜର୍ମାନୀର ଜିଡିପିର ଆକାର ୫,୨୫୧.୯୨୮ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

# ଦୁଇଚକିଆ ଗାଡ଼ି ଓ ଟ୍ରାକ୍ଟର ବିକ୍ରି କମିଲା

## ଚାପରେ ଗ୍ରାମୀଣ ଅର୍ଥନୀତି



**ଭୁବନେଶ୍ୱର, ୬।୫:** ରାଜ୍ୟର ଗ୍ରାମୀଣ ଅର୍ଥନୀତି ଚାପ ଦେଇ ଗତି କରୁଛି। ଗାଡ଼ି ବିକ୍ରି ତଥ୍ୟ ଏଭଳି କିଛି ଇଙ୍ଗିତ କରୁଛି। ଗାଁରେ ବିକ୍ରି ହେଉଥିବା ଦୁଇ ପ୍ରକାର ପ୍ରମୁଖ ଗାଡ଼ି ଯଥା ବାଇକ୍ ଓ ସ୍କୁଟର ଭଳି ଦୁଇଚକିଆ ଯାନ ଏବଂ ଟ୍ରାକ୍ଟର ବିକ୍ରି ହ୍ରାସ ପାଇଛି। ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ଏହି କ୍ଷେତ୍ରର ପ୍ରଦର୍ଶନ ପ୍ରଭାବିତ ହୋଇଥିବାରୁ ଗାଡ଼ି କିଣିବା ଲାଗି ଲୋକମାନଙ୍କ ପାଖରେ ଆବଶ୍ୟକ ପାଣ୍ଠି ନଥିବା ଅନୁମାନ କରାଯାଉଛି। ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏନ୍ସ (ଏଫ୍ଏଡିଏ) ତଥ୍ୟ ଅନୁସାରେ ଏପ୍ରିଲ୍‌ରେ ରାଜ୍ୟରେ ୭୦,୭୯୨ଟି ଗାଡ଼ି ବିକ୍ରି ହୋଇଛି। ଗତବର୍ଷ ଏପ୍ରିଲ୍‌ରେ ହୋଇଥିବା ୭୧,୩୭୩ ଗାଡ଼ି ବିକ୍ରି ତୁଳନାରେ ତାହା ହେଉଛି ୦.୮୧ ପ୍ରତିଶତ କମ୍। ତିନି ଚକିଆ ଗାଡ଼ି ଓ କାର୍‌କୁ ବାଦ ଦେଲେ ଅନ୍ୟ ସବୁ ପ୍ରକାର ଗାଡ଼ି ବିକ୍ରି ଗତ ଏପ୍ରିଲ୍‌ରେ କମିଛି।

ଏଫ୍ଏଡିଏ ତଥ୍ୟ ଅନୁଯାୟୀ ରାଜ୍ୟରେ କାର୍ ବିକ୍ରି ୧୨.୧୯ ପ୍ରତିଶତ ବୃଦ୍ଧି ପାଇ ୭୦୨୦ ହୋଇଛି। ତିନିଚକିଆ ଯାନ ବିକ୍ରି ୯.୭୯ ପ୍ରତିଶତ ବୃଦ୍ଧି ପାଇ ୧୯୦୬ ହୋଇଛି। ତେବେ ଦୁଇଚକିଆ ଗାଡ଼ି ଓ ଟ୍ରାକ୍ଟର ବିକ୍ରି ହ୍ରାସ ପାଇବା, ଗ୍ରାମୀଣ ଅର୍ଥନୀତି ଉପରେ ଥିବା ଚାପକୁ ଦର୍ଶାଉଛି। ଦୁଇଚକିଆ ବିକ୍ରି ୫୭,୪୮୫କୁ ଖସିଆସିଛି। ସେହିପରି ଟ୍ରାକ୍ଟର ବିକ୍ରି ୧.୫୬ ପ୍ରତିଶତ ହ୍ରାସ ପାଇ ୧୨୬୫କୁ ହ୍ରାସ ପାଇଛି। ବାଣିଜ୍ୟିକ ଯାନ ବିକ୍ରି ସର୍ବାଧିକ ୨୧.୨୩ ପ୍ରତିଶତ ହ୍ରାସ ପାଇ ୩୧୧୬ରେ ପହଞ୍ଚିଛି। ଏଭଳି ଗାଡ଼ିର ବିକ୍ରି କମ୍ ହେବା ଖଣିଖାଦାନ କ୍ଷେତ୍ରରେ ଥିବା ଚାପକୁ ଦର୍ଶାଉଛି। ବାଣିଜ୍ୟିକ ଯାନଗୁଡ଼ିକ ମୁଖ୍ୟତଃ ମାଲ୍ ପରିବହନରେ ବ୍ୟବହୃତ ହୋଇଥାଏ। ଏହା ଉପରେ ମତ ଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ ଗ୍ରାମାଞ୍ଚଳରେ ଲୋକଙ୍କ ବ୍ୟୟ ଯେଉଁଭଳି ଭାବେ ବଢୁଛି, ଆୟ ସେହି ଅନୁସାରେ ବଢୁନାହିଁ। ତେଣୁ ସେମାନଙ୍କ କ୍ରୟ ଶକ୍ତି କମ୍ ହେବାରେ ଲାଗିଛି। ଗାଡ଼ି କିଣିବା ଲାଗି ଯେଉଁ ପାଣ୍ଠି ଦରକାର, ତାହା ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ସେହିପରି, ପରିବହନ ଓ ଖଣି ଖାଦାନ କାର୍ଯ୍ୟକଳାପ ପ୍ରଭାବିତ ହୋଇଥିବାରୁ ବାଣିଜ୍ୟିକ ଗାଡ଼ି ବିକ୍ରି କମ୍ ହୋଇଥିବା ଆଶଙ୍କା କରାଯାଉଛି ବୋଲି ସେ କହିଛନ୍ତି। ଗାଡ଼ି ବିକ୍ରି ସମ୍ପର୍କରେ ମତ ଦେଇ ଏଫ୍ଏଡିଏ ଓଡ଼ିଶା ଶାଖାର ଅଧ୍ୟକ୍ଷ ଅଖିଳ ପୋଦାର କହିଛନ୍ତି ଯେ ଆଗକୁ ବିବାହ ଋତୁ ରହିଛି ଏବଂ ଭଲ ଫସଲ ଅମଳର ମଧ ସମ୍ଭାବନା ରହିଛି। ତେଣୁ ଆସନ୍ତା ମାସଗୁଡ଼ିକରେ ଚାହିଦାରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

## ଆଜିର ସୁନା ଦର



ସୁନା କିଣିବାକୁ ଚାହୁଁଛନ୍ତି କି ? ସପ୍ତାହ ଆରମ୍ଭରୁ ସୁନା ଦରରେ ହେଲା ପରିବର୍ତ୍ତନ। ଆକାଶ ଛୁଆଁ ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୨୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ୯୦ ହଜାର ୨୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୪ ୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୪୬୦ ଓ ୯୦,୨୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ ,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ଏବେବି ଭୂତ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା

**ବିଞ୍ଝାରପୁର,୬।୫ (ସଂଚାର ବ୍ୟୁରୋ):** ଭତ୍ତା ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ଭତ୍ତା ବଣ୍ଟନରେ ଅନିୟମିତତା ପାଇଁ ବିଞ୍ଝାରପୁର ବ୍ଲକ୍ ଚର୍ଚ୍ଚାରେ। କିଛି ଦିନ ତଳେ ଭେଣ୍ଡିଆଙ୍କୁ ଭତ୍ତା ଆଉ ଉପଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରାଯାଇ ପାଖାପାଖି ୯୦ ଲକ୍ଷ ଟଙ୍କାର ଭତ୍ତା ଅନିୟମିତତାରେ ବିଞ୍ଝାରପୁର ଉଠିଥିଲା ଆଉ ପଡ଼ିଥିଲା। କିନ୍ତୁ ଏବେବି ଭତ୍ତା ଅନିୟମିତତା ବିଞ୍ଝାରପୁର ବ୍ଲକର ପିଛା ଛାଡୁନି। କାରଣ ଏବେବି ଅନେକ ମୃତ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଉଥିବା ଅଭିଯୋଗ ଆସିଛି। ବିଭିନ୍ନ ପଞ୍ଚାୟତରେ ଚାଲିଥିବା ସାମାଜିକ ସମୀକ୍ଷା ଗ୍ରାମସଭାରେ ଏଭଳି କିଛି ତଥ୍ୟ ଆସୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।




ବିଭିନ୍ନ ପଞ୍ଚାୟତରରେ ଚାଲିଥିବା ସାମାଜିକ ସମୀକ୍ଷାରେ ଅନଲାଇନ୍ ଡାଟାବେଶରେ ନା ନଥିବା ଲୋକଙ୍କୁ ଭତ୍ତା ମିଳୁଥିବା ସାମ୍ନାକୁ ଆସିଛି। ଖାଲି ସେତିକି ନୁହେଁ କେତେକ ସ୍ଥାନରେ କେନ୍ଦ୍ରୀୟ

**ବ୍ଲକ ପ୍ରଶାସନ ପାଖରେ ଖବର ନାହିଁ**

ଯୋଜନାରେ ମୃତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଯାଉଥିବା ମଧ ଅଭିଯୋଗ ଆସିଛି। ମୃତ ବ୍ୟକ୍ତିଙ୍କ ଆକାଉଣ୍ଟକୁ କିଭଳି ଟଙ୍କା ଯାଉଛି ସେ ନେଇ ବ୍ଲକ ପ୍ରଶାସନ ନିକଟରେ କୌଣସି ଖବର ନଥିବା ଅଭିଯୋଗ ଆସିଛି। ତେବେ ତୁରନ୍ତ ଏନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### କଳାହାଣ୍ଡିରେ ପ୍ରକ୍ରିୟାକରଣ ପାଇଁ ଭିତ୍ତିଭୂମି ନାହିଁ

# ଆନ୍ଧ୍ର ଓ ଛତିଶଗଡ଼ ଯାଉଛି ଜଙ୍ଗଲଜାତ ଦ୍ରବ୍ୟ

**କଳାହାଣ୍ଡି,୬।୫ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ବ୍ୟବସ୍ଥା ନାହିଁ। ଫଳରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଚାଲିଯାଉଛି କଳାହାଣ୍ଡି ଜିଲ୍ଲାରୁ ସଂଗୃହିତ ଜଙ୍ଗଲଜାତ ଦ୍ରବ୍ୟ। ଏଥିରେ ଉଭୟ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ବେପାରୀମାନେ ଲାଭବାନ ହେଉଥିବା ବେଳେ କଳାହାଣ୍ଡି କ୍ଷତି ସହୁଛି।

ପ୍ରକାଶ ଯେ, ଜିଲ୍ଲାର ମଦନପୁର ରାମପୁର, ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ନର୍ଲା ଓ କୋକସରା ଅଞ୍ଚଳରେ ତେନ୍ତୁଳି ସଂଗ୍ରହ ହୋଇଥାଏ। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବେପାରୀମାନେ କଳାହାଣ୍ଡି ଜିଲ୍ଲାରୁ ତେନ୍ତୁଳି ନେଇ ବିଦେଶକୁ ରପ୍ତାନି କରି ମାଲାମାଲ ହେଉଛନ୍ତି। ସେହିଭଳି ହରିଡ଼ା, ବାହାଡ଼ା, ମହୁ, ଚାଆଁର, ଅଁଳା ଭଳି ବହୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ହୋଇଥାଏ। ଏଠାରୁ ରାୟଗଡ଼ା, ବିଶାଖାପାଟଣା ଏବଂ ଦେଭୋଗ ଦେଇ ରାୟପୁର ବେପାରୀମାନେ କମ୍



ମୂଲ୍ୟରେ କିଣି ନେଇଥାନ୍ତି । ବିଭିନ୍ନ ବନଜାତ ଦ୍ରବ୍ୟରୁ ଔଷଧ ପ୍ରସ୍ତୁତି ହେଉଥିବା ଯୋଗୁଁ ଏବଂ କଳାହାଣ୍ଡି ଜିଲ୍ଲାର ଏହି ଦ୍ରବ୍ୟଗୁଡ଼ିକ ଉଚ୍ଚମାନର ହୋଇଥିବା ଯୋଗୁଁ ବିଦେଶରେ ଏହାର ଚାହିଦା ଅଧିକ ରହିଛି। ପ୍ରକ୍ରିୟାକରଣ ପାଇଁ ଭିତ୍ତିଭୂମିର ଅଭାବ ଯୋଗୁଁ କଳାହାଣ୍ଡିର କଞ୍ଚାମାଲ ରାଜ୍ୟକୁ ଯାଇ ପ୍ରୋସେସିଂ ହୋଇ ବିଦେଶକୁ ଚାଲାଣ ହେଉଛି। ସେହିଭଳି ମହୁଲ, ଟୋଲ, କେନ୍ଦୁ, ଝାଡୁ ଭଳି ବିଭିନ୍ନ ସାମଗ୍ରୀ ସଂଗ୍ରହ ହେଉଥିଲେ ମଧ ଏହାର ବିକ୍ରିବଟା ପାଇଁ କୌଣସି ସୁଯୋଗ ନଥିବା ଯୋଗୁଁ ଲୋକେ କମ ମୂଲ୍ୟରେ ବେପାରୀ ହାତକୁ ଟେକି ଦେଉଛନ୍ତି। ଶାଳମଞ୍ଜିକୁ ନେଇ ପ୍ରୋସେସିଂ ୟୁନିଟ୍ ନଥିବା ଯୋଗୁଁ ଛତିଶଗଡ଼ର ବେପାରୀମାନେ ଏହାର ଫାଇଦା ଉଠାଉଛନ୍ତି। ତେଣୁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ବନଜାତ ଦ୍ରବ୍ୟର ପ୍ରୋସେସିଂ ଓ ମାର୍କେଟି ପାଇଁ ଭିତ୍ତଭୂମ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଟ୍ୱିଟରରେ ଆସୁଥିବା ଅଭିଯୋଗର ସମାଧାନ କରୁନାହାନ୍ତି ବିଡିଓ

**ସୋନପୁର,୬।୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ପ୍ରଶାସନ ସରକାରଙ୍କ ନିୟମ ମାନୁ ନାହାନ୍ତି। ରାଜ୍ୟ ସରକାର ସବୁ ବିଭାଗ ଟ୍ୱିଟର ଏକାଉଣ୍ଟ ଖୋଲି ଟ୍ୱିଟ ମାଧମରେ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏକ୍ସ (ଟୁଇଟର)ରେ ସୋନପୁର ବ୍ଲକ ପ୍ରଶାସନ ପାଖକୁ ଅନେକ ଅଭିଯୋଗ ଆସୁଛି। ଗୋଟିଏ ବି ସମସ୍ୟାର ସମାଧାନ କରୁନାହାନ୍ତି । ଏନେଇ ସୁବର୍ଣ୍ଣପୁର ଜିଲ୍ଲାର ଟୁଇଟର ବଏ ଭାବେ ପରିଚିତ ସାମାଜିକ କର୍ମୀ ଶ୍ରୀ ସର୍ଜନ କୁମାର ପାଣ୍ଡେ ଅଭିଯୋଗ କରିଛନ୍ତି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ବିଭିନ୍ନ ଅଭିଯୋଗ ଓ ସମାଧାନ ସମ୍ପର୍କରେ ଅଭିଯୋଗର ସମାଧାନ କରିବା ପାଇଁ

## ବିଶେଷଜ୍ଞ କମିଟିଙ୍କ ଶିଶୁ ସୁରକ୍ଷା ଉପକାରାଗାର ପରିଦର୍ଶନ



**ସୁବର୍ଣ୍ଣପୁର,୬।୫ (ସଂଚାର ବ୍ୟୁରୋ):** ଶିଶୁ ସୁରକ୍ଷା ପାଇଁ ଗୃହ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି ଶିଶୁ ସୁରକ୍ଷା ସୁବର୍ଣ୍ଣପୁରର ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ସମ୍ପାଦିକା କୁମୁଦିନୀ ମୁଦୁଲିଙ୍କ ତତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ସୁବର୍ଣ୍ଣପୁରର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗର କୁ ଯାଇ ଏଠାରେ ଅନ୍ତେବାସୀଙ୍କ ସହ ଏକ କ୍ୟାମ୍ପ ହେବା ସହିତ ଅନ୍ତେବାସୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ କୌଣସି ମାମଲାରେ ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁ କାରାଗାରରେ ଥିବା ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରିଥିଲେ। କିନ୍ତୁ କୌଣସି ଶିଶୁ ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁ ପାଇ ନ ଥିଲେ। ଉକ୍ତ ପରିଦର୍ଶନ ସମୟରେ ଆଇନ ଛାତ୍ର, ବିଜେବି ଆଉଟନୋମଷ ମହାବିଦ୍ୟାଳୟ, ଭୁବନେଶ୍ୱରର ଇଣ୍ଟେରସିପ ରାଜୀବ କୁମାର ନନ୍ଦ ଓ ଲମ୍ବୋଦର ପ୍ରଧାନ ଉପସ୍ଥିତ ଥିବାବେଳେ ଉକ୍ତ କାରାଗାରର ଅଧକ୍ଷ ଡିଲେଶ୍ୱର ଜେନା ପରିଦର୍ଶନ ସମୟରେ ସହଯୋଗ କରିଥିଲେ।

## ମା ପେଣ୍ଡ୍ରାଣୀ ସବୁଜ ସେନା ସଙ୍ଘ ଗଠିତ



**ଉମରକୋଟ,୬।୫ (ସଂଚାର ବ୍ୟୁରୋ):** ରବିବାର ଦିନ ନବରଙ୍ଗପୁର ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀ ମାନଙ୍କୁ ନେଇ ଗ୍ରୀନ କଲୋନୀ, ଉମରକୋଟ ଠାରେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକ ପରେ ମା ପେଣ୍ଡ୍ରାଣୀ ସବୁଜ ସେନା ସଙ୍ଘ ନାମରେ ଏକ ନୂତନ ସଙ୍ଘ ଗଠିତ ହୋଇ ଯାଇଛି। ଆଗାମୀ ଦିନରେ ସମାଜରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଏବଂ ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ଅସୁବିଧାରେ ସହଯୋଗ କରିବା ଉଦେଶ୍ୟରେ ସଙ୍ଘ ଗଠନ କରାଯାଇଅଛି । ଏହି ସଂଘରେ ସର୍ବସମ୍ମତି କ୍ରମେ ସନ୍ତୋଷ କୁମାର ସାହୁ ସଭାପତି, ରାକେଶ ମିସ୍ତ୍ରୀ ଉପ- ସଭାପତି, ଟୁନା ଦାଶ ସମ୍ପାଦକ, ନଶନ ଖରା ଯୁଗ୍ମ ସମ୍ପାଦକ ଏବଂ ସୁଶାନ୍ତ ସାହୁ କୋଷଧକ୍ଷ ରୂପେ ମନୋନୀତ ହୋଇଥଲେ । ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱବିହାରୀ ଦାଶ, ଯଶୋବନ୍ତ ମିଶ୍ର, ସମୀର ବିଶ୍ୱାସ, ଶୈଳେନ ବିଶ୍ୱାସ ଓ ଶେହବାଜ ଖାନ ଉପସ୍ଥିତ ଥିଲେ । ଉମରକୋଟ ସହଯୋଗୀ ରୂପେ ସରୋଜ ହରିଜନ, ରାଇଘର ସହଯୋଗୀ ରୂପେ ଇନ୍ଦ୍ରଜିତ ବରକନ୍ଦାଜ ଏବଂ ଝରିଗାଁ, ଚନ୍ଦାହାଣ୍ଡି ପାଇଁ ପବିତ୍ର ମାଟିଆ ଓ ଚନ୍ଦ୍ରଶେଖର ଦାଶ ମନୋନୀତ ହୋଇଥିଲେ । ଏଥି ସହିତ ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଅଞ୍ଚଳରୁ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଘରୋଇ କୃଷି କର୍ମଚାରୀ ଉପସ୍ଥିତ ଥିଲେ ।

## ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବାରିପଦା,୬।୫ (ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୁରଭଞ୍ଜ, ବାରିପଦାଙ୍କ ତରଫରୁ ଚଳିତ ମଇମାସ ତା ୧୦-୦୫-୨୦୨୫ରିଖ (ଶନିବାର) ବାରିପଦାସ୍ଥିତ ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ) ଚେକ ବାଉନ୍ସ, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିଦ୍ୟୁତ, ଜଳ ବିଲ ପୈଠ ମାମଲା, ବୈବାହିକ ବିବାଦ (ଛାଡ ପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁସଙ୍ଗିକ ମାମଲା, ଖାଉଟି ବିବାଦ ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ବିଚାରଧୀନ ମାମଲା ବ୍ୟତୀତ ପ୍ରାକ-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟ ରେ ଦାୟର ହୋଇନଥିବା) ବିଭିନ୍ନ ମାମଲା ଗୁଡିକର ମଧ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ ହୋଇପାରିବ।

### ଚାଷୀଙ୍କ ଜମିରେ ପୋଖରୀ ଖନନରେ ବଡ଼ ଦୁର୍ନୀତି

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଏପିଡିଙ୍କ ବେଖାତିର

**ବରଗଡ଼,୬।୫ (ସଂଚାର ବ୍ୟୁରୋ):** ବରଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ଗାଇସିଲାଟ ବ୍ଲକର ବୁରୋମୁଣ୍ଡା, ଜାମୁଟପାଲି, କଠଉମାଲ ପଞ୍ଚାୟତରେ ଜଳ ଛାୟା ପୋଖରୀ ଖନନରେ ବଡ଼ ଦୁର୍ନୀତି ଅଭିଯୋଗ ନେଇ ଗଣଧାରଣା ସହ ବିକ୍ଷୋଭ କରିଛନ୍ତି ଗାଇସିଲାଟ ଅଞ୍ଚଳର ଚାଷୀ ସମୂହ । ୩ ବର୍ଷ ଧରି ଗାଇସିଲାଟ ବ୍ଲକର ଜାମୁଟପାଲି, କଠଉମାଲ, ବୁରୋମୁଣ୍ଡା ପଞ୍ଚାୟତର ସହ ସହ ଚାଷୀଙ୍କ ନାଁରେ ପୋଖରୀ ଖନନ କରିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ସମ୍ବଲପୁର ଆରଡିସି ଓ ବରଗଡ଼ ଜିଲ୍ଲାପାଳ ତୁରନ୍ତ ପୋଖରୀ ଖନନ କରିବାକୁ ନିର୍ଦ୍ଦେଶ ଦେଇଥଲେ ବି ବରଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗୀୟ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ପୋଖରୀ



ଖନନ କରୁନାହାନ୍ତି। ସେହିଭଳି ଅନେକ ଚାଷୀଙ୍କୁ ୪୦ଲକ୍ଷ ଟଙ୍କା ପ୍ରଦାନ କରାଯାଇନାହିଁ । ଚାଷୀମାନେ ବାରମ୍ବାର ବରଗଡ଼ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ଅନେକ ଥର ଆନ୍ଦୋଳନରେ ବସିଲେଣି। ତଥାପି ବିଭାଗୀୟ ଅଧିକାରୀ ଚାଷୀଙ୍କ ଦୁଃଖ ଶୁଣୁନାହାନ୍ତି କି ଦୁର୍ନୀତିର ତଦନ୍ତ କରୁନାହାନ୍ତି ।

ଗାଇସିଲେଟ ବ୍ଲକର ଚାଷୀମାନେ ବରଗଡ ଜିଲ୍ଲାପାଳଙ୍କ ଜନଶୁଣାଣି ଧ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତୁରନ୍ତ ତାଙ୍କର ମାଷ୍ଟର ରୋଲର ପେମେଣ୍ଟ କରିଦେବା ପାଇଁ କହିଥିଲେ ହେଲେ ଏପିଡି ମାଡାମ୍ ପେମେଣ୍ଟ କରୁନାହାନ୍ତି। ଆଗାମୀ ଦିନରେ ପୋଖରୀ ପୋଖରୀ ଖନନ ହୋଇଥିବା ଚାଷୀଙ୍କୁ ପେମେଣ୍ଟ କରା ନ ଗଲେ ଚାଷୀ ଏପିଡି ମାଡାମଙ୍କ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

## ନବନିଯୁକ୍ତ ବିଜେଡି ରାଜ୍ୟସାଧାରଣ ସମ୍ପାଦକଙ୍କୁ ବିପୁଳ ସମ୍ବର୍ଦ୍ଧନା

**ନୀଳଗିରି,୬।୫ (ସଂଚାର ବ୍ୟୁରୋ):** ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପଦାଧିକାରୀ ନିଯୁକ୍ତ କରିଛନ୍ତି। ଗତ ନିର୍ବାଚନରେ ଦଳ ପରାଜିତ ହେବାପରେ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଥିଲା। ଶେଷରେ ସୋମବାର ୭୨ଜଣଙ୍କୁ ନେଇ ଏକ ନୂତନ କମିଟି କରାଯାଇଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କୁ ଦଳ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ସାଧାରଣ ସମ୍ପାଦକ ପଦବୀରେ ଅବସ୍ଥାପିତ କରିଛି।



ଏନେଇ ମଙ୍ଗଳବାର ଅପରାହ୍ନରେ ବିଜେଡ଼ି କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲା। ଏହି ଅବସରରେ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏସଡିସି ଚେୟାରମେନ ମଦନ ମୋହନ ମାଝୀ, ବରିଷ୍ଠ ବିଜେଡିନେତା ଗଙ୍ଗାଧର ମିଶ୍ରଙ୍କ ସମେତ ବହୁ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇ ସୁକାନ୍ତ ନାୟକଙ୍କୁ ବଧାଇ ଦେଇଥିଲେ। ଏହି ଦାୟିତ୍ୱ ମିଳିବାପରେ ଆଗାମୀଦିନରେ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରି ଲୋକଙ୍କର ମୌଳିକ ସମସ୍ୟା ଦୂର କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ସୁକାନ୍ତ ନିଜ ପ୍ରତିକ୍ରିୟାରେ ସୁଚନା ଦେବା ସହିତ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସୁରେଇଡିହିରେ ଝୁମର ଆଖଳା



**ବେତନଟୀ,୬।୫ (ସଂଚାର ବ୍ୟୁରୋ):** ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ଆମ ଗାଁ ଆମ ସଂସ୍କୃତି ଗାଁ ଝୁମର ଆଖଳା ମୟୁରଭଞ୍ଜ ତରଫରୁ ଝୁମର ଆଖଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆୟୋଜକ ସୁକାନ୍ତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗାଁ ଝୁମର ଆଖଳା ମୟୂରଭଞ୍ଜର ସଭାପତି ରଜନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ସୁବାସଚନ୍ଦ୍ର ମହାନ୍ତ, ନରେନ୍ଦ୍ରନାଥ ମହାନ୍ତ ଓ ଶରତଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୁଡୁମି ମହାନ୍ତ ମାନଙ୍କର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ଏହି ସଙ୍ଗଠନ କାର୍ଯ୍ଯ କରୁଛି ବୋଲି ପ୍ରକାଶ କରିଥିଲେ। ଏହାପରେ ଝୁମର ଆଖଳା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଉଭୟ ମହିଳା ଓ ପୁରୁଷ ଯୋଗଦାନ କରି ଝୁମର ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ । ଗାୟକ ପରେଶ ଚନ୍ଦ୍ର ମହାନ୍ତ, ଶରତଚନ୍ଦ୍ର ମହାନ୍ତ ଓ ଗାୟିକା ସୁଲୋଚନା ମହାନ୍ତ ଝୁମର ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟକାର ସୁକାନ୍ତ ମହାନ୍ତ, ବୈକୁଣ୍ଠ ମହାନ୍ତ , ସଦାନନ୍ଦ ମହାନ୍ତ, ନବକିଶୋର ମହାନ୍ତ ଓ ପଞ୍ଚାନନ ମହାନ୍ତ ପାରମ୍ପାରିକ ବାଦ୍ୟ ଯନ୍ତ୍ର ମାଦଳ ପରିବେଷଣ କରିଥିଲେ । ନୃତ୍ୟଶିଳ୍ପୀ ମାଳତୀ ମହାନ୍ତ, ମନ୍ଦାକିନୀ ମହାନ୍ତ, ଜୟଶ୍ରୀ ମହାନ୍ତ, ରଶ୍ମି ମହାନ୍ତ, ଝୁନପୁକି ମହାନ୍ତ, ପୁଷ୍ପଲତା ମହାନ୍ତ, ଅନିତା ମହାନ୍ତ, ଶିବାନୀ ମହାନ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ ।

## ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ବିକାଶରଞ୍ଜନ ଦ୍ୱିତୀୟ

**ଫୁଲବାଣୀ,୬।୫ (ସଂଚାର ବ୍ୟୁରୋ):** ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିକାଶରଞ୍ଜନ କର ଚଳିତ ମାଟ୍ରିକ୍ ପରିକ୍ଷାରେ ୬୦୦ ରୁ ୫୫୮ ମାର୍କ ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବା ସହିତ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହି ପରିବାର ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିକାଶଙ୍କର ଘର ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ସ୍ଥିତ ନଛିବିନ୍ଧା ଗ୍ରମରେ ହୋଇଥିବା ବେଳେ ଫୁଲବାଣୀ ସ୍ଥିତ ନାରାୟଣୀ ସାହିରେ ପରିବାର ସହିତ ରହି ଅଧ୍ୟୟନ କରୁଥିଲେ। ତାଙ୍କ ବାପା ଫୁଲବାଣୀ ର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ ରତ ଥିବା ବେଳେ ମା'ଆ ଜଣେ ଗୃହିଣୀ ଅଟନ୍ତି । ପରିବାରର ଅଭାବ ଅନଟନ ମଧରେ ତାଙ୍କର କଠିନ ପରିଶ୍ରମ ଓ ମାଆଙ୍କର ଦିଗ୍‌ଦର୍ଶନ ତାଙ୍କୁ ଏହି ସଫଳତା ଆଣି ଦେଇଛି ବୋଲି କହିଛନ୍ତି । ତତ୍‌ସହିତ ବିଦ୍ୟାଳୟର ଗୁରୁଜି ଓ ଗୁରୁମା ମାନଙ୍କର ପଥପ୍ରଦର୍ଶନ ମଧ ତାଙ୍କ ସଫଳତାର ମାର୍ଗ ବୋଲି ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କ ପରିବାର ଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତେ ଖୁସି ବ୍ୟକ୍ତ କରିଥିବା ବେଳେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



### ବିଦ୍ୟାଳୟରେ ଶିକ୍ଷକ ସାଙ୍ଗକୁ ଶ୍ରେଣୀ ଗୃହ ଅଭାବ

# ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ଗ୍ରାମବାସୀ

**ବିଞ୍ଝାରପୁର,୬।୫ (ସଂଚାର ବ୍ୟୁରୋ):** ଦୟନୀୟ ଅବସ୍ଥା ଦେଇ ଗତି କରୁଛି ଯାଜପୁର ଜିଲ୍ଲା କଣ୍ଟିପୁର କୂଳ ସାହି ନୋଡାଲ ସ୍କୁଲ୍। ନା ଅଛନ୍ତି ଆବଶ୍ୟକୀୟ ଶିକ୍ଷକ ନା ଅଛି ଆବଶ୍ୟକୀୟ ଶ୍ରେଣୀଗୃହ। ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ନିବେଦନ କଲେ ଗ୍ରାମବାସୀ।

ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର କଣ୍ଟିପୁର କୂଳ ସାହି ନୋଡାଲ ସ୍କୁଲରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୫୦ ଜଣ ଛାତ୍ର ଛାତ୍ରୀ ଥିବା ବେଳେ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଙ୍ଗକୁ ତିନି ଜଣ ସହକାରୀ ଶିକ୍ଷକ ଏବଂ ଜଣେ ଶିକ୍ଷୟତ୍ରୀଙ୍କୁ ନେଇ ଚାଲିଛି। ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢା ବ୍ୟାଘାତ ହେଉଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଛାଡ଼ି ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି।



ଖାଲି ସେତିକି ନୁହେଁ ବିଦ୍ୟାଳୟ ପାଇଁ ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବ ଥିବା ବେଳେ ଖେଳ ପଡ଼ିଆ ନଥିବା ମଧ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏନେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

ତେବେ ଏଭଳି ଅବ୍ୟବସ୍ଥାରୁ ବିଦ୍ୟାଳୟକୁ ଉଦ୍ଧାର କରିବାକୁ ରଣପୁର ସରପଞ୍ଚ ରୀୟଙ୍କା ଜେନା, ସମିତି ସଭ୍ୟ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ଏସଏମସି କମିଟି ସଦସ୍ୟ ଏବଂ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଜଣାଇଛନ୍ତି।କୌଣସି ପଦକ୍ଷେପ ନିଆନଗଲେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ବାଲି ଓ ମୋରମ ମାଫିଆଙ୍କ ଚରାଭୂଇଁ ଦାନଗଦି

**କଳିଙ୍ଗନଗର,୬।୫ (ସଂଚାର ବ୍ୟୁରୋ):** ମାଫିଆଙ୍କ କବଜାରେ ଦାନଗଦିର ଲଘୁ ଖଣିଜ ସମ୍ପଦ। ଦିନ ଆଲୁଅରେ ବେଧଡ଼କ ଲୁଟୁଛନ୍ତି ବାଲି, ଖୋଳୁଛନ୍ତି ମୋରମ୍। ପ୍ରତିଦିନ ବହୁ ଲକ୍ଷ ଟଙ୍କା ର ହରିଲୁଟ। ଆଖିରେ ଅନ୍ଧପୁଟୁଳି ବାନ୍ଧିଛି ଲଘୁ ଖଣିଜ ବିଭାଗ। ମୁହଁରେ ତୁଣ୍ଡି ବାନ୍ଧି ବସିଛି ଦାନଗଦି ତହସିଲର ଓ ନୂତନ କମିଟି। ଘର ନିର୍ମାଣ ଓ ସରକାରୀ କାର୍ଯ୍ୟ ପାଇଁ ସର୍ବାଧିକ ଆବଶ୍ୟକତା ନଦୀ ବାଲି ଓ ରାସ୍ତା

**ନିଦ୍ରାରେ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ**

ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଥିବା ମୋରମକୁ ନେଇ ସରକାର ନୂତନ କମିଟି ଗଠନ କରିଥିବା ବେଳେ ଦୀର୍ଘ ଦିନ ପରେ ମଧ ଦାନଗଦି ତହସିଲ ପକ୍ଷରୁ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏବେ ସେହି ବାଲିକୁ ଅଘୋଷିତ ଭାବେ ଟେକି ଦିଆଯାଇଛି ମାଫିଆଙ୍କ ହାତକୁ। ପଙ୍କପାଳ ଘାଟରେ ଲୁଚକାଳି ଖେଳିବାର ଦେଖିବାକୁ ମିଳିଛି। ଆଠଦିନ ବନ୍ଦ ତ ଆଠଦିନ ଖୋଲା ରଖି ଏଠାରୁ ପ୍ରତିଦିନ ଲକ୍ଷ ଟଙ୍କାର ବାଲି ଲୁଟ ହେଉଛି। ସେହିପରି ଦାନଗଦି ବ୍ଲକରେ ଥିବା ବାଙ୍ଗରକୋଟା ରାଜସ୍ୱ ଅଧିକାରୀଙ୍କ ଜାଣତରେ ସେହି ଅଞ୍ଚଳରେ ଏକାଧିକ ସ୍ଥାନରେ ସର୍ବସମ୍ମୁଖରେ ଲୁଟ ବାଲି ସରକାରୀ ଜାଗାରେ ପାହାଡ଼ ପ୍ରାୟ ଗଦା ହୋଇ ବିକ୍ରି ହେଉଛି। କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ।



ଏପଟେ ବ୍ରାହ୍ମଣୀ ନଦୀ ବାଲି ଶଯ୍ୟା ଉପରେ ପୈତୃକ ଅଧିକାର ସାବ୍ୟସ୍ତ କରିଛନ୍ତି ଚକୁଆ ଓ ଖପୁରିଆପଦା ବାଲି ମାଫିଆ। ଚକୁଆ ଲୋକେ ବାଲି ଲୁଟିବାକୁ କମିଟି ଗଠନ କରିଥିବା ବେଳେ ବର୍ଷ ବର୍ଷ ଧରି ସେମାନେ ବେଧଡ଼କ ଏହି ଲୁଟ ଜାରି ରଖି ଆସିଛନ୍ତି। ଏପରିକି ଚୋରା ବାଲି ବାବଦକୁ ଆଦାୟ ହୋଇଥିବା ୨ କୋଟି ପାଖାପାଖି ଟଙ୍କା ନିକଟ ଅତୀତରେ ଭାଗ ବାଣ୍ଟ ହୋଇ ଚଳୁ ହୋଇଥିବା ଜଣାପଡିଛି। ଏଠାରେ ପ୍ରତିଦିନ ୫୦ ହଜାର ଟଙ୍କା ପାଖାପାଖି ବେଆଇନ ରୟାଲିଟି ଆଦାୟ ହେଉଛି। ଜଣେ ସରକାରୀ ଅଧିକାରୀ ଏହି ଲୁଟର ସୂତ୍ରଧର ସାଜିଥିବା ଜଣାପଡ଼ିଛି । ଏ ବାବଦରେ ବ୍ୟାସନଗର ପୁଲିସ, ଲଘୁ ଖଣିଜ ସମ୍ପଦ ବିଭାଗ ଓ ତହସିଲଙ୍କୁ ଗ୍ରାମବାସୀ ବାରମ୍ବାର ଅବଗତ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳରେ କିଛି ଭଦ୍ର ବ୍ୟକ୍ତି ଚେଷ୍ଟା କରୁଥିବା ସୂଚନା ମିଳିଛି।

କେବଳ ବାଲି ଚୋରି ନୁହେଁ ଦାନଗଦି ତହସିଲ ଅଞ୍ଚଳରେ ନିଲାମ ନହୋଇ ଗଚ୍ଛିତ ରହିଥିବା ମୋରମ ବହୁ ମାତ୍ରାରେ ଲୁଟ ଚାଲିଛି । ଏ ବାବଦରେ ଫଟୋ ଓ ଭିଡିଓ ସ୍ଥାନୀୟ ଦାନଗଦି ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗକୁ ପ୍ରେରଣ ପରେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । କିଛି ନିର୍ଦ୍ଦିଷ୍ଟ ଶିଳ୍ପସଂସ୍ଥା ମଧରେ ହଜାର ହଜାର ଟ୍ରିପ ମୋରମ ଗଚ୍ଛିତ କରି ମୋରମ ମାଫିଆଙ୍କ ସହିତ ସନ୍ଧି କରି ଏଠାରୁ ଏବେ ରାତି ଅଧିଆ ଲୁଟ ହେଉଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳର କିଛି ଠିକାଦାର ମୋରମ ମାଫିଆରାଜ ଚଳାଇ ଆସୁଥିବା ଅଭିଯୋଗ ହେଉଛି। ମୋଟାମୋଟି ଭାବେ କହିବାକୁ ଗଲେ ରାଜସ୍ୱ ବିଭାଗ ଅଧୀନରେ ଥିବା ତହସିଲ ଓ ଲଘୁ ଖଣିଜ ସମ୍ପଦ ବିଭାଗର ଗୁପ୍ତ ସଲାସୁତୁରାରେ ଦାନଗଦି ତହସିଲ ଅଞ୍ଚଳ ବାଲି ଓ ମୋରମ ମାଫିଆଙ୍କ ଅଭୟାରଣ୍ୟ ପାଲଟିଛି। ଯାହାକୁ କି ପ୍ରଶାସନ କେବଳ ପାଳଭୂତ ସାଜି ଜଗିବାର ଅଭିନୟ କରୁଛି।



**ରୁପା ଚାମଚ ପାଟିରେ ଧରି ସେମାନେ ଜନ୍ମ ହୋଇନଥିଲେ। ସୀମିତ ସମ୍ବଳ ଭିତରେ ସଫଳତାର ସ୍ୱପ୍ନ ଦେଖିଥିଲେ ଏବଂ ସଂଘର୍ଷ କରି ନିଜର ପରିଚୟ ସୃଷ୍ଟି କରିଥିଲେ। ସେଥିପାଇଁ ଆଜି ତାଙ୍କ ପାଖରେ ଅର୍ଥ, ଖ୍ୟାତି, ଜନପ୍ରିୟତା। ଆସନ୍ତୁ ପଢ଼ିବା ସଫଳତାର ଦୁଇ କାହାଣୀ...**

# ସଫଳତାର ଦୁଇ କାହାଣୀ



ସୋସିଆଲ୍ ମିଡିଆର ପ୍ରଭାବଶାଳୀ ଅଭିନେତ୍ରୀ ନ୍ୟାନ୍ସି ତ୍ୟାଗୀଙ୍କ ଖ୍ୟାତି ମେ’ ୨୦୨୪ରେ କାନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ତାଙ୍କର ଚମତ୍କାର ଉପସ୍ଥିତି ସହିତ ଶୀର୍ଷରେ ପହଞ୍ଚିଥିଲା। ନିଜ ହାତ ସିଲାଇ ପୋଷାକଗୁଡ଼ିକ ଭିତରୁ ପ୍ରଥମ ଦିନରେ ଏକ ପେଷ୍ଟାଲ୍ ରଙ୍ଗର ପୋଷାକ ପିନ୍ଧିଥିଲେ, ଯେଉଁଥିରେ ୧୦୦୦ ମିଟରରୁ ଅଧିକ କପଡ଼ା ଲାଗିଥିଲା ଏବଂ ତାହାର ଓଜନ ରହିଥିଲା ୨୦ କିଲୋଗ୍ରାମ୍। ଦ୍ୱିତୀୟ ଦିନରେ ଏକ ଆଧୁନିକ ଡିଜାଇନ୍‌ର ଶାଢ଼ି ପିନ୍ଧିଥିଲେ ଯାହାକୁ ନେଇ ସେ ବେଶ୍ ଚର୍ଚ୍ଚାରେ ରହିଥିଲେ। ଏହି କୃତିତ୍ୱ ତାଙ୍କୁ କେବଳ ଏକ ଫ୍ୟାସନ୍ ଆଇକନ୍ ଭାବେ ପ୍ରତିଷ୍ଠା କରାଇ ନଥିଲା, ବରଂ ତାଙ୍କର ସୃଜନଶୀଳତା ସହିତ ତାଙ୍କର ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରିଥିଲା। ୨୩ ବର୍ଷୀୟା ନ୍ୟାନ୍ସି ଉତ୍ତରପ୍ରଦେଶର ବର୍ଣ୍ଣାବା ଗ୍ରାମରେ ନିଜ କ୍ୟାରିୟର୍ ଆରମ୍ଭ କରିଥିଲେ। ବାଗପତ ଜିଲ୍ଲାର ସ୍ଥାନୀୟ ବିଦ୍ୟାଳୟରେ ତାଙ୍କର ଶିକ୍ଷା। ଡିଜାଇନ୍‌ରେ ପ୍ରାରମ୍ଭିକ ଆଗ୍ରହ ତାଙ୍କର ଭବିଷ୍ୟତ ପ୍ରୟାସ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ସେ ତାଙ୍କର ଦ୍ୱାଦଶ ଶ୍ରେଣୀ ଶିକ୍ଷା ଶେଷ କରିବା ପରେ ଫ୍ୟାସନ ପ୍ରତି ଆକୃଷ୍ଟ ହୋଇଥିଲେ। ତେବେ ନ୍ୟାନ୍ସିଙ୍କ ଉଚ୍ଚାଭିଳାଷ ତାଙ୍କୁ ବ୍ୟସ୍ତବହୁଳ ସହର ଦିଲ୍ଲୀକୁ ନେଇଥିଲା, ଯେଉଁଠାରେ ସେ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଲକ୍ଷ୍ୟ ରଖିଥିଲେ। ତେବେ ୨୦୨୦ରେ ମହାମାରୀ ହେବାପରେ ସେ ନିଜ ରାସ୍ତା ବଦଳାଇ ପୁଣିଥରେ ଫ୍ୟାସନ୍ ଆଡ଼କୁ ଫେରିଥିଲେ। ସେଲିବ୍ରିଟି ଫ୍ୟାସନ୍‌କୁ ବଜେଟ୍‌ରେ ରିକ୍ରିଏଟ୍ କରିବାର ତାଙ୍କର ଅନନ୍ୟ ଦକ୍ଷତା ଦର୍ଶକଙ୍କ ମନକୁ ଛୁଇଁଥିଲା, ଯାହା ତାଙ୍କୁ ପ୍ରସିଦ୍ଧି ଆଡ଼କୁ ଟାଣି ଆଣିଥିଲା। ତାଙ୍କର ଡିଜିଟାଲ୍ ଉପସ୍ଥିତି ଆଶାତୀତ ଭାବେ ବୃଦ୍ଧି ପାଇଥିଲା, ତାଙ୍କର ଡିଜାଇନ୍ ଓ ଟ୍ୟୁଟୋରିଆଲ୍ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲା। ବର୍ତ୍ତମାନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୨ ମିଲିୟନ ଅନୁଗାମୀ ଥିବାବେଳେ ୟୁଟ୍ୟୁବରେ ତାଙ୍କର ୧.୪୮ ମିଲିୟନ୍ ସବ୍‌ସ୍କ୍ରାଇବର୍ ଅଛନ୍ତି। ନ୍ୟାନ୍ସିଙ୍କ ପ୍ରଭାବ ତାଙ୍କ ବ୍ୟକ୍ତିଗତ ସଫଳତାଠାରୁ ବହୁ ଦୂରରେ ରହିଛି। ଏକ ଛୋଟ ଗାଁରୁ କାନ୍‌ର ବିଶ୍ୱସ୍ତରୀୟ ମଞ୍ଚକୁ ତାଙ୍କର ଯାତ୍ରା ଅଗଣିତ ବ୍ୟକ୍ତିବିଶେଷଙ୍କୁ ପ୍ରେରଣା ଯୋଗାଇଛି, ପ୍ରତିଭା ଓ ଦୃଢ଼ ମନୋବଳର ଅସୀମ ସାମର୍ଥ୍ୟକୁ ପ୍ରଦର୍ଶିତ କରିଛି। ତାଙ୍କ କାହାଣୀ ଆଶାର ଆଲୋକବର୍ତ୍ତିକା ଏବଂ ଭାରତର ଯୁବପିଢ଼ିଙ୍କ ବଦଳୁଥିବା ଚେହେରାର ପ୍ରତୀକ ପାଲଟିଛି।

ଫିଲ୍ମ ଫେଷ୍ଟିଭାଲ୍‌ର ୭୭ତମ ସଂସ୍କରଣରେ ସେ ନିଜେ ତିଆରି କରିଥିବା ପୋଷାକ ପିନ୍ଧି ରେଡ୍ କାର୍ପେଟ୍‌ରେ ଚାଲି ସଭିଁଙ୍କୁ ଚକିତ କରି ଦେଇଥିଲେ। ହେଲେ ପିଲାଦିନରୁ ତାଙ୍କ ଜୀବନ ଥିଲା ଖୁବ୍ ସଂଘର୍ଷମୟ। ଭାରତ ଫେରିବା ପରେ ସେ ନିଜ ଜୀବନର ସେହି ସଂଘର୍ଷମୟ ଦିନଗୁଡ଼ିକୁ ଏକ ସାକ୍ଷାତ୍‌କାରରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି କି ଏମିତି ଏକ ସମୟ ଥିଲା, ଯେତେବେଳେ ଦାରିଦ୍ର୍ୟ ତାଙ୍କୁ ମୃତ୍ୟୁର ରାସ୍ତାରେ ନେଇ ଯାଇଥିଲା। ମାଆଙ୍କ ସ୍ୱଳ୍ପ ଆୟରେ ମାସକ ଚଳିବା ଖୁବ୍ କଷ୍ଟକର ହୋଇ ପଡୁଥିଲା। ସେଥିପାଇଁ ତାଙ୍କ ମନକୁ ଆତ୍ମହତ୍ୟାର ବିଚାର ବି ଆସିଥିଲା।

ତାଙ୍କ ମାଆ ପ୍ରଥମରୁ ଏକ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ। କିନ୍ତୁ ଖୁବ୍ କମ୍ ପାରିଶ୍ରମିକ ମିଳୁଥିବାରୁ ପରବର୍ତ୍ତୀ ସମୟରେ ଅଳ୍ପ ଅଧିକ ଦରମାରେ ଏକ କାରଖାନାରେ ଚାକିରି କଲେ। ସେ ସମୟରେ ଦିନଯାକ ସେ ଅପେକ୍ଷା କରି ରହୁଥିଲେ ମାଆ କେତେବେଳେ ଘରକୁ ଫେରିବେ। କିନ୍ତୁ ମାଆ ଫେରିବା ବେଳକୁ ତାଙ୍କ କପଡ଼ା ଧୂଳି ଓ କୋଇଲା ଗୁଣ୍ଡରେ କଳା ପଡ଼ିଯାଇଥାଏ। ତାଙ୍କ ଜୀବନର ସଂଘର୍ଷ କାହାଣୀକୁ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ନ୍ୟାନ୍ସି କହନ୍ତି, “୬-୭ ହଜାର ଟଙ୍କାରେ କ’ଣ ହୁଏ? ବିଷ ମିଳିଯାଏ।” ତାଙ୍କ ଯାତ୍ରାକୁ ନେଇ ସେ କହନ୍ତି ଯେ ତାଙ୍କ ଭାଇ ମନୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ଭିଡିଓ ନିର୍ମାଣରେ ସହାୟତା କରନ୍ତି ଏବଂ କାନ୍‌ରେ ସେ ପିନ୍ଧିଥିବା ଆକର୍ଷଣୀୟ ଗାଉନ୍ ପାଇଁ ସେ ହିଁ ପରାମର୍ଶ ଦେଇଥିଲେ। ସେମାନେ ମିଳିତ ଭାବେ ସିଲମପୁର ଓ ସରୋଜିନି ମାର୍କେଟ୍‌ରୁ କପଡ଼ା ସଂଗ୍ରହ କରନ୍ତି ଏବଂ ପାରମ୍ପରିକ ଓ ଆଧୁନିକ ଉପାଦାନକୁ ମିଶାଇ ଅନ୍ତର୍ଜାତୀୟ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି। ଦିନେ ଜୀବନ ପ୍ରତି ବୀତସ୍ପୃହ ଥିବା ଉତ୍ତରପ୍ରଦେଶର ସେହି ଅପରିଚିତ ଝିଅ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି। ନିକଟରେ ସୋନମ କପୁର ନିଜେ ନ୍ୟାନ୍ସିଙ୍କୁ ତାଙ୍କ ପାଇଁ କିଛି ଡିଜାଇନ୍ କରିବା ପାଇଁ ଅନୁରୋଧ କରିଛନ୍ତି।

## ଅନ୍ୟମାନଙ୍କ ପାଇଁ ପ୍ରେରଣା ଘମୁ ସାରନ୍



ରାଜସ୍ଥାନ ଅଞ୍ଚଳର ଅଧିବାସୀ ଘମୁ ସାରନ୍ ଅନ୍ୟ ମହିଳାଙ୍କ ପାଇଁ ଏକ ଉଦାହାରଣ ସାଜି ଠିଆ ହୋଇଛନ୍ତି। ନିର୍ଯାତନା, ଘରୋଇ ଅତ୍ୟାଚାରରୁ ମୁକୁଳି ଆଜି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ବିବାହ ପରଠାରୁ ସ୍ୱାମୀଙ୍କ ଦ୍ୱାରା ଅତ୍ୟାଚାର ପାଉଥିଲେ। ସ୍ୱାମୀ ନିଶାସକ୍ତ ହୋଇ ପ୍ରତିଦିନ ମାରପିଟ୍ କରୁଥିଲେ। ତାଙ୍କର ଗୋଟେ ପୁଅ ଓ ଝିଅକୁ ନେଇ ସଂସାର। ସେ ଲୁଚିକରି ତାଙ୍କ ସ୍ୱାମୀ କରୁଥିବା ଅତ୍ୟାଚାରର ଭିଡିଓ କରିଥିଲେ ଏବଂ ସେଗୁଡ଼ିକୁ ୟୁଟ୍ୟୁବ୍‌ରେ ଛାଡ଼ିଥିଲେ। କିନ୍ତୁ ଏବେ ସେ ତାଙ୍କ ସ୍ୱାମୀଙ୍କ ନାମରେ ଏତଲା ରୁଜୁ କରିଛନ୍ତି। ଏହାପରେ ପ୍ରତିଦିନ ଛୋଟ ଛୋଟ ଘଟଣାକୁ ନେଇ କରୁଥିବା ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ଜରିଆରେ ଛାଡ଼ି ରୋଜଗାରକ୍ଷମ ହୋଇପାରିଛନ୍ତି। ୟୁଟ୍ୟୁବର୍ ଘମୁ ଆଜି ନିଜ ଗୋଡ଼ରେ ଛିଡ଼ା ହୋଇ ଦୁଇ ପିଲାଙ୍କୁ ଖୁବ୍ ସୁନ୍ଦର ଭାବେ ଲାଳନପାଳନ କରୁଛନ୍ତି। ତାଙ୍କର ପ୍ରତିଟି ଯାତ୍ରାକୁ ସେ ଇନ୍‌ଷ୍ଟାରେ ପୋଷ୍ଟ କରନ୍ତି। ତାଙ୍କ ସ୍ୱାମୀଙ୍କଠାରୁ ଦୂରକୁ ଆସି ଘର ନେଇ, ପିଲାଙ୍କୁ ପାଠ ପଢ଼େଇ, ନୂଆ ନୂଆ କାମ ହାତକୁ ନେଇ ସେଥିରୁ ବେଶ୍ କିଛି ପଇସା ରୋଜଗାର କରୁଛନ୍ତି। କେତେବେଳେ ମାଳିରେ ବ୍ରେସ୍‌ଲେଟ୍, ନେକ୍‌ଲେସ୍ କରୁଛନ୍ତି ତ କେତେବେଳେ ଖଟ ବୁଣୁଛନ୍ତି। ଉଲ୍ ସାହାଯ୍ୟରେ ସ୍ୱେଟର୍, ଟୋପି ବୁଣିବା, ଗ୍ଲାସ୍ ପେଣ୍ଟିଂ କରିବା, କାଗଜରେ କ୍ରାଫ୍ଟ କରିବା, ମକାର ପତ୍ରକୁ କାଟି କଣ୍ଢେଇ ତିଆରି କରିବା, କେଶ ସାମଗ୍ରୀ ତିଆରି କରିବା ପରି ବିଭିନ୍ନ ପ୍ରକାର ହାତବୁଣା ଜିନିଷ ତିଆରି କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି ଏବଂ ଯେଉଁ ପଇସା ଆସୁଛି ସେଥିରେ ଘର ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ କିଣୁଛନ୍ତି। ଧୀରେ ଧୀରେ ତାଙ୍କର ଯାତ୍ରାକୁ ସମସ୍ତେ ପସନ୍ଦ ମଧ କଲେଣି। ଏବେ ପର୍ଯ୍ୟନ୍ତ ତାଙ୍କର ୫ ମିଲିୟନ୍ ସବ୍‌ସ୍କ୍ରାଇବର୍ ହେଲେଣି। ଲୋକମାନଙ୍କର କମେଣ୍ଟ୍ ଓ ପ୍ରଶ୍ନରେ ଅତିଷ୍ଠ ହୋଇ ଥରେ ଗୋଟେ ସାକ୍ଷାତାକାରରେ ତାଙ୍କର ଜୀବନଯାତ୍ରାକୁ ବର୍ଣ୍ଣନା କରିବାକୁ ଯାଇ କହିଥିଲେ କି ଆଜି ଶେଷଥର ପାଇଁ ମୁଁ ମୋର ସଂଘର୍ଷର କାହାଣୀ କହୁଛି ଏବଂ ଏହାପରେ କୌଣସି ଉତ୍ତର ଦେବିନାହିଁ। କାରଣ ଏହା ବହୁତ କଷ୍ଟ ଦେଉଛି ଏବଂ ମୁଁ ଅତୀତକୁ ମନେ ପକାଇବାକୁ ଚାହୁଁନାହିଁ। ଏବେ ସେ ତାଙ୍କ ଦୁଇ ପିଲାଙ୍କ ସହିତ ବହୁତ ଖୁସି ଅଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛନ୍ତି।



# ଟ୍ରେଣ୍ଡ୍‌ରେ ରେନ୍‌କୋଟ୍

**ବର୍ଷାଦିନ ଆସିଲେ ଆଗ ଖୋଜାପଡୁଥିଲା ପଖିଆ କିମ୍ବା ଝାମ୍ପି। ପରେ ଏଥିରେ ସାମିଲ ହେଲା ଛତା। କିନ୍ତୁ ସମୟ ବଦଳିବା ସହିତ ଲୋକମାନେ ଟିକେ ଅଧିକ ବିଳାସମୟ ଜୀବନ ବଞ୍ଚିବାକୁ ଲାଗିଲେ। ଏଣୁ ବର୍ଷା ଦିନିଆ ଉପକରଣରେ ସ୍ଥାନ ପାଇଲା ରେନ୍‌କୋଟ୍। ହେଲେ ଏବେ ଏହା ଟ୍ରେଣ୍ଡ୍‌ରେ ପରିଣତ ହୋଇଗଲାଣି। ପିଲା, ବୟସ୍କ, ମହିଳା, କଲେଜପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ ଭଲିକି ଭଲି ରେନ୍‌କୋଟ୍ ଡିଜାଇନ୍ ବଜାରରେ ଉପଲବ୍ଧ ହେଉଛି। ସେମିତି କିଛି ଲାଟେଷ୍ଟ୍ ଡିଜାଇନ୍‌ର ରେନ୍‌କୋଟ୍‌କୁ ନେଇ ଆମର ଏକ ସ୍ୱତନ୍ତ୍ର ଉପସ୍ଥାପନା...**



- ସ୍କର୍ଟ-ଟପ୍ ରେନ୍‌କୋଟ୍: ଏବେ ଫ୍ୟାସନ୍‌ରେ ଟ୍ରେଣ୍ଡ୍ କରୁଛି ସ୍କର୍ଟ-ଟପ୍ ରେନ୍‌କୋଟ୍। ମହିଳାଙ୍କ ପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ବିଶେଷ କରି ଯେଉଁ ମହିଳାମାନେ ଗାଡ଼ି ଚଳାଉଛନ୍ତି ସେମାନଙ୍କୁ ବର୍ଷାରେ ଭିଜିବାରୁ ରକ୍ଷା କରିବ ଏହି ରେନ୍‌କୋଟ୍। କାରଣ ମହିଳାମାନେ ସାଧାରଣତଃ ଫ୍ରକ୍ ଷ୍ଟାଇଲ୍‌ର ରେନ୍‌କୋଟ୍ ବେଶି ବ୍ୟବହାର କରନ୍ତି। ଯାହାକି ଭୀଷଣ ବର୍ଷାରେ ଅଧାଅଧି ଭିଜିଯା’ନ୍ତି। ହେଲେ ଏହି ରେନ୍‌କୋଟ୍ ମହିଳାମାନଙ୍କ ପାଇଁ ତଥା ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଭଦାୟକ ହେବ।
- ସୁପର୍ ଓମେନ୍ ରିଭର୍‌ସେବଲ୍ ରେନ୍‌କୋଟ୍: ଡବଲ୍ ଲେୟାର୍ ଲଙ୍ଗ୍ ଏହି ରେନ୍‌କୋଟ୍ ଆଣ୍ଠୁଯାଏ ପଡ଼ିଥାଏ। ଏହା ପଲିଷ୍ଟର୍ ୱାଟର୍‌ପ୍ରୁଫ୍। ମାତ୍ର ୧୦୦ଗ୍ରାମ୍ ଓଜନର ଏହି ରେନ୍‌କୋଟ୍ ହାଲୁକା ତଥା ପିନ୍ଧିବାକୁ ବେଶ୍ ଆରାମଦାୟକ। ବିଭିନ୍ନ ରଙ୍ଗରେ ଉପଲବ୍ଧ ଏହି ରେନ୍‌କୋଟ୍ ମହିଳାମାନଙ୍କର ବେଶ୍ ପସନ୍ଦଯୋଗ୍ୟ। ଏହାକୁ ଫୋଲ୍ଡ କରି ଅତି ଛୋଟ ବ୍ୟାଗ୍‌ରେ ନେଇ ଯାଇପାରିବେ। କଲେଜ ପଢୁଆ ପିଲା ଓ କର୍ମଜୀବୀ ମହିଳାମାନଙ୍କୁ ଏହି ରେନ୍‌କୋଟ୍ ବେଶ୍ ସୁହାଇବ।
- କ୍ଲାଉନ୍‌ଫିସ୍ ରେନ୍‌କୋଟ୍: ଡବଲ୍ ଲେୟାର୍‌ର ଏହି ରେନ୍‌କୋଟ୍ ଦୁଇପ୍ରକାରେ ବ୍ୟବହାର ହୋଇପାରିବ। ଏହା ଖୁବ୍ ଷ୍ଟାଇଲିସ୍, ୱାଟର୍‌ପ୍ରୁଫ୍, ରିଭର୍ସିବଲ୍ ଡବଲ୍ ଲେୟାର୍ କୋଟ୍। ଏହା ଭାରତରେ ତିଆରି ହେଉଛି। ଏଥିରେ ଷ୍ଟାଇଲିସ୍ କେପ୍ କୋଟ୍ ଡିଜାଇନ୍, ସିମ୍-ସିଲ୍ଡ ଜଏଣ୍ଟ୍, ରିଫ୍ଲେକ୍ଟିଭ୍ ଷ୍ଟ୍ରାଇପ୍, ଏକାଧିକ ପକେଟ୍, ହୁଡେଡ୍ ନେକ୍ ତଥା ସଲିଡ୍ ପାର୍ଟନ୍‌ରେ ଉପଲବ୍ଧ। ଏହାସହିତ ଏଥିରେ ଏ-ଲାଇନ୍ କୋଟ୍ ଡିଜାଇନ୍, ପ୍ରିମିୟମ୍ ପିଭିସି ମାଟେରିଆଲ୍, ଆଡ୍‌ଜଷ୍ଟଏବଲ୍ ହୁଡ୍ ଆଦି ରହିଛି।
- ଜିଲ୍ ରେନ୍‌କୋଟ୍: ନାଇଲନ୍‌ରେ ତିଆରି ହୋଇଥିବା ଏହି ରେନ୍‌କୋଟ୍। ଆଣ୍ଠୁଯାଏ ପଡୁଥିବା ଏହି ରେନ୍‌କୋଟ୍‌ରେ ହୁଡେଡ୍ ନେକ୍, ଆଡ୍‌ଜଷ୍ଟଏବଲ୍ ବେଲ୍ଟ ସହିତ ସାମ୍ନାରେ ଦୁଇଟି ପକେଟ୍, ବଟନ୍ ଫ୍ଲାପ୍ ସହିତ ଷ୍ଟାଇଲିସ୍ ଲଙ୍ଗ୍ ଜିପର୍ ଇତ୍ୟାଦି ରହିଛି। ନାଇଲନ୍‌ରେ ତିଆରି ହୋଇଥିବାରୁ ଏହା ଅଧିକ ସମୟ ଯାଏ ସାଇତି ରଖିହେବ। ଏହା ପିନ୍ଧିବାକୁ ଖୁବ୍ ଆରାମଦାୟକ ଯାହାକି ଯୁବପିଢ଼ିଙ୍କ ପସନ୍ଦର ରେନ୍‌କୋଟ୍ ଭିତରୁ ଅନ୍ୟତମ।
- କାମିସନ୍ ଓମେନ୍ ୱାଟର୍‌ପ୍ରୁଫ୍ ରେନ୍‌କୋଟ୍: ଏବେ ଫ୍ୟାସନ୍‌ରେ ରହିଛି କାମିସନ୍ ୱାଟର୍‌ପ୍ରୁଫ୍ ରେନ୍‌କୋଟ୍। ଦେଖିବାକୁ ଷ୍ଟାଇଲିସ୍, ପିନ୍ଧିବାକୁ ଆରାମଦାୟକ ହେଉଛି ଏହି ରେନ୍‌କୋଟ୍। ବର୍ଷାଦିନେ ବାହାରକୁ ବୁଲିବାକୁ, ଦୌଡ଼ ପାଇଁ ତଥା ଆଡଭେଞ୍ଚର୍‌ରେ ଯିବାକୁ ହେଲେ ଏହି ରେନ୍‌କୋଟ୍ ବେଶ୍ ଉପଯୋଗୀ ହେବ। ହାଲୁକା, ୱାଟର୍‌ପ୍ରୁଫ୍‌ର ଏହି ରେନ୍‌କୋଟ୍‌କୁ ଯେକୌଣସି ସ୍ଥାନକୁ ଛୋଟ ବ୍ୟାଗ୍‌ରେ ପ୍ୟାକ୍ କରି ନେଇଯାଇ ହେବ।



**ବର୍ଷାଋତୁର ଆଗମନ ଆମକୁ ଗ୍ରୀଷ୍ମ ଜ୍ୱାଳାରୁ ମୁକ୍ତ କରି ଶୀତଳତା ପ୍ରଦାନ କରେ। ଗ୍ରୀଷ୍ମଋତୁ ଓ ଶୀତଋତୁ ଠାରୁ ଏହା ଆରାମଦାୟକ ହେଲେ ମଧ୍ୟ ଅତ୍ୟଧିକ ତ୍ୱଚା ଓ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ। ବାୟୁରେ ଆର୍ଦ୍ରତା ଅତ୍ୟଧିକ ହେତୁ ଆମର ତ୍ୱଚା ଓ ଚର୍ମ ଶୁଷ୍କ ତଥା ରୁକ୍ଷ ହୋଇଯାଏ। ଏଣୁ ବର୍ଷାଦିନେ ତ୍ୱଚାର ଯତ୍ନ ନିମନ୍ତେ କିଛି ଘରୋଇ ଟିପ୍ସ**

ଡକ୍ଟର ପ୍ରୀତିପଦ୍ମା ପଣ୍ଡା, ସହଯୋଗୀ ପ୍ରଫେସର ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞା, ଭୁବନେଶ୍ୱର



# ବର୍ଷା ଋତୁରେ ତ୍ୱଚାର ଯତ୍ନ

- ଏହି ଋତୁରେ ତ୍ୱଚାରେ କମ୍ ତେଲ ଓ ବଟର୍‌ଯୁକ୍ତ ଜେଲ୍ ମଶ୍ଚରାଇଜର୍ ବ୍ୟବହାର କରନ୍ତୁ
- ଦିନରେ ଅତି କମ୍‌ରେ ଦୁଇଥର ସଲ୍‌ଫେଟ୍ ଫ୍ରି ଫେସ୍‌ୱାସ୍ ବ୍ୟବହାର କରନ୍ତୁ
- ବର୍ଷା ଋତୁରେ ହାଲୁକା ମେକ୍‌ଅପ୍ ନିଅନ୍ତୁ ଏବଂ ମେକ୍‌ଅପ୍ କରିବା ପୂର୍ବରୁ ଟୋନିଂ କରିବାକୁ ଜମାରୁ ଭୁଲନ୍ତୁ ନାହିଁ
- ବାହାରକୁ ଗୋଡ଼ କାଢ଼ିବା ପୂର୍ବରୁ ସନ୍‌ସ୍କ୍ରିନ୍ ନିଶ୍ଚିତ ଭାବରେ ବ୍ୟବହାର କରନ୍ତୁ
- ସପ୍ତାହରେ ଅତି କମ୍‌ରେ ଥରେ କିମ୍ବା ଦୁଇଥର ମୂଲତାନି ମାଟି କିମ୍ବା କ୍ଲେ ମାସ୍କ ବ୍ୟବହାର କରିବାକୁ ଜମାରୁ ଭୁଲନ୍ତୁନାହିଁ
- ବର୍ଷାରେ ବାହାରେ ଓଦା ହୋଇଥିଲେ ଘରକୁ ଫେରିବା ପରେ ତୁରନ୍ତ ପୋଛି ହୁଅନ୍ତୁ ଏବଂ ବୀଜାଣୁ ଦାଉରୁ ନିଜକୁ ରକ୍ଷା କରନ୍ତୁ
- ନିୟମିତ ବ୍ୟବଧାନରେ ଶରୀରର ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ ପର୍‌ଫ୍ୟୁମ୍ ବ୍ୟବହାର କରନ୍ତୁ
- ଯଥାସମ୍ଭବ ଚର୍ମକୁ କାଛୁ, କୁଣ୍ଡିଆ, ପାଣିକନ୍ଦା ପ୍ରାଦୁର୍ଭାବରୁ ରକ୍ଷା କରିବା ପାଇଁ ଆଣ୍ଟି ଫଙ୍ଗାଲ୍ ପାଉଡର୍ ବ୍ୟବହାର କରନ୍ତୁ
- ତୈଳାକ୍ତ ତ୍ୱଚାର ବ୍ୟକ୍ତିବିଶେଷ ସପ୍ତାହକୁ ଥରେ ବା ଦୁଇଥର ସ୍କ୍ରବିଂ କରି ମୃତ ଚର୍ମକୋଷ ବାହାର କରନ୍ତୁ
- ପ୍ରଚୁର ପାଣି ପିଅନ୍ତୁ ଏବଂ ବର୍ଷା ଋତୁର ଫଳ ଓ ପନିପରିବା ଯଥେଷ୍ଟ ପରିମାଣରେ ଖାଅନ୍ତୁ

ଆଲଜେରିଆର ମହିଳା ମୁଷ୍ଟିଯୋଦ୍ଧା ଇମେନ୍ ଖେଲିଫ୍ ଚଳିତ ପ୍ୟାରିସ୍ ଅଲିମ୍ପିକ୍‌ସରେ ଇଟାଲିର ଆଞ୍ଜେଲା କାରିନିଙ୍କୁ ମାତ୍ର ୪୬ ସେକେଣ୍ଡରେ ପରାସ୍ତ କରିବା ପରେ ଆଞ୍ଜେଲା ରିଙ୍ଗ୍‌ରେ ଆଣ୍ଠେଇପଡ଼ି କାନ୍ଦିବାକୁ ଲାଗିଥିଲେ। ଜଣେ ମହିଳା ପ୍ରତିଯୋଗୀ ହତାଶ ହୋଇ କାନ୍ଦୁଥିବାର ଦୃଶ୍ୟ ସ୍ୱାଭାବିକ ଭାବେ କ୍ରୀଡ଼ାପ୍ରେମୀଙ୍କ ମନରେ ସମବେଦନା ସୃଷ୍ଟି କରିଥିଲା। କିନ୍ତୁ ଏହି ଘଟଣାର ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଇମେନ୍‌ଙ୍କ ଲିଙ୍ଗକୁ ନେଇ ସନ୍ଦେହ ଓ ବିବାଦ ଆରମ୍ଭ ହୋଇଯାଇଥିଲା। ହେବାର ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ। ତାଙ୍କର ଏହି ପ୍ରେରଣାଦାୟୀ ସଂଘର୍ଷ କାହାଣୀ ବଦଳରେ ତାଙ୍କ ବିରୋଧରେ ଭିତ୍ତିହୀନ କଥା ପ୍ରଚାର କରାଯିବା ଏକ ବିଡ଼ମ୍ବନା ନୁହେଁ କି? ମୂଳ କଥା ହେଉଛି ଇମେନ୍‌ଙ୍କ ପରି କ୍ରୀଡ଼ାବିତ୍‌ଙ୍କ ଶାରୀରିକ ଗଠନ ଓ ରୂପ ନାରୀତ୍ୱର ପରମ୍ପରାଗତ ଧାରଣାଠାରୁ ଭିନ୍ନ ହୋଇଥିବାରୁ

# ବିବାଦରୁ ବଳିଷ୍ଠ ସଂଘର୍ଷ କାହାଣୀ

ଏହି ବିବାଦର ନିଆଁରେ ଘିଅ ଢାଳିବାର କାମ କରିଥିଲେ ଲେଖିକା ଜେ.କେ. ରୌଲିଙ୍ଗ, ୟୁଏଫ୍‌ସି ଯୋଦ୍ଧା ଇସ୍ରାଏଲ୍ ଆଡେସାନ୍ୟା, ଟେନିସ୍ ତାରକା ଆଣ୍ଡ୍ରେ ରୁବଲେଭ, ଉଦ୍ୟୋଗୀ ଇଲୋନ୍ ମସ୍କଙ୍କ ପରି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିବିଶେଷ। ଏ ସମସ୍ତଙ୍କ ମତରେ ଇମେନ୍ ଜଣେ ପୁରୁଷ। ହେଲେ ଏହି ମତ ସତ୍ୟର ଅପଳାପ ମାତ୍ର। ଖଲିଫ୍ ଜଣେ ପୁରୁଷ ନୁହନ୍ତି କି କିନ୍ନର ନୁହନ୍ତି। ସେ ଜଣେ କନ୍ୟା ଶିଶୁ ଭାବେ ଜନ୍ମ ନେଇଥିଲେ ଏବଂ ସେ ଆଜୀବନ ଜଣେ ମହିଳା ଭାବେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ବୋଲି ପ୍ରମାଣ ସମ୍ମୁଖକୁ ଆସିସାରିଛି। ସେ ଅତୀତରେ ଅନେକ ମହିଳାଙ୍କ ଠାରୁ ପରାସ୍ତ ମଧ ହୋଇସାରିଛନ୍ତି। ତେଣୁ ତାଙ୍କ ବିରୋଧରେ ହୋଇଥିବା ଯାବତୀୟ କୁତ୍ସା ରଟନା ନାରୀବିଦ୍ୱେଷର ଆଉ ଏକ ସ୍ୱରୂପ ବୋଲି କୁହାଯାଇପାରେ। ୨୫ ବର୍ଷୀୟା ଇମେନ୍ ଖଲିଫଙ୍କ ଜୀବନ କମ୍ ସଂଘର୍ଷମୟ ନୁହେଁ। ଦକ୍ଷିଣ ଆଲଜେରିଆର ତିଆରେଟ୍ ପ୍ରଦେଶର ଏକ ମଫସଲ ଗାଁରେ ତାଙ୍କର ଜନ୍ମ। ପ୍ରଶିକ୍ଷଣ ନେବା ଲାଗି ପାଖ ଗାଁକୁ ବସ୍‌ରେ ଯିବାକୁ ପଡୁଥିବା ବେଳେ ବସ୍ ଭଡ଼ା ଯୋଗାଡ଼ କରିବାକୁ ସେ ଏକଦା ଲୁହାଖଣ୍ଡ ସଂଗ୍ରହ କରି ବିକ୍ରି କରୁଥିଲେ। ତାଙ୍କ ପରିବାର ରକ୍ଷଣଶୀଳ ହୋଇଥିବାରୁ ଆରମ୍ଭରେ ତାଙ୍କୁ କ୍ରୀଡ଼ାକ୍ଷେତ୍ରକୁ ଯିବାକୁ ବାରଣ କରାଯାଉଥିଲା। ଏସବୁ ସତ୍ତ୍ୱେ ସେ ମୁଷ୍ଟିଯୋଦ୍ଧା

ସେମାନଙ୍କ ଲିଙ୍ଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଥାଏ। ତେବେ ଏଭଳି ସମାଲୋଚନା ତାଙ୍କ ପରି ଶରୀର ଓ ରୂପ ଧାରଣ କରିଥିବା ମହିଳାଙ୍କୁ ଲାଞ୍ଛିତ କରିବା ସହିତ ବିଭିନ୍ନ ସୁଯୋଗରୁ ବଞ୍ଚିତ କରିଥାଏ। ଇଣ୍ଟର୍‌ନେସ୍‌ନାଲ୍ ଅଲିମ୍ପିକ୍ କମିଟି ଯଦି ଦୃଢ଼ୋକ୍ତି ପ୍ରକାଶ କରି କହୁଛି ଯେ ସମସ୍ତ ଅଲିମ୍ପିକ୍ ପ୍ରତିଯୋଗୀ ତାହାର ଯୋଗ୍ୟତା ମାପଦଣ୍ଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ତା’ହେଲେ ଇମେନ୍‌ଙ୍କୁ ନେଇ ସନ୍ଦେହର କୌଣସି ଅବକାଶ ନାହିଁ। ସୌଭାଗ୍ୟବଶତଃ ଏସବୁ ସମାଲୋଚନା ଇମେନ୍‌ଙ୍କୁ ନିରୁତ୍ସାହିତ କରିପାରିନାହିଁ। ସେ କ୍ୱାର୍ଟର୍ ଫାଇନାଲ୍‌ରେ ହଙ୍ଗେରିର ଲ୍ୟୁକା ଆନ୍ନା ହାମୋରିଙ୍କୁ ପରାସ୍ତ କରି ତାଙ୍କ ଦେଶ ପାଇଁ ୨୦୦୦ ମସିହା ପରେ ମୁଷ୍ଟିଯୁଦ୍ଧରେ ପ୍ରଥମ ଅଲିମ୍ପିକ୍ ପଦକ ସୁନିଶ୍ଚିତ କରିଛନ୍ତି। ଏହି ବିଜୟ ପରେ ସେ ଭାବପ୍ରବଣ ହୋଇ ସମଗ୍ର ବିଶ୍ୱକୁ କହିଛନ୍ତି ଯେ ସେ ଜଣେ ମହିଳା, ଓ ସବୁଦିନ ମହିଳା ହୋଇ ରହିବେ।



# କେନାଲକୁ ଖସିଲା ବସ୍



**ବାଲେଶ୍ୱର,୬।୫ (ସଂଚାର ବ୍ୟୁରୋ):** କେନାଲକୁ ଓଲଟିଲା ବସ୍ । ନୁଣିଆ ଯୋଡ଼ି ପୋଲରେ ଭାରସାମ୍ୟ ହରାଇ ଓଲଟିପଡ଼ିଛି ବସ୍ । ବସରେ ୪୦ରୁ ଅଧିକ ଲୋକ ଥିବା ଜଣାପଡ଼ିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବାଲିଆପାଳରୁ ବାଲେଶ୍ୱର ଯାଉଥିଲା ଯାତ୍ରୀବାହୀ ବସ୍ ।

## ବୟସର ଅପରାହ୍ନରେ ଅବହେଳିତ ବୃଦ୍ଧବୃଦ୍ଧା, ମିଳୁନି ସରକାରୀ ଯୋଜନାର ସୁଫଳ

# ବର୍ଦ୍ଧିତ ଭତ୍ତା କାହା ପାଇଁ ?



**ଗୋପବନ୍ଧୁନଗର,୬।୫ (ସଂଚାର ବ୍ୟୁରୋ):** ଘୋଷଣା ହେଲା ଆଉ ଘୋଷଣା ହେବା ପରେ ମନରେ ଆଶା ସଂଚାର ହେଲା । କିନ୍ତୁ ସେହି ଆଶା ସବୁଦିନ ପାଇଁ ଆଶାରେ ରହିଗଲା । ବୟସର ଅପରାହ୍ନରେ ଭତ୍ତା ଗଣ୍ଡାକ ନପାଇ ନିରାଶ ହୋଇ ପଡିଛନ୍ତି ଅସହାୟ ବୃଦ୍ଧ ବୃଦ୍ଧା । ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଅଧୀନରେ ବିଭିନ୍ନ ଗାଁରେ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧବୃଦ୍ଧା ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ରହିଛନ୍ତି । ଏ ହେଉଛନ୍ତି ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଗଡ଼ସାହିର ମନୋରମା ପତି। ବୟସ ୯୬ ଛୁଇଁଲାଣି । ଚାଲିବାକୁ ପାଦରେ ବଳ ନାହିଁ । ହେଲେ ସରକାରୀ ସହାୟତାରୁ ବଂଚିତ ରହିଛନ୍ତି। ସରକାରଙ୍କ ପକ୍ଷରୁ ପୂର୍ବରୁ ୧୨ ଶହ ଟଙ୍କା ଭତ୍ତା ପାଇ ଆସୁଥିବା ବେଳେ ଏବେ ସରକାର ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କ ପାଇଁ ୩୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯିବା କଥା । ହେଲେ ଆଜି ପର୍ଯ୍ୟନ୍ତ ସେ ବର୍ଦ୍ଧିତ ଭତ୍ତା ପାଇ ପାରି ନାହାନ୍ତି । ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ବି କୌଣସି ପ୍ରକାର ସମାଧାନ ହେଉନାହିଁ। ଭତ୍ତା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଏବେ ଆଉ ଫାଙ୍କା ନାହିଁ । ଭତ୍ତା ଦେଇ ହେବନି କହି ମିଳୁଛି ଉତ୍ତର। ବାରମ୍ବାର ଆବେଦନ ପରେ ବି ଆଜି ପର୍ଯ୍ୟନ୍ତ ସେ ବର୍ଦ୍ଧିତ ଭତ୍ତା ମିଳୁନି । ସମସ୍ୟା ଜିଲ୍ଲାପାଳଙ୍କ ନିକଟରେ ବି ପହଂଚିଲାଣି । ହେଲେ ସରକାରୀ ବାବୁମାନେ ସଠିକ ଭାବେ ରିପୋର୍ଟ ପ୍ରଦାନ କରୁନଥିବାରୁ ଭତ୍ତା ମିଳି ପାରୁ ନଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ପୁଣିଥରେ ଅଭିଯୋଗ ପାଇବା ପରେ ଖୁବଶୀଘ୍ର ସମାଧାନ ନେଇ ମିଳିଛି ପ୍ରତିଶ୍ରୁତି । ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ବେଳେ ତାହା କାମରେ ଲାଗିପାରୁନି। ଏଥିପ୍ରତି ଗୁରୁତ୍ୱ ଦିଆଯାଇ ଖୁବଶୀଘ୍ର ଭତ୍ତର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ବିଧାୟକ



**ଯାଜପୁର ରୋଡ଼,୬।୫(ସଂଚାର ବ୍ୟୁରୋ):** କୋରେଇରେ ବିରୋଧୀ ସଦାସର୍ବଦା ତୁତୁ ମେମେ ଜାରି ରହିଥିବା ବେଳ ବିଧାୟକ ଆକାଶ ଦାସନାୟକ'ଙ୍କ ଦ୍ୱାରା ଜନସାଧାରଣ ମାନଙ୍କ ସ୍ୱାର୍ଥ ପାଇଁ ଓ ଅଞ୍ଚଳରେ ବିଭିନ୍ନ ବିକାଶ ଧାରାର କାର୍ଯ୍ୟକ୍ରମ ବାସ୍ତବରେ ବିରୋଧୀଙ୍କ ସବୁ ମୁଦ୍ଦା ଉପରେ ଭାରି ପଡୁଛି। କୋରେଇ ବିଧାୟକ ଶ୍ରୀଦାସନାୟକ' ଆଜି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। କୋରେଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ଗ୍ରାମପଂଚାୟତ ଓ ହଳଦୀଗଡ଼ିଆ ଗ୍ରାମପଂଚାୟତରେ ୪ଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ସକାଳ ୧୦ ଘଟିକା ସମୟରେ ଧନେଶ୍ୱର ଗ୍ରାମପଂଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତି ନୂତନ ମଣ୍ଡିର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ମଣ୍ଡିର ଅଟକଳ ପରିମାଣ ୫୦ ଲକ୍ଷ ଟଙ୍କା ରହିଛି। ସେହିଠାରେ ହଳଦୀଗଡ଼ିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଅଟକଳ ପରିମାଣ ୪୫ ଲକ୍ଷ ଟଙ୍କା ରହିଛି। ସେହିପରି ଆସି ଶାଳକଣା ଛକ ଠାରେ କୋରେଇ ବରୁଣ୍ଡେଇ ପୂର୍ତ୍ତବିଭାଗ ରାସ୍ତା ଠାରୁ ତରପଦା, ଭାୟା - ବନ୍ତଳା, ପଦୀ ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଅଟକଳ ପରିମାଣ ୨ କୋଟି ୮୫ ଲକ୍ଷ ଟଙ୍କା ରହିଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଓ ବିଜେପି କାର୍ଯ୍ୟକର୍ତା ମାନେ ଉପସ୍ଥିତ ରହିଥିଲେ। ଏହି ଶ୍ରେଣୀରେ ଅଟକଳ ପରିମାଣ ୧୭ ଲକ୍ଷ ଟଙ୍କା ରହିଛି। ସେଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପଣ୍ଡୁଳା ଛକ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପଣ୍ଡୁଳା ଛକ ଠାରୁ ଖଣ୍ଡୁଆଳୀ ଉଚ୍ଚ ବିଦ୍ୟାଳୟ, ଭାୟା - ମାଲଦା, ଖାଁବାଗ, ପାଟୁଳି, ବାରଦା ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଅଟକଳ ପରିମାଣ ୩ କୋଟି ୬୦ ଲକ୍ଷ ରହିଛି। ତାପରେ ହଳଦୀଗଡ଼ିଆ ପଂଚାୟତ ଅଫିସ ପାଖରେ ହଳଦୀଗଡ଼ିଆ

## ୬୫ଟିକିଆ ଝାଡ଼ଖଣ୍ଡୀ ହାତୀପଲର ଆତଙ୍କ



**ନୀଳଗିରି,୬।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧିନ କୁଳଡିହା ଅଭୟାରଣ୍ୟର ପାଦଦେଶ ତିନିକୋଷିଆ ଓ ଗୋପାଳପୁର ସଂରକ୍ଷିତ ଜଙ୍ଗଲ । ଏହି ଜଙ୍ଗଲକୁ ପୁଣି ପଶିଲେ ୬୫ଟିକିଆ ଝାଡ଼ଖଣ୍ଡୀ ହାତୀପଲ, ଏବେ ଧାନ ଫସଲ ନଥିବା ବେଳେ ଗାଁକୁ ପଶି ହାତୀ ଉପଦ୍ରବ କରିବା ସହ ଘର ଭାଙ୍ଗିବା ନେଇ ଆଶଙ୍କା ଘାରୁଛି। ଏନେଇ ବନାଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ସୂଚନା ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ପଲ ଆସୁଛନ୍ତି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଦଳ ଆସି ଓଡିଶା ବର୍ଡର୍ ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ମଙ୍ଗଳବାର ଭୋର ସମୟରେ ୬୫ଟିକିଆ ହାତୀ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ଅଯୋଧା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏହି ହାତୀ ପଲରେ ୧୦ ଦନ୍ତା ଓ ୩୭ ମାଇ ହାତୀ ଥିବାବେଳେ ଛୁଆ ୧୮ ଥିବାର ଦେଖିବାକୁ ମିଳିଛି। ଏହି ହାତୀ ପଲ ଅପରାହ୍ନ ୬ ଘଟିକା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ହାତୀପଲ ତିନିକୋଶିଆକୁ ସଂରକ୍ଷିତ ଜଙ୍ଗଲ ମୁହାଁ ହେଉଥିବା ଜଣାପଡୁଛି। ବନବିଭାଗ ହାତୀର ଗତିବିଧି ନୀରିକ୍ଷଣ ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ଜଗି ରହିଛନ୍ତି। ହାତୀପଲ ଆସୁଥିବାର ଖବର ପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱକୁ ସଂଲଗ୍ନ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କାରଣ ହାତୀ ଜନବସତି ଭିତରକୁ ପ୍ରବେଶ ନ କରିବା ପାଇଁ ତିନିକୋଷିଆ ଓ ଗୋପାଳପୁର ସଂରକ୍ଷିତ ଜଗଂଲର ଚତୁଃପାର୍ଶ୍ୱରେ ଗତ ୧୦ ବର୍ଷ ପୂର୍ବେ ଖୋଳାଯାଇ ଥିବା ଟ୍ରେଞ୍ଚ ଓ ଲଗାଯାଇଥିବା ସୋଲାରବାଡ ପୁନରୁଦ୍ଧାର ହୋଇନାହିଁ।

## ମେଡିକାଲ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

**ଦଶରଥପୁର,୬।୫(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକସ୍ତ ମଙ୍ଗଳପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସଦା ସର୍ବଦା ରୋଗୀମାନଙ୍କ ଭରଷାର କେନ୍ଦ୍ରବିନ୍ଦୁ ପାଲଟି ଥାଏ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଯାଜପୁର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଲୋକମାନେ ନିର୍ଭର କରୁଥିବା ବେଳେ ପ୍ରତେହ ପ୍ରାୟ ୧୦୦୦ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଦିବା ଷ୍ଟାପ ଅଭାବ ରହିଛି ତଥାପି ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା କରିବା ପାଇଁ ଜଣେ ଦକ୍ଷ ଡାକ୍ତରଙ୍କ ଆବଶ୍ୟକ ପଡ଼ିଥାଏ। କିଛିଦିନ ଧରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡକ୍ଟର ବିନ୍ଦୁସାଗର ସାମଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସିଥିବା ବେଳେ ଅଚାନକ ତାଙ୍କର



ନିକଟ ବିଂଝାରପୁର ବ୍ଲକସ୍ତ ବିଂଝାରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି ହୋଇଯାଇଛି। ଶ୍ରୀ ସାମଲଙ୍କ ବଦଳି ପରେ ମଙ୍ଗଳପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦାୟିତ୍ୱ ସମ୍ଭାଳିବା ପାଇଁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ମହିଳା ଡାକ୍ତର ଡକ୍ଟର ଅମ୍ରିତା ପ୍ରିତମ ମଲ୍ଲଙ୍କ ଉପରେ ଭରଷା କରି ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଡକ୍ଟର ମଲ୍ଲ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି।

## ରାମ ମନ୍ଦିରରେ ପବିତ୍ର ସୀତାନବମୀ ଅନୁଷ୍ଠିତ

**ବ୍ରହ୍ମପୁର,୬।୫(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଷ୍ଟେସନ ରୋଡ଼ ସ୍ଥିତ ପ୍ରାଚୀନ ଶ୍ରୀ ପୁରୁଷୋତ୍ତମ ରାମ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ସୀତାନବମୀ ଉତ୍ସବ ଅତି ଉତ୍ସାହ ସହକାରେ ପାଳିତ ହୋଇଯାଇଛି। ସ୍ୱାମୀ ଅଖିଳାନନ୍ଦ ତୀର୍ଥ, ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ, ସାଧ୍ୱୀ ଭକ୍ତି ମାତା, ଜି.ଶ୍ରୀନିବାସ ଆଚାରୀ ଏବଂ ଅନ୍ୟ ଭକ୍ତ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ରହି ଶ୍ରୀ ସୁନ୍ଦରକାଣ୍ଡ ପାଠ, ସଂକୀର୍ତ୍ତନ ଓ ପ୍ରସାଦ ବଣ୍ଟନ ଆଦି ବ୍ୟବସ୍ଥା ସୁଚାରୁ ରୁପେ ପରିଚାଳନା କରିଥିଲେ। ଏହିଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍ଭାବନା ସମୃଦ୍ଧ ହେବା ସହ ବାତାବରଣ ସକାରାତ୍ମକ ଓ ସୌହାଦ୍ୟପୂର୍ଣ୍ଣ ହେଉଥିବା ପରିଲକ୍ଷିତ ହୋଇଛି।

## ବେନିଫିସିଏସନ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ପରିବେଶୀୟ ମଞ୍ଜୁରୀ ଜନଶୁଣାଣି

**ଯୋଡ଼ା,୬।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଉଞ୍ଚାବାଲି ଗ୍ରାମରେ ଇନ୍ଦ୍ରାଣୀ ପଟନାୟକ ଲୌହ ଓ ମାଙ୍ଗାନିଜ ଖଣି ର ଲିଜ ଅଞ୍ଚଳରେ ୪.୦ ଏମ ଟି ପି ଏ କ୍ଷମତା ବିଶିଷ୍ଟ ବି ଏଚ ଯେ/ ବି ଏଚ କ୍ୟୁ ବେନିଫିସିଏସନ କାରଖାନା ସ୍ଥାପନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ପରିବେଶିୟ ମଞ୍ଜୁରୀ ଜଣାଶୁଣାଣି ଅନୁଷ୍ଠିତ ହୋଇ ଯାଇଛି, ଏହି କାରଖାନା ଟି ମୋଟ ୧୦୬.୧୧୨୭ ହେକ୍ଟର କ୍ଷେତ୍ରଫଳ ଉପରେ ନିର୍ମାଣ ହେବ ବୋଲି ଜଣାପଡ଼ିଛି, ତେବେ ୦୬/୦୫/୨୦୨୫ ମଙ୍ଗଳବାରଦିନ ୧୧ ଟା ସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପ୍ରଶାନ୍ତ କୁମାର କର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଜଣାଶୁଣାଣି କାର୍ଯ୍ୟକ୍ରମ ରେ କାରଖାନା ଦ୍ୱାରା ପ୍ରଭାବିତ ହେବାକୁ ଥିବା ପଳଶା ଓ ବଳଦା ପଂଚାୟତ ର ଶତାଧିକ ପୁରୁଷ ମହିଳା ଉପସ୍ଥିତ ରହିଥିବା ବେଳେ କାରଖାନା ସ୍ଥାପନ ନିମନ୍ତେ ପୂର୍ଣ ସମର୍ଥନ ଦେଇଥିଲେ। ଏହି ଜଣାଶୁଣାଣି କାର୍ଯ୍ୟକ୍ରମ ରେ କେନ୍ଦୁଝର ଜିଲ୍ଲା ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଉଞ୍ଚାବାଲି ଗ୍ରାମର ବାସିନ୍ଦା ବାସୁଦେବ ନାଏକ, ଏବେକାର ଜିଲ୍ଲା ପରିଷଦ ସଦସ୍ୟ ସୁକୁମାରୀ ଦେହୁରୀ, ପଳସା ସରପଞ୍ଚ ନରେନ୍ଦ୍ର ମୁଣ୍ଡା ଉପସ୍ଥିତ ରହି ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସ୍ଥାନୀୟ ଲୋକଙ୍କୁ କାରଖାନା ରେ ନୁଯୁକ୍ତି, କାରଖାନା ରେ ବ୍ୟବହୃତ କଞ୍ଚାମାଲ ର ପରିବହନ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇ ନିଜର ସମର୍ଥନ ଜଣାଇଥିଲେ।

## ୮ ଗିରଫ, ବୋମାମାଡ଼ ଘଟଣାରେ



**ବ୍ରହ୍ମପୁର,୬।୫(ସଂଚାର ବ୍ୟୁରୋ)** ସହର ଉପକଣ୍ଠ ଫୁଲଟା ଗ୍ରାମରେ ଘନ ଘନ ବୋମା ମାଡ଼ ଘଟଣାରେ ପୋଲିସ୍ କୁ ସଫଳତା ମିଳିଛି। ଉକ୍ତ ଘଟଣାରେ ନିମଖଣ୍ଡି ଥାନା ପୋଲିସ୍ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ,ଲିଙ୍ଗରାଜ ଚର୍ଚ୍ଚା(୩୮),ବଳରାମ ଓରଫ ବଳିଆ ନାହାକ(୨୫),ସନ୍ୟାସୀ ଓରଫ ସନି ସାସମାଲ(୨୫),ସୁକାନ୍ତ ନାହାକ(୩୦),ଦଣ୍ଡପାଣି ସାସମଲ(୨୭)ପୂର୍ଣ୍ଣ ବସ୍ତିଆ(୩୨)ତପନ ଚର୍ଚ୍ଚା(୨୫)ସନ୍ତୋଷ ମଲ୍ଲିକ ଓରଫ ବାୟା(୩୫)। ସମସ୍ତ ଅଭିଯୁକ୍ତ ଫୁଲଟା ଗ୍ରାମର ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ତଦନ୍ତ ବେଳେ ଏକ ଅଫୁଟା ବୋମା ଜବତ୍ ହୋଇଛି। ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ଫୁଲଟା ଗ୍ରାମରେ ଘନ ଘନ ବୋମା ମାଡ଼ ହୋଇଥିଲା। ଏନେଇ ପୋଲିସ୍ ଖବର ପାଇବା ପରେ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲା। ପୂର୍ବରୁ ହିଁ ଗ୍ରାମ କମିଟି ଓ ଅନ୍ୟାନ୍ୟ କାରଣରୁ ଉକ୍ତ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ତେବେ ବିପରୀତ ଗୋଷ୍ଠୀଙ୍କୁ ଧମକ୍ ଦେବାକୁ ଅନ୍ୟ ଏକ ଗୋଷ୍ଠୀ ଏଭଳି ବୋମା ମାଡ଼ କରିଥିବା ଜଣାପଡିଥିଲା। ଯାହାକୁ ନେଇ ଗ୍ରାମରେ ୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୃତୟନ କରାଯାଇଥିଲା। ବର୍ତ୍ତମାନ ଗ୍ରାମରେ ପରିସ୍ଥିତି ସ୍ୱାଭାବିକ ସ୍ଥିତିରେ ଥିବା ପୋଲିସ୍ ସୂଚନା ଦେଇଛି।

## କ୍ଲଷ୍ଟରରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି,୬।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ କୃତୀ ଛାତ୍ରୀ ପ୍ରାଚୁର୍ଯ୍ୟା ପାଢ଼ୀ ଙ୍କୁ ସମ୍ବର୍ଦ୍ଧନା। ଗତକାଲି ସି ଆର ସି ସି ପ୍ରଦୀପ୍ତ କିଶୋର ଦାଶ ଙ୍କ ତତ୍ୱାବଧାନ ରେ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରୀ ପ୍ରାଚୁର୍ଯ୍ୟା ପାଢ଼ୀ ଚଳିତ ବର୍ଷ ଦଶମ ପରୀକ୍ଷା ରେ ଏ ୧ ଗ୍ରେଡ଼ ପାଇଥିବା ରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଗଜବନ ସି ଆର ସି ସି ନରେନ୍ଦ୍ର ପୁରୋହିତ ମୁଖ୍ୟ ଅତିଥି ତଥା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମାକାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ସୁଧୀର ଗଡ଼ତିଆ, ବିଭୁତି ଭୂଷଣ ରଥ, ବିଶ୍ୱଜିତ ସା, ଶିକ୍ଷୟିତ୍ରୀ ସୁଜାତା ସାହୁ, ତରଙ୍ଗିନୀ ମହାପାତ୍ର, ରେଣୁକା ଦାଶ, ରୀନା ବାଗ, ନମିତା ସାହୁ, ବବିତା ମେହେର, ସରୋଜ ଦାସିଆ, ପ୍ରଶାନ୍ତ ବାବୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରୀ ପ୍ରାଚୁର୍ଯ୍ୟା ତାଙ୍କର ସଫଳତା ର ଶ୍ରେୟ ବାପା ମା ତଥା ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀ ର ଉଜ୍ଜଳ ଭବିଷ୍ୟତ ର କାମନା କରିଥିଲେ ଓ ଆଗକୁ ବଢ଼ିବା ପାଇଁ ମାର୍ଗ ଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷକ ମାନଙ୍କୁ ଧନ୍ୟବାଦ ଦେଇଥିଲେ ଓ ଛାତ୍ରୀ ଙ୍କୁ ପ୍ରୋତ୍ସାହିତ କରିଥିଲେ। ଛାତ୍ରୀ ଙ୍କ ପିତା ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ପ୍ରଚେଷ୍ଟା ଓ ଛାତ୍ରୀ ର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହେଲା ବୋଲି ମତ ବ୍ୟକ୍ତ କରିଥିଲେ କ୍ଷଶିକ୍ଷକ ସୁଧୀର ଗଡ଼ତିଆ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ। ବିଗତ ବର୍ଷ ରେ ବିଦ୍ୟାଳୟ ର ଛାତ୍ରୀ ରିକି ଭୋଇନା ମଧ୍ୟ ଇ୧ପାଇଥିଲେ ।

## ଡ଼ଃ ରାଧାକାନ୍ତ ନାୟକଙ୍କ ଅସୋସିଏଟ୍ ପ୍ରଫେସର ଭାବେ ପଦୋନ୍ନତି



**ବ୍ରହ୍ମପୁର,୬।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଜଣେ ଦକ୍ଷ ଅନୁଭୂତି ସମ୍ପନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ଖଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଧାକନ୍ତ ନାୟକ। ଦୀର୍ଘ ୨୫ ଧରି ସେ ନିଜ କର୍ତ୍ତବ୍ୟବୋଧକୁ ସୂଚାରୁ ରୂପେ ସଂପାଦନ କରି ଆସୁଛନ୍ତି । ତାଙ୍କର ଦିଗଦର୍ଶନ, ଉତ୍ତମ ବ୍ୟକ୍ତିତ୍ୱ ଓ ବଳିଷ୍ଠ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସଫଳ ହାସଲ କରିଛନ୍ତି। ବିଗତ ଦିନରେ ତାଙ୍କରି ଦିଗ୍ ଦର୍ଶନରେ ଅନୁପ୍ରେରିତ ଓ ପ୍ରଭାବିତ ହୋଇ ଜାପାନରେ ଅନୁଷ୍ଠିତ ବିଶ୍ୱ ସମ୍ମିଳନୀରେ ଯୁବଛାତ୍ର ଅଭିଷେକ ପାଣିପାଗ ପରିବର୍ତ୍ତନ ସଂପର୍କିତ ପ୍ରସଙ୍ଗ ଉପସ୍ଥାପନ କରି ସଫଳତା ହାସଲ କରିଛନ୍ତି। ସର୍ବୋପରି ତାଙ୍କ ଦୃଢ଼ ଇଚ୍ଛାଶକ୍ତି , ଅଭିଜ୍ଞତା ଓ ଦକ୍ଷତାକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ତାଙ୍କୁ ଆସୋସିଏଟେ ପ୍ରଫେସର ଭାବେ ପଦୋନ୍ନତି ମିଳିଛି। ଏଥିପାଇଁ ଡ଼ଃ ନାୟକଙ୍କୁ ବିଦ୍ୟାଳୟର ଅଧ୍ୟାପିକା ଡ଼ଃ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ପ୍ରଶଂସକ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଗାଡ଼ି ସହ ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ



**ସୁବର୍ଣ୍ଣପୁର,୬।୫(ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ମାରୁତି ସ୍ୱିଫ୍ଟ ଡିଜାୟର ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଗତକାଲି ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ପଟାଭାଡି ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ୯.୩୦ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଧଳା ସ୍ୱିଫ୍ଟ ଡିଜାୟାର କାର ନଂ ଓଡି ୩୧ ଏଫ- ୬୬୯୯ କୁ ସନ୍ଦେହରେ ପଟାଭାଡି ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୨୧ କେଜି ଗଞ୍ଜେଇ ମିଳିଥିଲା। ଏବଂ କାରରେ ଥିବା ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାରଡୋଲ ଗାଁର ସୋମ୍ୟ ରଞ୍ଜନ ପ୍ରଧାନ(୨୬) ଓ ରଞ୍ଜନ କର୍ମୀ(୩୩) ବର୍ଷଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ଏହା ବୌଦ୍ଧ ଜିଲ୍ଲାରୁ ସମ୍ବଲପୁର ଜିଲ୍ଲାକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୩୯/୨୫ ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଗତକାଲି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏସଆଇ ବିଶ୍ୱନାଥ ଭୋଇ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ ସମୀର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ରେଣୁଗାଁରେ ଶହୀଦ କାଳିଆ ମହାନ୍ତ ଓ କଙ୍କା ମାଝୀଙ୍କ ସହିଦ ଦିବସ ପାଳିତ

**ବେତନଟୀ,୬।୫(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ରେଣୁଗାଁରେ ସହିଦ କାଳିଆ ମହାନ୍ତ ଯୁବକ ସଂଘ ତରଫରୁ ସହିଦ କାଳିଆ ମହାନ୍ତ ଓ ସହିଦ କଙ୍କା ମାଝୀଙ୍କ ୧୦୯ ତମ ବଳିଦାନ ଦିବସକୁ ସହିଦ ଦିବସ ଭାବରେ ପାଳନ କରାଯାଇଛି । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସହିଦ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଭକ୍ତହରି ମୁର୍ମୁ , ମୁଖ୍ୟ ବକ୍ତା ଭାବରେ ସମାଜସେବୀ ଉମାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ବାଳକୃଷ୍ଣ ଟୁଡୁ, କାଳିଆ ମହାନ୍ତଙ୍କ ଦାୟାଦ କୃପାସିନ୍ଧୁ ମହାନ୍ତ ପ୍ରମୁଖ ଯୋଗଦାନ କରି ସହିଦ କାଳିଆ ମହାନ୍ତ ଓ କଙ୍କା ମାଝୀଙ୍କର ସ୍ମୃତିଚାରଣ କରିଥିଲେ । ସଂଘର ସଭାପତି ଧର୍ମେନ୍ଦ୍ର ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତି, କୋଷାଧ୍ୟକ୍ଷ ସଞ୍ଜିତ ମହାନ୍ତ, ସଦସ୍ୟ କିଶୋର ବିନ୍ଧାଣୀ, ଦାମୋଦର ମହାନ୍ତ ଓ ଜୟକୃଷ୍ଣ ମହାନ୍ତ ପ୍ରମୁଖ ସହିଦଙ୍କ ସ୍ମୃତିଚାରଣ କରିବା ସହିତ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

## କ୍ଷେତ୍ରବାସୀ ମାହାରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ନର୍ଲା,୬।୫(ସଂଚାର ବ୍ୟୁରୋ):** ବରିଷ୍ଠ ଯାଦବ ନେତୃତ୍ୱ ତଥା ସୁସଂଗଠକ କ୍ଷେତ୍ରବାସୀ ମାହାରଙ୍କ ଶ୍ରଦ୍ଧାଞ୍ଜଳି ସଭା ନର୍ଲା ବ୍ଲକ ଅନ୍ତର୍ଗତ ଯୋଡାବନ୍ଧ ଗ୍ରାମଠାରେ ଯାଦବ ମହାସଭା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ଡ଼ଃ ସଞ୍ଜୟ କୁମାର ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ସଭାର ସଂଯୋଜନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଉତ୍କଳ ଯାଦବ ମହାସଭାର ପୂର୍ବତନ ସମ୍ପାଦକ କିର୍ତ୍ତନ ନାଏକ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ହୃଷିକେଶ ଭୋଇ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ତଥା ସ୍ୱର୍ଗତ ମାହାରଙ୍କ ବଡ଼ ଭାଇ ଦୁର୍ଲ୍ଲଭ ମାହାର, ଭବାନୀପାଟଣା ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ପୂର୍ବତନ ନର୍ଲା ବ୍ଲକ ଅଧ୍ୟକ୍ଷ ନିଳମଣି ସାହୁ, ଲୋକ ସଂସ୍କୃତି ଗବେଷକ ଡ଼ଃ ସୁନୀଲ କୁମାର ଧଙ୍ଗଡାମାଝୀ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ, କେସିଙ୍ଗା ବ୍ଲକ ଯାଦବ ସମିତି ସଭାପତି ପାନ୍ନାଲାଲ ବେମାଲ, ଗୋଲାମୁଣ୍ଡା ବ୍ଲକ ଯାଦବ ସମିତି ସଭାପତି ଗିରିଧାରୀ ତେଜି, ଲାଞ୍ଜିଗଡ଼ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗ, ଧର୍ମଗଡ଼ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ଯୁଏଡ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ଜିଲ୍ଲା ଯୁବ ଯାଦବ ମହାସଭାର ଉପସଭାପତି ଡାକେଶ୍ୱର ଲହଜଲ, ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ଗିରିଧାରୀ ଗଉଡ, ନର୍ଲା ବ୍ଲକ ସାଧାରଣ ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲ, ବରିଷ୍ଠ ଯାଦବ ନେତୃତ୍ୱ ନଳିନୀକାନ୍ତ ରାଉତ, ସତ୍ୟନାରାୟଣ ବିଶିଙ୍କ ସମେତ ଛତିଶ ପାଟକର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ମାହାରଙ୍କ ସ୍ମୃତି ଚାରଣ କରିଥିଲେ।

# ବସୁଧା ଯୋଜନାରେ ମାଲାମାଲ ଠିକାଦାର, ବେହାଲ ଗ୍ରାମବାସୀ



**କନ୍ଧମାଳ,୬।୫ (ସଂଚାର ବ୍ୟୁରୋ):** ଗ୍ରୀଷ୍ମପ୍ରବାହ ଜାରି ରହିଛି। ନଦୀ ନାଳ ଓ ପୋଖରୀ ପାଣି ଶୁଖି ଯାଇଥିବା ବେଳେ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଉଛି। ଯାହାଫଳରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକରେ ପାନୀୟ ଜଳର ଅଭାବ ବଢ଼ିବାରେ ଲାଗିଛି।ତାହାର ଜ୍ୱଳନ୍ତ ଉଦାହରଣ ଝିରିପାଣି ପଞ୍ଚାୟତର କୁମସରଫା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ହାଣ୍ଡି ମାଠିଆ ଧରି ମହିଳାମାନେ ଚାଉଳ ଧୁଆ ନଦୀ କୁଳର ଚଚରା ଘାଟ ଠାରେ ଏକ ପଥର ଚୁଆର ପାଣି ପିଇବା ପାଇଁ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ଙ୍କ କହିବା ଅନୁସାରେ ଦୁଇ ବର୍ଷ ପୂର୍ବେ କୁମସରଫା ଓ ଚଜାଙ୍ଗି ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ଚଜାଙ୍ଗି ଗ୍ରାମ ନିକଟର ଚାଉଳ ଧୁଆ ନଦୀକୁଳରେ ବସୁଧା ଯୋଜନାର ଟ୍ୟାଙ୍କି ନିର୍ମାଣ କରାଯାଇ ପାଇପ ମଧ୍ୟ ବିଛା ଯାଇଛି। ବସୁଧା ଯୋଜନାରେ ଉଭୟ ଗ୍ରାମର ପ୍ରତି ଘରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ କରାଯାଇଛି।ହେଲେ ଦୁଇ ବର୍ଷ ହେଲାଣି କୁମସରଫା ଗ୍ରାମକୁ ପିଇବା ପାଣି ଛଡ଼ା ଯାଇନାହିଁ। କରାଯାଇଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକ ଭାଙ୍ଗିବାକୁ ବସିଲାଣି। ହେଲେ ସେହି ଗ୍ରାମରେ ଗୋଟିଏ ନଳ କୂପ ରହିଛି। ସେହି ନଳ କୂପର ଭୂତଳ ଜଳସ୍ତର କମିବାରୁ ପାଣି ବାହାରୁ ନାହିଁ। ଅଧା ଘଣ୍ଟା ପାଖାପାଖି ନଳ କୂପ ମାରିଲେ ଏକ ବାଲ୍ଟି ପାଣି ବାହାରିଥାଏ। ସେହି ପାଣି ଧୂସର ରଙ୍ଗ ପରି ଦେଖା ଯିବା ସହିତ ପିଇବା ପାଇଁ ଭଲ ଲାଗେ ନାହିଁ ଓ ଭାତ ରାନ୍ଧିବା ପାଇଁ ଗରମ କଲେ କଳା ପଡ଼ିଯାଏ। ସେହି କାରଣରୁ ଗ୍ରାମବାସୀ ନଳ କୂପର ପାଣି ପିଇବାକୁ ଇଚ୍ଛା କରନ୍ତି ନାହିଁ। ଆଉ ବାଧ୍ୟ ହୁଅନ୍ତି ଚାଉଳ ଧୁଆ ନଦୀ କୁଳର ପଥର ଚୁଆ ପାଣି ପିଇବାକୁ। ବର୍ଷା ଦିନେ ସେହି ନଦୀରେ ବଢ଼ି ପାଣି ଚୁଆରେ ପଶିଯାଏ। ଯାହାଫଳରେ ଗ୍ରାମବାସୀ ପିଇବା ପାଇଁ ପାଣି ସମସ୍ୟା ଆହୁରି ବଢ଼ି ଯାଏ। ଗ୍ରାମ ନିକଟରେ ଥିବା କ୍ଷେତରୁ ପିଇବା ପାଣି ସଂଗ୍ରହ କରିଥାନ୍ତି।ଏହି ବାବଦରେ ଗ୍ରାମର ସଦେ ମାଝିଙ୍କୁ ପଚାରିବାରୁ ସେ ଏହି ବାବଦରେ ଦୁଇ ବର୍ଷ ତଳେ ପିଇବା ପାଣି ଯୋଗାଇବା ପାଇଁ ପାଇପ ସଂଯୋଗ କରାଯାଇ ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ କାର ଗଲା ହେଲେ ପାଣି ଆସୁ ନାହିଁ ତାପରେ ସରପଞ୍ଚଙ୍କୁ ଏହି ବାବଦରେ ଅଭିଯୋଗ ମଧ୍ୟ କରିଛୁ ହେଲେ କୌଣସି ସୁଫଳ ମିଳି ନାହିଁ। ତେଣୁ ଆମେ ଗ୍ରାମବାସୀ ବାଧ୍ୟ ହେଲୁ ଚାଉଳ ଧୁଆ ନଦୀ କୁଳର ଚଚରା ଘାଟରେ ପଥର ଫଟାଇ ଏକ ପଥର ଚୁଆ କରି ସେହି ପାଣିକୁ ପିଉଛୁ।ଯାହାଫଳରେ ଜଳ ବାହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି କହିବା ସହିତ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବୀ କରିଛନ୍ତି। ଏହି ବାବଦରେ ସରପଞ୍ଚ କାନ୍ତି ପାତ୍ରଙ୍କୁ ପଚାରିବରୁ ସେ ସେହି ଗ୍ରାମକୁ ତୁରନ୍ତ ଜଳ ଯୋଗାଣ କରା ଯିବ ବୋଲି କହିଛନ୍ତି। ସେହିପରି ତୁମୁଡିବନ୍ଧ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ସ୍ନେହଲତା ପ୍ରଧାନଙ୍କୁ ପଚାରିବରୁ ଏହି ବାବଦରେ କୌଣସି ଅଭିଯୋଗ ହସ୍ତଗତ ହୋଇ ନାହିଁ। ତେବେ ସେହି ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।